


ରିଚାଙ୍କ ବିସ୍ଫୋରକ ଇନିଂସ୍ | ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live    mail Id: sancharodisha@gmail.com

RNI NO :ODIODI/2001/04811   Postal Regd No : BN/249/15-17

Vol. 32 | ISSUE 322 | ଭାଗ ୩୨ | ସଂଖ୍ୟା ୩୨୨ | Bhubaneswar | Saturday 15 February 2025 | Page 8 Rs. 4.00 | ● ଭୁବନେଶ୍ୱର ଶନିବାର ୧୫ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଶିକ୍ଷାର ଦୟନୀୟ ସ୍ଥିତି

- ଅଷ୍ଟମରେ ୫୦% ପିଲାଙ୍କୁ ଆସୁନି ହରଣ
- ୩୦% ଫେଡାଣରେ ଫେଲ

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ପ୍ରାୟ ୫୦ ପ୍ରତିଶତରୁ ଅଧିକ ପିଲାଙ୍କୁ 'ହରଣ' ଆସୁନି । ୩୦ ପ୍ରତିଶତରୁ ଅଧିକ ପିଲାଙ୍କୁ 'ଫେଡ଼ାଣ' ଆସୁନି । ରାଜ୍ୟରେ ସ୍କୁଲ ଶିକ୍ଷାର ଏଭଳି ଦୟନୀୟ ଚିତ୍ରକୁ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି । ୨୦୨୪ ଜାତୀୟ ପରିସଂଖ୍ୟାନ ତୁଳନାରେ ଓଡ଼ିଶାର ଅନୁପାତ ଯଦିଓ ଉର୍ଦ୍ଧ୍ୱରେ ରହିଛି ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ କିନ୍ତୁ ପଦାରେ ପକାଇଛି । ବିଧାୟକ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ 'ଅସର' ସର୍ବେକ୍ଷଣ ରିପୋର୍ଟକୁ ଆଧାର କରି ରାଜ୍ୟରେ ଅଷ୍ଟମ ଶ୍ରେଣୀ ପିଲାମାନଙ୍କର ଶିକ୍ଷଣ ସ୍ତରର ତଥ୍ୟ ଦେଇଛନ୍ତି । 'ଅସର' ସର୍ବେକ୍ଷଣ ରିପୋର୍ଟ -୨୦୨୪ ଅନୁସାରେ 'ଫେଡ଼ାଣ' ସମାଧାନ କରିପାରୁଥିବା ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୯.୫ ପ୍ରତିଶତ ରହିଛି । ୨୦୧୪ରେ ଅଷ୍ଟମରେ ପଢୁଥିବା ୬୩.୪ ପ୍ରତିଶତ ପିଲା ଫେଡ଼ାଣ ସମାଧାନ କରିପାରୁଥିବାବେଳେ ୨୦୨୪ରେ ଏହି ହାର ପ୍ରାୟ ୬ ପ୍ରତିଶତ ବଢି ୬୯.୫ରେ ପହଁଚିଛି। ➪ପୃଷ୍ଠା-୬

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
## ବକେୟା ଦରମା ପାଇବେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଓଡ଼ିଶା ଜୀବିକା ମିଶନ ଗତ ୨୦୧୨ ମସିହା ଅପ୍ରେଲ ୧ ତାରିଖରୁ କାର୍ଯ୍ୟକାରୀ ହୋଇଆସୁଥିବା ବେଳେ ଏଥିରେ ସାମିଲ୍ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କୁ ବକେୟା ଦରମା ମିଳିବ ବୋଲି ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ବିବୃତି ଉପସ୍ଥାପନ କରି କହିଛନ୍ତି ଯେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କୁ ଗତ ବର୍ଷ ଅପ୍ରେଲ୍‌ରୁ ୧୦ ମାସର ବକେୟା ଦରମା ପ୍ରଦାନ କରାଯିବ। ଏଥିରେ ସିଆରପି-ସିଏମ୍, ମାଷ୍ଟର୍ ବୁକ୍ କିପର୍ (ଏମ୍‌ବିକେ), ବ୍ୟାଙ୍କ ମିତ୍ର ଓ ପ୍ରାଣୀ ମିତ୍ର ଆଦି ସାମିଲ୍। ଏପରି ନିଷ୍ପତ୍ତି ଦ୍ୱାରା ରାଜ୍ୟର ମୋଟ ୬୨ ହଜାର ୩୪୧ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଉପକୃତ ହେବେ। ଗ୍ରାମୀଣ ଜୀବିକା ମିଶନ୍ ଅଧୀନରେ ଗ୍ରାମୀଣ ପରିବାରମାନଙ୍କର ଜୀବନ ଜୀବିକାରେ ଉନ୍ନତି ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ପରିବାରର ମହିଳାଙ୍କୁ ସାମିଲ କରାଯାଉଛି।



ପୁନର୍ବାର ଏହି ଏସ୍‌ଏଚ୍‌ଜିମାନଙ୍କୁ ବିଭିନ୍ନ ସାମାଜିକ ତଥା ଅର୍ଥନୈତିକ ସହାୟତା ପ୍ରଦାନ କରିବା ପାଇଁ ସେମାନଙ୍କୁ ଗ୍ରାମ ଓ ପଞ୍ଚାୟତସ୍ତରରେ ସଂଗଠିତ କରାଯାଉଛି। ଏହି ଏସ୍‌ଏଚ୍‌ଜି, ଆଞ୍ଚଳିକ ମଞ୍ଚ (ସିଏଲ୍‌ଏଫ୍) ଓ ଗ୍ରାମ ପଞ୍ଚାୟତ ସଂଘ (ଜିପିଏଲ୍‌ଏଫ୍)ଗୁଡ଼ିକୁ ସୁଦୃଢ ଓ ସଶକ୍ତ କରିବା ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କୁ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ଦ୍ୱାରା ନିଯୁକ୍ତି ଦିଆଯାଇଥିଲା।

ଓଡ଼ିଶା ଜୀବିକା ମିଶନ୍ ପକ୍ଷରୁ ଗତ ୨୦୧୯ ଫେବୃଆରୀ ୨ ତାରିଖରେ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ପାରିଶ୍ରମିକ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଜାରି କରଯାଇଥିଲା। ଏହି ଅନୁସାରେ ସେମାନଙ୍କୁ ନିଯୁକ୍ତିର ପ୍ରଥମ ୩ ବର୍ଷ ➪ପୃଷ୍ଠା-୬

## ମା'ମାନଙ୍କ ପ୍ରତି ସମ୍ବେଦନଶୀଳ ମୋହନ ସରକାର
# ଆରମ୍ଭ ହେଲା ଲକ୍ଷପତି ଦିଦି ଯୋଜନା

## ଆରମ୍ଭରୁ ହଙ୍ଗାମା, ନାରାବାଜି
## ଚାଷୀ ଓ ଆଇନ ଶୃଙ୍ଖଳା ନେଇ ବିରୋଧୀଙ୍କ ହଲ୍ଲାପଟା

- ସ୍ୱତନ୍ତ୍ର ଆଲୋଚନା ଦାବିରେ ଗୃହ ଅଚଳ
- ବିଜେପିର ଅଭିଯୋଗ ପଳାତକ ସାଜୁଛନ୍ତି ବିରୋଧୀ

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ବିଧାନସଭାର ବଜେଟ ଅଧିବେଶନ ଆରମ୍ଭରୁ ସରକାରଙ୍କୁ ଘେରିବାକୁ ଗୃହ ମଧ୍ୟରେ ହଲାପଟା କରିଛନ୍ତି ବିରୋଧୀ। ଚାଷୀ, କଟନୀ ଛଟନୀ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରସଙ୍ଗରେ ଶାସକ ଦଳକୁ ତୀର ମାରିଛନ୍ତି ବିରୋଧୀ। ଅନ୍ୟପଟେ ଲୋକଙ୍କ ପ୍ରସଙ୍ଗରେ ଆଲୋଚନା ନକରି ବିରୋଧୀ ପଳାୟନପନ୍ଥୀ ସାଜିଛନ୍ତି ବୋଲି କହିଛି ଶାସକ ଦଳ।ଗତକାଲି ବଜେଟ ଅଧିବେଶନ ପାଇଁ ରାଜ୍ୟପାଳ ଅଭିଭାଷଣ ରଖିବା ପରେ ସରକାରଙ୍କୁ ଘେରିବାକୁ ସୁଯୋଗ ପାଇନଥିଲେ ବିରୋଧୀ। କିନ୍ତୁ ବଜେଟ ଅଧିବେଶନର ଦ୍ୱିତୀୟ ଦିନରେ ଗୃହରେ ସରକାରଙ୍କୁ ନାକେଦମ କରିଛନ୍ତି। ଗୃହରେ ପ୍ରଶ୍ନକାଳ ଆରମ୍ଭରୁ ପୁରୁଣା ଅନ୍ଦାଜରେ ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ କଂଗ୍ରେସ ସଦସ୍ୟ। ତାରାଙ୍କର ସେହି ଚିରାଚରିତ ଷ୍ଟାଇଲ। ➪ପୃଷ୍ଠା-୬

## ଖୁବଶୀଘ୍ର ହଟିବ ସସ୍‌ପେନ୍ସ
## ୨୮ ପୂର୍ବରୁ ନିଗମ ଓ ବୋର୍ଡ ଅଧକ୍ଷ ନିଯୁକ୍ତି

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଖାଲିପଡ଼ିଥିବା ସବୁ ନିଗମ ଓ ବୋର୍ଡ ଅଧକ୍ଷ ପଦ ଖୁବଶୀଘ୍ର ପୂରଣ ହେବ। ମିଳିଥିବା ସୂଚନାନୁଯାୟୀ, ଚଳିତ ମାସ ଶେଷ ସୁଦ୍ଧା ଏହିସବୁ ପଦବୀ ପୂରଣ କରାଯିବ। ସରକାରକୁ ଆସିବା ପରେ ବିଜେପିରେ ନିଗମ ଓ ବୋର୍ଡ ଅଧକ୍ଷ ଓ ଉପାଧକ୍ଷ ପଦ ପାଇଁ ବହୁ ସଂଖ୍ୟାରେ ଆଶାୟୀ ଥିଲେ। ତେବେ ସହମତି ଭିତ୍ତିରେ ଏହିସବୁ ସ୍ଥାନରେ ବିଜେପି ନେତାଙ୍କୁ ଥଇଥାନ କରାଯିବ। ବିଜେପି କ୍ଷମତାକୁ ଆସିବାର ୮ ମାସ ବିତିଯାଇଥିଲେ ବି ଏଯାଏଁ ନିଗମ ଓ ବୋର୍ଡ ଅଧକ୍ଷ ପଦ ପୂରଣ ହୋଇନି। ସଙ୍ଗଠନ ପୁନର୍ଗଠନ ପ୍ରକ୍ରିୟା ଭିତରେ ନିଗମ ଓ ବୋର୍ଡ ଅଧକ୍ଷ ଓ ଉପାଧକ୍ଷ ପଦ ପୂରଣ ହୋଇପାରିନି। ସେପଟେ ପ୍ରଥମ ଥର ପାଇଁ ବିଜେପି ସରକାରକୁ ଆସିଥିବାରୁ ଆଶାୟୀଙ୍କ ତାଲିକା ବି ବେଶ୍ ଲମ୍ବା। ସେଥି ମଧ୍ୟରେ ରାଜ୍ୟନୈତିକ ବାଧ୍ୟବାଧକତା, ଆଞ୍ଚଳିକ ଆବଶ୍ୟକତାକୁ ଆଧାର କରି ସହମତି ଭିତ୍ତିରେ ଏହିସବୁ ପଦବୀ ପୂରଣ କରାଯାଉଛି। ନିଗମ ଓ ବୋର୍ଡ ଅଧକ୍ଷ ପଦ ମୁଖ୍ୟମନ୍ତ୍ରୀଙ୍କ କର୍ତ୍ତୃତ୍ୱାଧୀନ ଥିବାରୁ ➪ପୃଷ୍ଠା-୬

## ପ୍ରେସ କନଫରେନ୍ସରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ
## ବିଶ୍ୱକୁ ବଦଳାଇଦେବ ଭାରତ-ଆମେରିକା ସହଯୋଗ

**ୱାଶିଂଟନ୍,୧୪।୨:** ସମ୍ପ୍ରତି ଆମେରିକା ଗସ୍ତରେ ଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ପ୍ରେସ କନଫରେନ୍ସରେ ଉଦବୋଧନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ ଓ ଆତିଥେୟତା ପ୍ରଦର୍ଶନ କରିଥିବାରୁ ସେ ସର୍ବପ୍ରଥମେ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଥିଲେ। ଭାରତ ଓ ଆମେରିକାର ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିଥିବାରୁ ଟ୍ରମ୍ପଙ୍କ ନେତୃତ୍ୱକୁ ମୋଦି ଧନ୍ୟବାଦ ଦେଇଥିଲେ। ପ୍ରଥମ ପାଳିରେ ଉଭୟ ରାଜନେତା ଯେଉଁ ଉତ୍ସାହ ଓ ଉଦ୍ଦୀପନା ଦେଖାଇଥିଲେ ତାହା ଆଜି ବି କାଏମ ରହିଥିବା ମୋଦି ଉଲ୍ଲେଖ କରିଥିଲେ। ପ୍ରଥମ ପାଳିରେ ପରିଲକ୍ଷିତ ହୋଇଥିବା ସଫଳତା ଉଭୟ ପକ୍ଷ ଭିତରେ ହୋଇଥିବା ଆଲୋଚନା ଓ ପାରସ୍ପରିକ ବୁଝାମଣା ଯୋଗୁଁ ସମ୍ଭବ ହୋଇପାରିଥିବା ମୋଦି କହିଥିଲେ। ଭାରତ ଓ ଆମେରିକା ଭିତରେ ରହିଥିବା ପାରସ୍ପରିକ ସହଯୋଗ ଓ ସୌହାର୍ଦ୍ଦ୍ୟ ସମଗ୍ର ବିଶ୍ୱକୁ ପରିବର୍ତ୍ତନ କରିବାରେ ସଫଳ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ରାଷ୍ଟ୍ରପତି ଟ୍ରମ୍ପଙ୍କ ମେକ ଆମେରିକା ଗ୍ରେଟ ଏଗେନ (ମାଗା) ଆହ୍ୱାନ ପରି ବିକଶିତ ଭାରତ ୨୦୪୭ ଆଡ଼କୁ ସାରା ଭାରତ ଅଗ୍ରସର ହେଉଥିବା ମୋଦୀ କହିଥିଲେ।



ମୋଦି କହିଥିଲେ ଯେ ୨୦୩୦ ସୁଦ୍ଧା ଉଭୟ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟକ କାରବାରକୁ ୫୦୦ ବିଲିୟନ ଡଲାରକୁ ଉନ୍ନୀତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପାରସ୍ପରିକ ବାଣିଜ୍ୟକ ରାଜିନାମାରେ ଉପନୀତ ହେବା ପାଇଁ ତାଙ୍କ ଟିମ କାମ କରୁଛି। ଭାରତର ଶକ୍ତି ନିରାପତ୍ତା ପାଇଁ ତୈଳ ଓ ଗ୍ୟାସ ବାଣିଜ୍ୟକୁ ମଜବୁତ କରାଯାଉଛି। ଶକ୍ତି କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ କରାଯିବ। ଆଣବିକ ଶକ୍ତି କ୍ଷେତ୍ରରେ ଛୋଟ ମୋଡ୍ୟୁଲାର ରିଆକ୍ଟର ଦିଗରେ ସହଯୋଗ ବୃଦ୍ଧି ➪ପୃଷ୍ଠା-୬

## ବିଧାନସଭାରେ ଅରୁଣ-ସୂରଜ ମୁହାଁମୁହିଁ

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ଗତ ସାଧାରଣ ନିର୍ବାଚନରେ ବିଜେପିର ଅନ୍ୟତମ ପ୍ରମୁଖ ରାଜନୈତିକ ଅସ୍ତ୍ର ଥିଲା ଓଡ଼ିଆ ଅସ୍ମିତା। ଏହି ଅସ୍ମିତା ଶବ୍ଦ ହିଁ ବିଜେଡି ପାଇଁ ପରାଜୟର ଏକ କାରଣ ବୋଲି କୁହାଯାଉଛି। ହେଲେ ଅସ୍ମିତାର ଅର୍ଥ କଣ ତାହା ବୁଝିପାରୁନାହାନ୍ତି ବିଜେଡି ବିଧାୟକ ଡକ୍ଟର ଅରୁଣ ସାହୁ। ଏନେଇ ସେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରଶ୍ନ କରିଛନ୍ତି ଆଉ ମନ୍ତ୍ରୀ ମଧ୍ୟ ତା'ର ରୋଚକ ଉତ୍ତର ଦେଇଛନ୍ତି।




ବଜେଟ୍ ଅଧିବେଶନର ଦ୍ୱିତୀୟ ଦିନରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଓଡ଼ିଆ ଅଭିଧାନରେ ଅସ୍ମିତା ଶବ୍ଦର ଅର୍ଥ କ'ଣ; ଓଡ଼ିଆ ଅସ୍ମିତାର ସମ୍ପୂର୍ଣ୍ଣ ବ୍ୟାଖ୍ୟା ସମ୍ପର୍କରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ ପଚାରିଥିଲେ। ଏହାପରେ ଲିଖିତ ଉତ୍ତର ରଖି ସ୍ପଷ୍ଟ ଭାବେ ଅସ୍ମିତାର ଅର୍ଥ ବୁଝାଇଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସୂର୍ଯ୍ୟବଂଶୀ ନିଜ ଲିଖିତ ଉତ୍ତରରେ ଲେଖିଛନ୍ତି, ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ୨୦୧୭ରେ ପ୍ରକାଶିତ ଓ ୨୦୨୦ରେ ପୁନଃପ୍ରକାଶିତ ଚଳନ୍ତି ଓଡ଼ିଆ ଅଭିଧାନ ଅନୁଯାୟୀ ଅସ୍ମିତା ଶବ୍ଦର ଅର୍ଥ- ଅସ୍ମିତା ବି. ମୁଁ ପଣ, ଅହଂଜ୍ଞାନ, ମୁଁ ଭାବ, ମୁଁ ଅଛି-ଏହି ଭାବ, ଆତ୍ମ ପରିଚିତ।

ତେବେ ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅରୁଣ କହିଛନ୍ତି ମନ୍ତ୍ରୀଙ୍କ ଉତ୍ତର ସନ୍ତୋଷଜନକ ନୁହେଁ। ମୁଁ ଉତ୍ତର ବୁଝି ନପାରିବାରୁ ପୁଣିଥରେ ପଚାରିଲି। ➪ପୃଷ୍ଠା-୬



### କାନ ଡେରିଥା

ପ୍ରେମୀ ଯୁଗଳ କି ସଂସାର ଭବିଷ୍ୟ
ସେମାନେ ଜାଣି ଅଜ୍ଞାନୀ
ମମତାଜ ପ୍ରେମ ଆଉ ଦିଶୁନାହିଁ
ହୋଟେଲ ଭର୍ତ୍ତି ହେଲାଣି
ବ୍ରେକଅପ ହୋଇ ଗଲାଣି...
କିଏ ମାସିକିଆ,ଆଉ କେ ବରଷେ
ଆଉ କେ ଭୁଲି ଗଲେଣି ।

■ ଦେବାଶିଷ

## ପୁଣି ଆମ ବସ୍ ଆତଙ୍କ



- ଡିଏନ ଛକରେ ମହିଳାଙ୍କ ଉପରେ ଚଢ଼ିଗଲା ବସ୍
- ଶ୍ରୀୟା ଛକରେ ବସ୍‌କୁ ଢେଲା ମାଡ଼

**ଭୁବନେଶ୍ୱର,୧୪।୨ (ସଂଚାର ବ୍ୟୁରୋ):** ତାଗିଦ ପରେ ବି ସୁଧୁରୁନି ଆମ ବସ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା। ଆଜି ଭୁବନେଶ୍ୱରରେ ଆମ ବସର ବେପାରୁଆ ବସ ଚଳାଇବାର ଦୁଇଟି ଘଟଣା ଘଟିଛି। ଡିଏନ ରେଗାଲିଆ ଛକରେ ମୋ ବସ ଧକ୍କାରେ ଜଣେ ମହିଳାଙ୍କ ମୃତ ହୋଇଥିବା ବେଳେ ଏକାଧିକ ଗୁରୁତର ହୋଇଛନ୍ତି। ସେପଟେ ଶ୍ରୀୟ ଛକରେ ବେପରୁଆ ବସ ଚଳାଉଥିବାରୁ ମୋ ବସକୁ ଢେଲାମାଡ ସହ ଉତ୍ତେଜନା ସୃଷ୍ଟି ହୋଇଥିଲା। ଡିଏନ ରେଗାଲିଆ ଛକରେ ବସ ଚଢିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହେବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମହିଳା ଜଣକ ସ୍କୁଟିରେ ଯାଉଥିବା ବେଳେ ବସ ଚକା ତଳେ ଚାପି ➪ପୃଷ୍ଠା-୬

## ଭକ୍ତଙ୍କ ବଡ଼ ନିଷ୍ପତ୍ତି
## ସବୁ ନେତାଙ୍କ ଉପରୁ ହଟିଲା ବହିଷ୍କାର ଓ ନିଲମ୍ବନ

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ନୂତନ ପିସିସି ସଭାପତି ଭାବେ ଭକ୍ତ ଚରଣ ଦାସଙ୍କୁ ଦାୟିତ୍ୱ ଦିଆଯିବା ପରେ ଆଜି ଦଳର ସ୍ଥିତି ସୁଧାରିବା ଦିଗରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବିଗତ ଦିନରେ ଦଳରୁ ନିଲମ୍ବିତ ଓ ବହିଷ୍କୃତ ହୋଇଥିବା ନେତାଙ୍କ ଉପରୁ ଆଦେଶ ହଟାଇ ଦେଇଛନ୍ତି। ସେହିଭଳି ଦଳର ପୁରୁଣା ନେତାଙ୍କୁ ବି ଫେରାଇ ଆଣିବା ସକାଶେ ଭକ୍ତ ନିଷ୍ପତ୍ତି ନେଇଛନ୍ତି।

ନୂତନ ସଭାପତି ଜାରି କରିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଯେଉଁମାନଙ୍କୁ କୌଣସି ନା କୌଣସି ପରିସ୍ଥିତିରେ ଦଳରୁ ନିଲମ୍ବନ କିମ୍ବା ବହିଷ୍କାର କରାଯାଇଥିଲା, ସେସବୁକୁ ପ୍ରତ୍ୟାହାର କରିଦିଆଗଲା। ବିଭିନ୍ନ ସମୟରେ ଯେଉଁମାନେ କଂଗ୍ରେସ ଛାଡ଼ି ଚାଲିଯାଇଛନ୍ତି, ସେମାନେ ମଧ୍ୟ ପୁନର୍ବାର ଦଳକୁ ଫେରି ଆସିବାକୁ ମଧ୍ୟ ନିବେଦନ କରୁଛି। ଯଦି ସେମାନେ କଂଗ୍ରେସ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ଯୋଗଦାନ କରିବାକୁ ଇଚ୍ଛୁକ, ତା'ହେଲେ ସେମାନଙ୍କୁ ଦଳକୁ ସମ୍ମାନର ସହ ସ୍ୱାଗତ କରାଯିବ ବୋଲି ସଭାପତି ଉକ୍ତ ଚିଠିରେ ଦର୍ଶାଇଛନ୍ତି। ସେହିପରି ଆସନ୍ତା ୧୮ ତାରିଖରେ ଦଳ ପକ୍ଷରୁ ପୁରୀ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଏକ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହେବ। ଏଥିସକାଶେ ୯ ଜଣ ସଦସ୍ୟଙ୍କୁ ନେଇ ଏକ ସମନ୍ୱୟ କମିଟି ଗଠନ କରାଯାଇଛି ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।



### ବଦଳିଲେ ପ୍ରଭାରୀ
## ସପ୍ତଗିରିଙ୍କୁ ୪ ରାଜ୍ୟ ଦାୟିତ୍ୱ

ରାଜ୍ୟ କଂଗ୍ରେସ ପ୍ରଭାରୀ ପରିବର୍ତ୍ତନ ହୋଇଛି। ଅଜୟ କୁମାରଙ୍କ ବଦଳରେ ଅଜୟ କୁମାର ଲାଲୁଙ୍କୁ ଓଡ଼ିଶାର ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି । ନୂଆ ପିସିସି ସଭାପତି ଭାବେ ଭକ୍ତ ଦାସଙ୍କ ନିଯୁକ୍ତି ପରେ ପ୍ରଭାରୀ ପରିବର୍ତ୍ତନ କରିଛି ଏଆଇସିସି । ନିର୍ବାଚନ ବେଳେ ଅଜୟଙ୍କ କାର୍ଯ୍ୟକୁ ନେଇ ଅସନ୍ତୁଷ୍ଟ ଥିଲେ ଭକ୍ତ। ନିର୍ବାଚନ ସମୟରେ ପ୍ରଚାର କମିଟି ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ ଭକ୍ତ। ଓଡ଼ିଶା ସମେତ ୧୧ ରାଜ୍ୟ ପାଇଁ ନୂଆ ପ୍ରଭାରୀ ନିଯୁକ୍ତ କରିଛି ଦଳ। ସେହିଭଳି ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କୁ ମହାସଚିବ ଭାବେ ନିଯୁକ୍ତି ଦେଇ ପଞ୍ଜାବ ଦାୟିତ୍ୱ ଦେଇଛି ଦଳ। କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକାଙ୍କୁ ମଧ୍ୟ କଂଗ୍ରେସ ଗୁରୁ ଦାୟିତ୍ୱ ଦେଇଛି। ତାଙ୍କୁ ମଣିପୁର, ତ୍ରିପୁରା, ସିକିମ ଓ ନାଗାଲାଣ୍ଡ ପ୍ରଭାରୀ ଭାବେ ଦାୟିତ୍ୱ ମିଳିଛି।

# ପାଣ୍ଡିଆନଙ୍କ ବେଳକୁ ଚୁପ୍ କାହିଁକି ଛାମୁଆ ନେତା?

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ଗତ କିଛିଦିନ ହେଲା ବିଜେଡି, ଏହାର ନେତା ନବୀନ ପଟ୍ଟନାୟକ ଓ ରାଜନୀତିରୁ ଦୂରେଇଯାଇଥିବା ପାଣ୍ଡିଆନଙ୍କ ଉପରେ ପୁସ୍ତକ ଲେଖା ଜରିଆରେ ଆକ୍ରମଣ ହେଉଥିବାବେଳେ ଏହାକୁ ମୁକାବିଲା କରିବାରେ ବିଜେଡିର ଛାମୁଆ ନେତାମାନେ ପକ୍ଷପାତ ନୀତି ଆପଣଉଛନ୍ତି। ରୁବେନ ବାନାର୍ଜୀଙ୍କ ପୁସ୍ତକକୁ ବିରୋଧ କରିବା ପାଇଁ ଜଣକ ପରେ ଜଣେ ବିଜେଡିର କୁହାଳିଆ ନେତା ଆଗକୁ ଆସିଥିବାବେଳେ ଡିଆର ପଟ୍ଟନାୟକଙ୍କ ପୁସ୍ତକ ବେଳକୁ କିନ୍ତୁ ସମସ୍ତେ ନିରବ।

### ରୁବେନଙ୍କୁ ଛି ଛି, ଡିଆରଙ୍କ ବେଳକୁ ଦେଖା ନାହିଁ

ସାମ୍ବାଦିକ ତଥା ଲେଖକ ରୁବେନ୍ ବାନାର୍ଜୀ କିଛିଦିନ ତଳେ ବହିଟିଏ ଲେଖି ତାହାକୁ ଓଡ଼ିଶା ବଜାରକୁ ଛାଡ଼ିଥିଲେ। ଏଥିରେ ବିଜେଡିର ପରାଜୟ ବିଷୟରେ ଅନେକ କଥା ଥିଲା। ଉଭୟ ନବୀନ ଓ ପାଣ୍ଡିଆନଙ୍କ ସଂକ୍ରାନ୍ତରେ ରୁବେନ କିଛି କଥା ଲେଖିଥିଲେ। ବହି ସଂକ୍ରାନ୍ତରେ ଚର୍ଚ୍ଚା ଆରମ୍ଭ ମାତ୍ରେ ବିଜେଡିର ଛାମୁଆ ନେତାମାନେ ଏହାକୁ ବିରୋଧ କରିବା ଆରମ୍ଭ କରିଦେଇଥିଲେ। ରୁବେନ୍‌ଙ୍କୁ ଛି ଛି କରିଥିଲେ। ରୁବେନଙ୍କ ବିରୋଧରେ ବିଜେଡି ସୋସିଆଲ ମିଡିଆ ବି ସକ୍ରିୟ ହୋଇଉଠିଥିଲା। କୁହାଳିଆ ନେତାମାନେ ଜଣକ ପରେ ଜଣେ ବାଇଟ୍ ଦେବାରେ ଲାଗିପଡ଼ିଥିଲେ।




ରୁବେନଙ୍କ ପୁସ୍ତକ ପ୍ରକାଶ ପାଇବା ପରେ ଏବେ ଖଣି ମାଲିକ ଡିଆର ପଟ୍ଟନାୟକଙ୍କର ଆଉ ଗୋଟିଏ ବହି ସଦ୍ୟ ବଜାରକୁ ଆସିଛି। ଏଥିରେ ବିଭିନ୍ନ ପ୍ରସଙ୍ଗ ସହିତ ପାଣ୍ଡିଆନଙ୍କ ନାଁରେ ବି କିଛି ଲେଖା ରହିଛି। ବିଶେଷକରି ବିଜେଡି ଓ ପାଣ୍ଡିଆନଙ୍କୁ ଅପମାନିତ କଲାଭଳି ଲେଖା। ଏହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ ବି କରୁଛି। ହେଲେ ରୁବେନଙ୍କ ପୁସ୍ତକ ବେଳେ ଛାତି ଦେଖାଇ ଦେଇଥିବା ବିଜେଡି ନେତାମାନେ ବିଜେଡି ଓ ପାଣ୍ଡିଆନଙ୍କ ବିରୁଦ୍ଧରେ ଲେଖା ପୁସ୍ତକ ଏବଂ ଲେଖକଙ୍କ ବିରୋଧରେ ମୁହଁ ଖୋଲୁନାହାନ୍ତି।

ଏବେ ଚର୍ଚ୍ଚା ହେଉଛି ଯେ ବିଜେଡିର ହାରୁ




ନେତାମାନେ ପାଣ୍ଡିଆନଙ୍କୁ ସହିପାରୁନାହାନ୍ତି। ନିଜ ନିଜ ଅପକର୍ମ ଓ ଅପାରଗତାରୁ ହାରିଥିବା ଏହି ନେତାମାନେ ଏବେ ପାଣ୍ଡିଆନଙ୍କ ମୁଣ୍ଡରେ ଦୋଷ ଲଦି ଖସିବାରେ ଲାଗିଛନ୍ତି। ବିଜେଡିରେ ଏବେ ସକ୍ରିୟ ଥିବା ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ପ୍ରକାଶ ଦାସ, ପ୍ରତାପ ଜେନା, ସଞ୍ଜୟ ଦାସବର୍ମା ଆଦି କେହି ଜଣେ ହେଲେ ବି ଡିଆର ପଟ୍ଟନାୟକଙ୍କ ବହି ସଂକ୍ରାନ୍ତରେ ମୁହଁ ଖୋଲୁନାହାନ୍ତି। ଏପରିକି କୁହାଳିଆ ନେତା ଡକ୍ଟର ଅରୁଣ ସାହୁ ଓ ପ୍ରତାପ ଦେବ ମଧ୍ୟ ନିରବ।

ତେବେ ଏହିସବୁ ନେତାଙ୍କ ମଧ୍ୟରୁ ଅନେକ ହେଉଛନ୍ତି ବିଜେଡିର ପୂର୍ବତନ ମାର୍ଗଦର୍ଶକ ପ୍ୟାରୀ ମହାପାତ୍ରଙ୍କ ଶିବିରର। ଦିନେ ଏହି ନେତାମାନେ ସେଠାରେ ବି ମାମଲତି କରୁଥିଲେ। ସବୁପ୍ରକାର କ୍ଷମତା ଉପଭୋଗ କରୁଥିଲେ। ହେଲେ ସେହି ପ୍ୟାରୀଙ୍କ ମରଶରୀର ଉପରେ ଫୁଲଟିଏ ଦେବାକୁ ବି ଯାଇନଥିଲେ। ପ୍ୟାରୀଙ୍କ ଶବ ଉପରେ ରାଜନୀତି କରିଥିବା ଏହି ନେତାମାନେ ଯେ ଦିନେ ପାଣ୍ଡିଆନଙ୍କ ପଟି ନଚଢ଼ାଇବେ, ତାହା କହିହେବ ନାହିଁ ବୋଲି ବିଜେଡି ଶିବିରରେ ଜୋରଦାର ଆଲୋଚନା ହେଉଛି।

ତେବେ ପୁସ୍ତକ ରାଜନୀତିରେ ବିଜେଡି ପେଷି ହେଉଥିବାବେଳେ ବେଳ କାଳ ଦେଖି ପାଣ୍ଡିଆନଙ୍କୁ ପାନେ ଦେବା ପାଇଁ ଏବେ ଦଳର କିଛି ନେତା ସୁଯୋଗ ଖୋଜୁଛନ୍ତି। ଡିଆର ପଟ୍ଟନାୟକଙ୍କ ପୁସ୍ତକ ଉନ୍ମୋଚନ ଉତ୍ସବରେ ଦେବୀ ମିଶ୍ର ଓ ➪ପୃଷ୍ଠା-୬

## ପୁଣି ଦେଖାଦେଲେ ଭୋଗଖିଆ

ନୂଆ ସରକାରରେ ମନ୍ତ୍ରୀ କରିଡରରେ ଛାଇ ଭଳି କିଛିଦିନ ରହିଥିବା ଜଣେ ଭୋଗଖିଆଙ୍କ ନିକଟରେ ଭୋଗ ଲଗେଇ ହାଲିଆ ହୋଇଥିବା ନେତା ଓ ବ୍ୟବସାୟୀମାନେ ଏବେ ପୁଣି ଚିନ୍ତାରେ ପଡ଼ିଲେଣି। କାରଣ ନୂଆ ସରକାରରେ ଏହି ଭୋଗଖିଆ ଜଣଙ୍କ ନିଜକୁ ସମସ୍ତଙ୍କ ପାଖଲୋକ ବୋଲି କହିବା ସହିତ ସଚିବାଳୟରେ ଡେରା ପକାଇଥିଲେ। ମନ୍ତ୍ରୀଙ୍କ ଘର ହେଉ କିମ୍ବା ସଚିବାଳୟ ଅଥବା ବିମାନବନ୍ଦର, ସବୁଆଡେ ଛାଇ ଭଳି ରହୁଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହାକିମାତି ଦେଖାଇବାକୁ ବି ପଛାଉନଥିଲେ। ସୁବିଧା ସୁଯୋଗ ଦେଖି କାମ କରାଇଦେବାର ପ୍ରତିଶ୍ରୁତି ବି ଦେଉଥିଲେ। କାମ ପାଇବା ଓ ମନ୍ତ୍ରୀଙ୍କ ଦେଖା ପାଇବା ଆଶାରେ ଅନେକ ତାଙ୍କ ପାଖରେ ଭୋଗ ବି ଲଗାଇଥିଲେ। ତେବେ ଭୋଗଖିଆଙ୍କ ଅସଲ କାରନାମା ଧରାପଡ଼ିଯିବାରୁ ଅଳ୍ପଦିନ ତଳେ ତଡ଼ା ଖାଇଥିଲେ। ହେଲେ ଏବେ ପୁଣିଥରେ ତାଙ୍କର ଆବିର୍ଭାବ ହେଲାଣି। ବିମାନବନ୍ଦରେ ତାଙ୍କୁ ଦେଖିବା ପରେ ଭୋଗ ଲଗାଇଥିବା ବାବୁମାନେ ଚିନ୍ତାରେ ପଡ଼ିଛନ୍ତି। ଭୋଗଖିଆ ଜଣଙ୍କ ଯଦି ପୁଣି କାନରେ କିଛି କହିବେ, ତେବେ ଅଧିକ ଭୋଗ ଲଗାଇବାକୁ ପଡ଼ିବ। ସେହି ଚିନ୍ତାରେ ଏବେ ଭୋଗଖିଆଙ୍କ ଉପରେ କିଛି ଲୋକ ନଜର ରଖିଥିବା ବେଳେ ଆଉ କିଛି ଠାକୁରଙ୍କ ପାଖରେ ଅଧିଆ ପଡ଼ିବା କଥା ଚିନ୍ତା କଲେଣି।



## ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଅଭିଯୁକ୍ତ ଅଟକ

**ନାଉଗାଁ,୧୪।୨ (ସଂଚାର ବ୍ୟୁରୋ):** ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ପଂଚାୟତର କଣ୍ଟୁଣିଆ ସରସ୍ୱତୀ ଶିଶୁ ମନ୍ଦିରର ଜୈନିକା ୧୦ ବର୍ଷର ଛାତ୍ରୀଙ୍କୁ ଦୁର୍ବ୍ୟବହାର ହୋଇଥିବା ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ଛାତ୍ରୀଙ୍କ ମାଆ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହ ସଂପୃକ୍ତ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଥିବା ଭାରାପ୍ରାପ୍ତ ଅଧିକାରୀ ନିଳମଣୀ ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଉକ୍ତ ପଂଚାୟତର ଏକରୁଖା ଗ୍ରାମର ନରୋତ୍ତମ ପୃଷ୍ଟି। ଅଭିଯୋଗ ମୁତାବକ ବିଦ୍ୟାଳୟର ଖାଇବା ଛୁଟି ସମୟରେ ଛାତ୍ରୀ ଜଣ ଶ୍ରେଣୀ ଗୃହର ତଳକୁ ଆସିଥିଲେ। ଅଭିଯୁକ୍ତ ଜଣକ ଛାତ୍ରୀକୁ ଖାଇବାର ପ୍ରଲୋଭନ ଦେଖାଇ ତାଙ୍କୁ ଦୁର୍ବ୍ୟବହାର କରିଥିଲା। ଉକ୍ତ ଘଟଣା ସଂପର୍କରେ ତାଙ୍କ ଗୁରୁମା ନିକଟରେ କହିଥିଲେ। ଗୁରୁମାଙ୍କ ନିକଟରୁ ଏବିଷୟରେ ସଠିକ୍ ତଥ୍ୟ ପାଇଥିବା ଅଭିଯୋଗରେ ଦର୍ଶାଯାଇଛି। ନାଉଗାଁ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଚୋରା ମଦ ଜବତ, ମହିଳାଙ୍କ ସମେତ ୩ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା,୧୪।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ନେତୃତ୍ୱରେ ଅବକାରୀ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୮୭ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ସହିତ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏମାନେ ହେଲେ କେଉଟକଣ୍ଡିଆ ଗ୍ରାମର ମନୋଜ କୁମାର ସେଠୀ(୪୦) ,ସନ୍ତୋଷ ସେଠୀ(୪୪) ଏବଂ ଓଲଢି ଗ୍ରାମର ବାସନ୍ତୀ ବେହେରା(୪୫) ବର୍ଷ । ଏମାନଙ୍କୁ ଗିରଫ କରାଯାଇ ତାଙ୍କ ପାଖରୁ ୮୭ ଲିଟର ଚୋରା ଦେଶୀ, ଓ ବିଦେଶୀ ମଦ ବିପୁଳ ପରିମାଣର ମଦ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ନିରିକ୍ଷକ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଲିକ, ଅବକାରୀ ଉପ ନିରିକ୍ଷକ ଶ୍ରୀ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

### ବାଲି ଚୋରା ଚାଲାଣକୁ ବିରୋଧ କରିବାରୁ ଆକ୍ରମଣ

## ବିଜେଡ଼ି ଯୁବ ସଭାପତିଙ୍କ ନାଁରେ ଏତଲା

**ରାଜକନିକା,୧୪।୨ (ସଂଚାର ବ୍ୟୁରୋ):** ରାଜକନିକା ଥାନା ଅନ୍ତର୍ଗତ ଖରସ୍ରୋତା ନଦୀ ପଠାରୁ ଚୋରାରେ ଚାଲାଣ ହେଉଥିବା ବାଲି ଗାଡିର ଭିଡିଓ ଉତ୍ତୋଳନ କରିବାରୁ ମରଣାନ୍ତକ ଆକ୍ରମଣର ଶୀକାର ହୋଇଛନ୍ତି କଣ୍ଡିଆ ଗାଁର ଯୁବକ ପଙ୍କଜ ପତି । ଏନେଇ ଆଜି ରାଜକନିକା ଥାନାରେ ଲିଖିତ ଅଭିଯୋଗ କରି ଏତଲାକାରୀ ନ୍ୟାୟ ଭିକ୍ଷା କରିଛନ୍ତି। ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ ନଦୀପଠାରୁ ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ୍ ବାଲି ଚାଲାଣ ହେଉଛି। ତାହା ପୁଣି ନିର୍ମଳ ପଣ୍ଡାଙ୍କ ଜମି ବାଟ ଦେଇ। ଏଥିନେଇ ନିର୍ମଳ ଜାଗାକୁ ପ୍ରଥମେ ଅବରୋଧ କରି ଏହି ବାଟ ଦେଇ ବାଲି ଯାଇ ପାରିବ ନାହିଁ ବୋଲି କହିଥିଲେ। ଏହାର ଜବାବରେ ସ୍ଥାନୀୟ ସରପଞ୍ଚ ଧିରେନ ଯେନା, ଅୟସ ସାମଲ ଓ ଅକ୍ଷୟ ଜେନାଙ୍କ ଉପସ୍ଥିତ ଥାଇ ଏହାର ଭିଡିଓ ଉତ୍ତୋଳନକୁ ନେଇ ଏତଲାକାରୀ ପଙ୍କଜକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ବାଉଁଶ ବାଡିରେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ଏମିତିକି ପଙ୍କଜଙ୍କ ବେକରେ ଆଘାତ ଲାଗି ଥିବାବେଳେ ଅଣ୍ଡକୋଷରେ ମାଡ ମାରି ଥିବା ନେଇ ଅଭିଯୋଗ ହୋଇଛି। ଜୀବନରୁ ମାରି ଦେବାକୁ ଦୁର୍ବୃତ୍ତମାନେ ଧମକ ଦେଇ ଥିବାରୁ ତାଙ୍କ ଜୀବନ ବିପଦରେ ଅଛି ବୋଲି ଦର୍ଶାଇ ତୁରନ୍ତ ଏହାର ତଦନ୍ତ ପୂର୍ବକ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ପଙ୍କଜ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଧିରେନ ଯେନାକୁ ପଚାରିବାରୁ ଏଭଳି ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି କହିବା ସହିତ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଥିଲେ। ତେବେ ରାଜକନିକା ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇ ଥିଲେ ବି ସମ୍ଭବ ହୋଇ ପାରିନାହିଁ।

# ଅଯୋଗ୍ୟଙ୍କୁ ବାଦ୍ ପ୍ରକ୍ରିୟାରେ ବଳି ପଡିବେ ଯୋଗ୍ୟ ହିତାଧିକାରୀ!

**ରାସନ୍ କାର୍ଡ କାଟିବାକୁ ଆସୁଛି ଚିଠି**
**ଆଶଙ୍କାରେ ଯୋଗ୍ୟ ହିତାଧିକାରୀ**
**ବିଚାର ପାଇଁ ଉତ୍କଳମଣି ଯୁବକ ସଂଘର ଦାବି**

**କେନ୍ଦ୍ରାପଡ଼ା,୧୪।୨ (ସଂଚାର ବ୍ୟୁରୋ):** ସରକାର ଖାଉଟି ରାସନ୍ କାର୍ଡଧାରୀଙ୍କ ପାଇଁ ଏକ ମାନଦଣ୍ଡ ସ୍ଥିରୀକୃତ କରିଛନ୍ତି। ଏହି ମାନଦଣ୍ଡ ମଧ୍ୟରେ ଯେଉଁ କାର୍ଡଧାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି ସେମାନଙ୍କର ଏକ ବାଦ ତାଲିକା ପ୍ରତି ବ୍ଲକ୍‌କୁ ପ୍ରଦାନ କରାଯାଇଛି। ସବୁଠାରୁ ବଡ କଥା ହେଲା, ଉକ୍ତ ତାଲିକାରେ ତ୍ରୁଟି ରହିଥିବା ଓ ଯୋଗ୍ୟ ହିତାଧିକାରୀ ତାଲିକାଭୁକ୍ତ ହୋଇଥିବା ଅଭିଯୋଗ ହୋଇଛି।

ଯଦି ଆମେ ଅନୁଧ୍ୟାନ କରିବା ଖାଉଟି କାର୍ଡଧାରୀ ଛୋଟ ଛୋଟ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। କେତେବେଳେ ଅର୍ଥର ଆବଶ୍ୟକ ହେଲେ ଋଣ ପାଇଁ ବ୍ୟାଙ୍କର ସାହାରା ନେଉଛନ୍ତି। ସେହି ସମୟରେ ବ୍ୟାଙ୍କ ଆୟକର ରିଟର୍ନ ମାଗୁଛନ୍ତି। ସାଧାରଣ ଗରିବ ଲୋକଟି ବାଧ୍ୟ ହୋଇ ରିଟର୍ଣ୍ଣ ଫାଇଲ କରୁଛି। ତେଣୁ ଯେଉଁମାନେ ସରକାରଙ୍କୁ ଟିକସ ପ୍ରଦାନ କରୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ ନ କରାଯାଉ। ରାସନ କାର୍ଡ ବାଦ ତାଲିକାରେ ତ୍ରୁଟି ସଂଶୋଧନ ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଆୟକର ରିଟର୍ଣ୍ଣ ରାସନ କାର୍ଡ ହିତାଧିକାରୀ ମାନଙ୍କୁ ପ୍ରଭାବିତ କରୁଥିବା କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଂଘ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି।

ସରକାର ଯୋଗ୍ୟତା ପାଇଁ ନିର୍ଦ୍ଦିଷ୍ଟ ମାନଦଣ୍ଡ ସ୍ଥିର କରିଛନ୍ତି, ଏବଂ ଇ-କେଓ୍ୱାଇସି ପ୍ରକ୍ରିୟା ପରେ ପ୍ରତ୍ୟେକ ବ୍ଲକକୁ ଏକ ତାଲିକା ପ୍ରଦାନ କରାଯାଇଛି। ତଥାପି, ଏହା ଦେଖାଯାଇଛି ଯେ ତାଲିକାରେ ଅନେକ ତ୍ରୁଟି ଅଛି। ଯାହା ଫଳରେ ଯୋଗ୍ୟ ହିତାଧିକାରୀମାନେ ଭୁଲ ଭାବରେ ବାଦ ପଡ଼ିଛନ୍ତି। ଏହି ହିତାଧିକାରୀମାନଙ୍କ ମଧ୍ୟରୁ ଅନେକ ହେଉଛନ୍ତି କ୍ଷୁଦ୍ର ବ୍ୟବସାୟୀ, ଦୈନିକ ମଜୁରିଆ ଏବଂ ଆତ୍ମନିର୍ଭରଶୀଳ ବ୍ୟକ୍ତି। ଯେଉଁମାନେ ଆର୍ଥିକ ଆବଶ୍ୟକତା ସମୟରେ, ସେମାନେ ପ୍ରାୟତଃ ଋଣ ପାଇଁ ବ୍ୟାଙ୍କଗୁଡ଼ିକୁ ଯାଆନ୍ତି, ଯେଉଁଠାରେ ଆୟକର ରିଟର୍ଣ୍ଣ (ଆଇଟିଆର) ଏକ ବାଧ୍ୟତାମୂଳକ ଆବଶ୍ୟକତା। ଏହି କାରଣରୁ, ଅନେକ ବ୍ୟକ୍ତି ବ୍ୟାଙ୍କିଂ ଆବଶ୍ୟକତା। ପୂରଣ କରିବା ପାଇଁ ଶୂନ୍ୟ ରିଟର୍ଣ୍ଣ ଫାଇଲ୍ କରନ୍ତି। ଯଦିଓ ସେମାନଙ୍କର ପ୍ରକୃତ ଆୟ କମ୍ ରହିଥାଏ ଏବଂ ରାସନ କାର୍ଡ ଯୋଜନାର ଯୋଗ୍ୟତା ମାନଦଣ୍ଡ ମଧ୍ୟରେ ରହିଥାଏ।

ଶୂନ୍ୟ ରିଟର୍ଣ୍ଣ ଆଇଟିଆର ଫାଇଲ୍ କରିବା ଆର୍ଥିକ ସ୍ଥିରତା କିମ୍ବା ଯଥେଷ୍ଟ ଆୟ ସୂଚିତ କରେ ନାହିଁ, ବରଂ ଏହା ବ୍ୟାଙ୍କ ସେବା ପାଇବା ପାଇଁ ଏକ ପ୍ରକ୍ରିୟାଗତ ଆବଶ୍ୟକତା। ତେଣୁ ସରକାର ତ୍ରୁଟି ଚିହ୍ନଟ ଏବଂ ସଂଶୋଧନ କରି ଶୂନ୍ୟ ରିଟର୍ଣ୍ଣ ଆଇଟିଆର ଫାଇଲ୍ କରୁଥିବା ବ୍ୟକ୍ତିମାନେ ସ୍ୱୟଂଚାଳିତ ଭାବରେ ରାସନ ଲାଭ ପାଇବାରୁ ଅଯୋଗ୍ୟ ନ ହୁଅନ୍ତୁ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି ଯୁବକ ସଂଘ ର ସଭାପତି ଗୌତମ ବେହେରା। ପ୍ରକୃତ କରଦାତା ବ୍ୟକ୍ତି ଏବଂ କେବଳ ବ୍ୟାଙ୍କିଂ ଆବଶ୍ୟକତା ପାଇଁ ରିଟର୍ଣ୍ଣ ଫାଇଲ୍ କରୁଥିବା ଲୋକଙ୍କ ମଧ୍ୟରେ ପାର୍ଥକ୍ୟ କରିବା ପାଇଁ ଏକ ନିରପେକ୍ଷ ଯାଞ୍ଚ ବ୍ୟବସ୍ଥା ପ୍ରତିଷ୍ଠା କରାଯାଉ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହି ସମସ୍ୟା ଅନେକ ନିମ୍ନ-ଆୟ ପରିବାର ପାଇଁ କଷ୍ଟଦାୟକ ହେଉଛି ଯେଉଁମାନେ ସେମାନଙ୍କର ପ୍ରତିପାଳନ ପାଇଁ ସରକାରୀ ରାସନ ଯୋଜନା ଉପରେ ନିର୍ଭର କରନ୍ତି। ଏହି ଘଟଣାରେ ସରକାର ହସ୍ତକ୍ଷେପ କରିବା ସହିତ ଶୀଘ୍ର ଆବଶ୍ୟକୀୟ ସଂଶୋଧନମୂଳକ ପଦକ୍ଷେପ ନେବାକୁ ଶ୍ରୀ ବେହେରା ଦାବି କରିଛନ୍ତି।

# ଦିବ୍ୟାଙ୍ଗ ଅଶୋକଙ୍କ ଅସୁମାରୀ ଦୁଃଖ

**◆ ଆଜି ପର୍ଯ୍ୟନ୍ତ ପହଞ୍ଚିନି ବିଦ୍ୟୁତ ସେବା**
**◆ ମିଳିନି ଆବାସ ଯୋଜନା**
**◆ ଅନ୍ତ୍ୟୋଦୟ ଅନ୍ନ ଯୋଜନା ପାଇଁ ଗୁହାରି**

**ମହାକାଳପଡ଼ା,୧୪।୨ (ସଂଚାର ବ୍ୟୁରୋ):** ଜଣେ ବାପା ମାଆ ଛେଉଣ୍ଡ ଅନାଥ ଦିବ୍ୟାଙ୍ଗ ଯୁବକ ନାନା ପ୍ରକାର ସମସ୍ୟା ଘେରରେ ରହିଛନ୍ତି। ନିଜର କହିଲେ କିଛି ନାହିଁ। କଥା କହିପାରୁନଥିବା ଏହି ଯୁବକଙ୍କର ନା ଅଛି ନିଜସ୍ୱ ଜମି ନା ଅଛି ପକ୍କାଘର। ଆଜି ସୁଦ୍ଧା ତାଙ୍କ ପାଖରେ ବିଦ୍ୟୁତ ସେବା ମଧ୍ୟ ପହଞ୍ଚିନି। ନା ତାଙ୍କ ଉପରେ ପ୍ରଶାସନର ନଜର ପଡୁଛି ନା ସ୍ଥାନୀୟ ସରପଞ୍ଚଙ୍କର। ଏମିତି ଅବସ୍ଥାରେ ପଡିରହି ଛଟପଟ ହେଉଛନ୍ତି ଦିବ୍ୟାଙ୍ଗ ଯୁବକ ଜଣଙ୍କ।

ଏମିତି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତର ତିଖିରି ଗ୍ରାମରୁ। ଗ୍ରାମର ୮ ନମ୍ବର ଓ୍ୱାର୍ଡର ଗୋପିନାଥ ମଲ୍ଲିକ ଓ କେତନ ମଲ୍ଲିକଙ୍କ ପୁଅ ଅଶୋକ ମଲ୍ଲିକ ଜଣେ ସ୍ଥାୟୀ ବାସିନ୍ଦା ଭାବରେ ରହି ଆସୁଛନ୍ତି। ୩୫ ବର୍ଷୀୟ ଅଶୋକ ଜଣେ ମୁକ ଯୁବକ। କଥା କହିପାରୁ ନଥିବା ଏହି ଅଶୋକ ବାପା ମାଆଙ୍କ ମୃତ୍ୟୁ ପରେ ଏବେ ଅନାଥ। ନିଜର କହିଲେ କିଛି ନାହିଁ। ସରକାରୀ ଜମିରେ ବାପା ଅଜା ଅମଳରୁ ଘର ଖଣ୍ଡିଏ କରି ରହି ଆସୁଛନ୍ତି। ମାସକୁ ରାସନ୍ କାର୍ଡ ରେ ୫ କିଲୋ ଚାଉଳ ମିଳୁଛି ଯାହା ମାସକ ଖାଇବା ପାଇଁ ନିଅଣ୍ଟ। ପକ୍କାଘର ଖଣ୍ଡିଏ ମଧ୍ୟ ମିଳି ପାରି ନାହିଁ। ସବୁଠାରୁ ବଡ଼ କଥା ହେଉଛି ଯେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗରୁ ବଞ୍ଚିତ ଅଛନ୍ତି ଅଶୋକ। ମାସକୁ ମିଳୁଥିବା ଭତ୍ତା ଟଙ୍କା ଓ ୫ କିଲୋ ଚାଉଳରେ ଜୀବନ ବଞ୍ଚିବା କଷ୍ଟକର ହୋଇପଡିଛି। କଥା କହିବାକୁ ଅକ୍ଷମ ସତ୍ତ୍ୱେ ତାଙ୍କୁ ୬୦% ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ପ୍ରଶାସନ। ଯାହା ବୃଦ୍ଧି କରି ୮୦ % ହେବାକୁ ଦାବି କରିଛନ୍ତି ଗ୍ରାମବାସୀ। ଯାହାଫଳରେ ସେ ସରକାରଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାର ସୁଯୋଗ ପାଇ ପାରନ୍ତା। ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ କରାଇଲେ ମାଗିକି ଖାଇବାକୁ ପଡନ୍ତା ନାହିଁ। ଜଣେ ଦିବ୍ୟାଙ୍ଗ ଯୁବକଟିଏ ସ୍ୱାଭିମାନର ସହିତ ବଞ୍ଚିବାକୁ ସାହାରା ପାଇଯାଆନ୍ତା।

ସମାଜରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବାସ୍ତବିକ୍ ତାହା ଅଶୋକଙ୍କ ପରି ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏଠି ପ୍ରଶ୍ନ ଉଠୁଛି ଯେ ଗ୍ରାମରେ ଏମିତି ଅବସ୍ଥାରେ ଲୋକ ରହୁଛନ୍ତି



ହେଲେ ସେଠାକାର ସରପଞ୍ଚ, ଲୋକପ୍ରତିନିଧି ଓ ପ୍ରଶାସନ ଜାଣି ପାରୁନାହାଁନ୍ତି କେମିତି? ଧିକ୍ ତୁମର ରାଜନୀତି ଧିକ୍ ତୁମର ଚିନ୍ତାଧାରାକୁ।




## ପୁଲଓ୍ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୧୪।୨ (ସଂଚାର ବ୍ୟୁରୋ):** ପୁଲଓ୍ୱାମାରେ ଶହୀଦ ହୋଇଥିବା ସମସ୍ତ ବୀର ଯବାନଙ୍କୁ କାଳିଆ ସେବା ଫାଉଣ୍ଡେସନ ତରଫରୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି। କେନ୍ଦ୍ରାପଡ଼ା ତିନିମୁହାଣି ଠାରେ ଥିବା ସହିଦ ସ୍ତୁପ ନିକଟରେ ସଙ୍ଗଠନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ସହୀଦ ବୀର ଯବାନଙ୍କ ସ୍ମୃତିରେ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆଜି ଏହି ଦିନରେ ଅର୍ଥାତ ୨୦୧୯ ମସିହା ଫେବୃଆରୀ ୧୪ ତାରିଖରେ ପୁଲଓ୍ୱାମା ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଭାରତର ୪୦ ବୀର ସୈନିକ ସହୀଦ ହୋଇଥିଲେ। ଯାହା ଆମ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ଥିଲା। ଯେଉଁ ଓ୍ୱୀର ଯବାନଙ୍କ ସ୍ମୃତିରେ ଏହି ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚିନ୍ମୟ ବଳ, ପ୍ରତିକ୍ ଦାସ, ହିମେଶ ପୃଷ୍ଟି, ସାର୍ଥକ ସେଠୀ, ଦେସଦୀପ୍ ଦାଶ, ଜ୍ଞାନ ବେହେରା, ସୁଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



**କେନ୍ଦ୍ରାପଡ଼ା,୧୪।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲାର ସମସ୍ତ ତହସିଲଦାର, ଜିଲ୍ଲା ସଡକ ପରିବହନ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ରାଜସ୍ୱ ମାମଲାକୁ ତୁରନ୍ତ ଫଏସଲା କରିବା ସହିତ ରାଜସ୍ୱ ଆଦାୟ ପାଇଁ ଜିଲ୍ଲାପାଳ ଶ୍ରୀ ପ୍ରଧାନ, ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବେଆଇନ ବାଲି ଖାଦାନ ଗୁଡିକ ଉପରେ ଚଢାଉ କରି ବାଲି ମାଫିଆଙ୍କ ଉପରେ ପଦକ୍ଷେପ ନେବାପାଇଁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ତହସିଲ ରେ ପଡି ରହିଥିବା ସିକିମ ସତ୍ୱ ଗୁଡିକୁ ଫଏସଲା କରିବା, ବେବନ୍ଦୋବସ୍ତ ଓପିଡିଆର ମାମଲାକୁ ଫଏସଲା କରିବା, ବିଭିନ୍ନ ପ୍ରମାଣ ପତ୍ର ଗୁଡିକୁ ତୁରନ୍ତ ପ୍ରଦାନ ରକିବା ଉପରେ ଆଲୋଚନା କରାଯାଇଛି । ଏହି ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ସୁପର ଭାଇଜର ଓ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସାରଦାଙ୍କ ଟିମରେ ସାମିଲ ହେଲେ ବିଜେଡି ନେତା



**ମାହାଙ୍ଗା,୧୪।୨ (ସଂଚାର ବ୍ୟୁରୋ):** ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଆଜି ଦାଉଦପୁର୍ ପଞ୍ଚାୟତର ସମିତି ସଭ୍ୟ ଆଶିଷ କୁମାର ମହାନ୍ତି, କଟିକଟା ପଞ୍ଚାୟତର ସମିତି ସଭ୍ୟ ଦିଲୀପ କାଣ୍ଡି ଓ ସୁକରପଡ଼ା ପଞ୍ଚାୟତର ସମିତି ସଭ୍ୟା ଅନ୍ନପୂର୍ଣ୍ଣା ମଲିକଙ୍କ ପ୍ରତିନିଧି ସନ୍ତୋଷ ମଲିକ ସାମିଲ ହୋଇଛନ୍ତି। ଦଳରେ ଯୋଗଦେଇଥିବା ସମସ୍ତଙ୍କୁ ସ୍ୱାଗତ କରିଛନ୍ତି ବିଧାୟକ ଶ୍ରୀ ପ୍ରଧାନ। ଏହା ପୂର୍ବରୁ ନିଶ୍ଚିନ୍ତକୋଇଲି ବ୍ଲକର ଜିଗିନପୁର ପଞ୍ଚାୟତର ବିଜେଡି ସମର୍ଥିତ ସମିତି ସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ନିଜ ପଦରୁ ଇସ୍ତଫା ଦେଇ ବିଧାୟକଙ୍କ ଟିମ୍‌ରେ ଯୋଗଦେଇ ବିଧାୟକଙ୍କ ଆନୁଗତ୍ୟକୁ ଗ୍ରହଣ କରିଛନ୍ତି। ଏକଦା ବିଜେଡି ନେତା ଅତନୁ ସବ୍ୟସାଚୀ ନାୟକ ଓ ସାରଦା ନାୟକଙ୍କ ବ୍ଲୁଆଏଡ ବୟ ଥିଲେ ଅଶୋକ। ସେ ପୂର୍ବରୁ କଟକ କୈନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ମଧ୍ୟ ଥିଲେ।

# ରାସ୍ତା ପାଲଟିଛି ମରଣଯନ୍ତା, ୧୮ ଘଣ୍ଟାରେ ଦୁଇ ମୃତ

**ରାଜନଗର,୧୪।୨ (ସଂଚାର ବ୍ୟୁରୋ):** ରାଜନଗର ଡାଙ୍ଗମାଳ ମୁଖ୍ୟ ରାସ୍ତା ଏବେ ମରଣଜନ୍ତା। ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଯୋଗୁଁ ରାସ୍ତାରେ ଯାଆସ କରିବା ନର୍କ ଯନ୍ତ୍ରଣାଠାରୁ ବି କଷ୍ଟ ଦାୟକ। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମାନିରେ ଦୀର୍ଘ ଦୁଇ ବର୍ଷ ହେଲା ମନ୍ଥର ଗତିରେ ରାସ୍ତା କାମ ଚାଲିଛି। ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ଗତ ୧୮ ଘଣ୍ଟା ମଧ୍ୟରେ ଦୁଇଟି ସଡକ ଦୁର୍ଘଟଣାରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି।

ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ବାଘତୈଳା ଗାଁର ସର୍ବେଶ୍ୱର ଜେନାଙ୍କ ଭାଇଙ୍କ ଝିଅର ବାହାଘର ଡାଙ୍ଗମାଳର ମା ଜୟଦୁର୍ଗାଙ୍କ ପୀଠରେ ହେଉଥିଲା। ବାହାଘର ସାରିବା ପରେ ସର୍ବେଶ୍ୱରଙ୍କ ପୁଅ ଆକାଶ ଜେନା (୨୨ ବର୍ଷ ) ଗତକାଲି ରାତି ପ୍ରାୟ ୯ ଘଟିକା ସମୟରେ ଘରକୁ ଫେରୁଥିଲେ। ବରାଡିଆ ନିକଟରେ ରାସ୍ତାର ଗୋଟିଏ ପାର୍ଶ୍ୱ ଢଳେଇ କାମ ହୋଇଥିବା



ଦିବାକର ମଣ୍ଡଳ (ଫାଇଲ ଫଟୋ)

ବେଳେ, କୌଣସି ସୂଚନା ଫଳକ ଦିଆଯାଇନଥିଲା। ସେଠାରେ ମୋଟର ସାଇକେଲ ବାଡେଇ ହୋଇଥିଲା। ଫଳରେ ଆକାଶଙ୍କ ଗୋଡ ଭାଙ୍ଗିବା ସହିତ ମୁଣ୍ଡରେ ଜୋରରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଭଉଣୀର ସବାରି ଉଠୁଥିବା ବେଳେ ଏପଟେ ଭାଇର କୋକେଇ ଉଠିବା ଘଟଣା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଖମାରସାହି ପଞ୍ଚାୟତ ରାଜେନ୍ଦ୍ର ନାରାୟଣପୁର ଗାଁର ଦିବାକର ମଣ୍ଡଳ (୩୫ ବର୍ଷ) ତାଳଚୁଆରୁ ମୋଟର ସାଇକେଲ ଯୋଗେ ଆଜି ଦିନ ପ୍ରାୟ ୩ ଘଟିକା ସମୟରେ ଘରକୁ ଫେରୁଥିଲେ। ଏହି ରାସ୍ତାର ନଳିତାପାଟିଆ ନିକଟରେ ଏକ ଘରୋଇ ହୋଟେଲ ସମୁଖରେ ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ମୋଟାରସାଇକେଲ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଦିବାକରଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଦିବକରଙ୍କୁ ମୃତ ଘୋଷଣା କରିଥିଲେ। ଦିବାକର ଭିତରକନିକାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବୋଟ ସେବା ଯୋଗାଇ ଆସୁଥିଲେ। ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ଗତ ୧୮ ଘଣ୍ଟା ମଧ୍ୟରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟଣା ତୀବ୍ର ପତିକ୍ରିୟା ସୃଷ୍ଟି କରିଛି।

## କୁତରଙ୍ଗ ହାଇସ୍କୁଲରେ ମହାତ୍ମାଗାନ୍ଧୀ ଓ ଉତ୍କଳ ମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କେନ୍ଦ୍ରାପଡ଼ା,୧୪।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ କୁତରଙ୍ଗ ପଂଚାୟତର ହାଇସ୍କୁଲ ପରିସରରେ ଜାତିର ଜନକ ମହାତ୍ମାଗାନ୍ଧୀ ଓ ଉତ୍କଳ ମଣି ଗୋପବନ୍ଧୁ ଦାସ ଏବଂ ସ୍କୁଲର ପ୍ରତିଷ୍ଠାତା ପଦ୍ମନାଭ ଥାଟୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଅଭିମନ୍ୟୁ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଳିତା ଦାସ ମୁଖ୍ୟ ଅତିଥି, ଶିକ୍ଷାବିତ୍ ରଘୁନାଥ ରାଉତ ମୁଖ୍ୟବକ୍ତା ଓ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ସାହୁ, ରାମଚନ୍ଦ୍ର ଦାସ, ସରପଂଚ ଚିତ ରଞ୍ଜନ ଜେନା, ପରମାନନ୍ଦ ଥାଟୋଇ, ସମିତିସଭ୍ୟା ମିନତୀ ଦାସ, ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା, ପ୍ରମୁଖ ମଂଚାସୀନ ରହି କାର୍ଯ୍ୟକ୍ରମ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସ୍କୁଲ ପରିସରରେ ଜାତିର ଜନକ ମହାତ୍ମାଗାନ୍ଧୀ ଓ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବା ସହ ଅବସର ପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ଓ ପଣ୍ଡିତ ପ୍ରସନ୍ନଜିତ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇ ଥିଲା । ରଂଜନ କୁମାର ଜେନା ଅତିଥି ପରିଚୟ ପରିଚୟ ପ୍ରଦାନ କରିଥିବା ବେଳେ ସମାଜସେବୀ ରାଜନ ପ୍ରସାଦ ଥାଟେଇ ଧନ୍ୟବାଦ ଅର୍ପଣ କରିଥିଲେ ।



## ଶାନ୍ତି ସ୍ୱରୂପ ଭୂୟାଁ ରାଜ୍ୟ ଭାରତୀୟ ମଜଦୁର ସଂଘ କମିଟି ସଦସ୍ୟ

**କେନ୍ଦ୍ରାପଡ଼ା,୧୪।୨ (ସଂଚାର ବ୍ୟୁରୋ):** ଭାରତୀୟ ମଜଦୂର ସଂଘ ରାଜ୍ୟ ବିଦ୍ଧି ପ୍ରକୋଷ୍ଠ ଓଡିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ୮ ଫେବୃଆରୀ ରେ ଚିଠି ବା ତାଲିକାରେ କେନ୍ଦ୍ରାପଡା ଓକିଲ ସଂଘର ସଦସ୍ୟ ଯୁବ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁଙ୍କୁ ଭାରତୀୟ ମଜଦୂର ସଂଘ ରାଜ୍ୟ ଆଇନ୍ ପ୍ରାଧୀକରଣ ସଦସ୍ୟ ଭାବେ ମନୋନ୍ନୟନ କରାଯାଇଛି । ଯୁବ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁଙ୍କ ଦୀର୍ଘ ୧୮ ବର୍ଷର ଓକିଲାତି କାର୍ଯ୍ୟ ମଧ୍ୟରେ ଥରେ ସରକାରୀ ଆଇନଜୀବୀ ଭାବେ ସୂଚାରୁ ରୂପେ କାର୍ଯ୍ୟ ତୁଲାଇବା ସଂଗେ ସଂଗେ ବହୁ ଅନୁଷ୍ଠାନ ଓ ସଂଘ ସହିତ ଜଡିତ ରହି ଗରିବ ଅସହାୟ ଲୋକ ମାନଙ୍କୁ ଆଇନ୍ ସେବା ଯୋଗାଇ ଆସୁଛନ୍ତି । ସେ ଜଣେ ଭଲ ଯୁବ ଆଇନଜୀବୀ ଭାବେ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ସୁପରିଚିତ ଅଟନ୍ତି ବୋଲି ଜିଲ୍ଲା ଓକିଲ ସଂଘରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି ।

# ମରଣଯନ୍ତା ପାଲଟିଛି ବେଙ୍ଗପାଟିଆ ରାସ୍ତା



**କଳିଙ୍ଗନଗର, ୧୪।୨ (ସଂଚାର ବ୍ୟୁରୋ) :** ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତର ବେଙ୍ଗପାଟିଆ ଗାଁକୁ ଯିବା ପାଇଁ ରାସ୍ତାଟି ବହୁତ ଖାଲ ଖମାରେ ଭର୍ତ୍ତୀ ହୋଇ ମରଣଯନ୍ତା ପାଲଟିଛି। ମାନପୁରରୁ ବେଙ୍ଗ ପାଟିଆକୁ ସଂଯୋଗ କରୁଥିବା ଅଙ୍କାବଙ୍କା ଅଣ ଓସାରିଆ ରାସ୍ତାଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ବିପଦପୂର୍ଣ୍ଣ ଭାବରେ ପରିଣତ ହୋଇଛି।

ଏହି ବିପର୍ଯ୍ୟସ୍ତ ରାସ୍ତାଟି ଉପରେ ଦୈନିକ ମାନପୁର ଦେଇ କଳିଙ୍ଗନଗରର କଳ କାରଖାନା, ଦାନଗଦି ଓ ଯାଜପୁର ରୋଡ଼ ବଜାର, ହାଟ, ମେଡିକାଲ, ବ୍ଲକ, ବ୍ୟାଙ୍କ, କଲେଜ, ବିଦ୍ୟାଳୟକୁ ଶତାଧିକ ଲୋକ ଯାତାୟାତ କରନ୍ତି। ପଚାଶ ବର୍ଷ ହେବ ଗଠିତ ହୋଇଥିବା ଏହି ପୁରାତନ ଗାଁଟିର ଲୋକ ସଂଖ୍ୟା ୧୧୦୦ରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଘର ସଂଖ୍ୟା ୩୦୦ରୁ ଊର୍ଦ୍ଧ୍ୱ। ଏହି ଗାଁର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଏହି ବିପଦ ସଂକୁଳ ରାସ୍ତାରେ ଚାଷୀମାନେ କୁଇଣ୍ଟାଲ କୁଇଣ୍ଟାଲ ପନିପରିବା ମୋଟର ସାଇକେଲ ଓ ସାଇକେଲ, ଅଟୋରେ ଲଦି ବିକ୍ରି କରିବା ପାଇଁ ଦାନଗଦି ଓ ଯାଜପୁରରୋଡ଼ ବଜାରକୁ ନେଇଥାନ୍ତି। ସନ୍ଧ୍ୟା ସମୟରେ ଅନ୍ଧାରରେ ଏହି ରାସ୍ତା କଡ଼ରେ ଆଲୋକର ବ୍ୟବସ୍ଥା ନ ଥିବାରୁ ଏହି ବିପଦ ସଂକୁଳ ରାସ୍ତାରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି।

ଆଉ ଏକ ଦୁଃଖର କଥା ଏହି ରାସ୍ତାରେ ଗାଁକୁ ଯିବା ବାଟରେ ଏକ ପୋଲ ଅଛି। ଏହି ପୋଲଟି ଗଣ୍ଡାନାଳ ଉପରେ ହୋଇଛି। ପୋଲର ଦୁଇ ପାର୍ଶ୍ୱରେ ବ୍ୟାରିକେଡ଼ ନାହିଁ। ପୋଲର ଦୁଇ ପାଖ ରାସ୍ତା ମଧ୍ୟ ବିପଦ ପୂର୍ଣ୍ଣ ଭାବରେ ପଡି ରହିଛି। ବିଗତ ବର୍ଷରେ ଯେଉଁ ଅଧାପନ୍ତରିଆ କଂକ୍ରିଟ ରାସ୍ତା ଓ ପୋଲ କାମ ହୋଇଛି ତାହା ସମ୍ପୂର୍ଣ୍ଣ ନିମ୍ନମାନର। ଠିକାଦାର ନିମ୍ନମାନର ପୋଲ ଓ ରାସ୍ତା କରି ଅର୍ଥ ଚଳୁ କରିଦେଥିବାରୁ ଅଳ୍ପ ଦିନରେ ରାସ୍ତା ଭାଙ୍ଗିରୁଜି ଯାଇଛି। ଦାନଗଦି ବ୍ଲକ ପାଖରେ ଓ ଶିଳ୍ପ ନଗରୀ ପାର୍ଶ୍ୱରେ ଥିବା ଏହି ବେଙ୍ଗପାଟିଆ ଗାଁର ସାଧାରଣ ମୌଳିକ ସୁବିଧା ଏମିତି। ଦୀପ ତଳ ଅନ୍ଧାର ପରି ଆଉ କେତେ ଦିନ ଅବହେଳିତ ହୋଇ ରହିବେ ଏହି ଗ୍ରାମବାସୀ। ପ୍ରଶାସନ ଓ ନେତାଙ୍କର ଶୁଭ ଦୃଷ୍ଟି କେବେ ପଡୁଛି ଏହି ରାସ୍ତା ଉପରେ ତାହା ଦେଖିବାକୁ ବାକି ରହିଲା

## ରାଜନଗର ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**ରାଜନଗର,୧୪।୨ (ସଂଚାର ବ୍ୟୁରୋ):** ଆଜି ରାଜନଗର ପଂଚାୟତ କାର୍ଯ୍ୟାଳୟ ପରିସରରେ ଏହି ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଶ୍ରୀ ସଂଗୀତ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟା ସୁମିତ୍ରା ସେଠୀ, ନ୍ୟାୟ ସରପଞ୍ଚ ବାଇଧର ସେଠୀ, ପଂଚାୟତ ନିର୍ବାହୀ ଅଧିକାରୀ ଅନିତ୍ୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ଉଦେଶ୍ୟ ଏବଂ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ, ଗ୍ରାମ୍ୟ ଅର୍ଥନୀତି ଆଗକୁ ବଢ଼ିବ ସହିତ ଗ୍ରାମାଞ୍ଚଳର ଦୀର୍ଘସ୍ଥାୟୀ ବିକାଶ ପାଇଁ ରାଜ୍ୟ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି ବୋଲି କହିଥିଲେ। ଏହି ଗ୍ରାମସଭାରେ ପଂଚାୟତର ସଭ୍ୟ ସଭ୍ୟା ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା




**ଖୋର୍ଦ୍ଧା,୧୪।୨ (ସଂଚାର ବ୍ୟୁରୋ):** ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଶୁକ୍ରବାର ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ମେଳାକୁ ଜିଲ୍ଲାପାଳ ଚଞ୍ଚଳ ରାଣା ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ନିଯୁକ୍ତି ବିଭାଗ ଆସିଷ୍ଟାଣ୍ଟ ଡ଼ାଇରେକ୍ଟର ବିଜୟ ପାତ୍ର, ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ବିନୋଦିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ବେସରକାରୀ ଉଦ୍ୟୋଗ ଗୁଡିକରେ ନିଯୁକ୍ତି ପାଇଁ ହୋଇଥିବା ଏହି ମେଳାରେ ୨୭୫୬ ଜଣ ଉଭୟ ଅନଲାଇନ ଓ ଅଫଲାଇନରେ ପଞ୍ଜିକରଣ କରିଥିଲେ। ଏହି ମେଳାରେ ୧୬ ଜଣଙ୍କୁ ତତ୍କାଳରେ ନିଯୁକ୍ତିପତ୍ର ଦିଆଯାଇଛି। ରାଜ୍ୟ ଓ ରାଜ୍ୟ ବାହାରର ୨୯ ଟି ନିଯୁକ୍ତିଦାତା ସଂସ୍ଥା ଏହି ମେଳାକୁ ଆସିଥିଲେ। ୧୬୨୨ ଜଣଙ୍କୁ ପ୍ରାଥମିକ ଚୟନ କରାଯାଇଛି। ସେହିପରି ରାଜ୍ୟ ସରକାରଙ୍କ ୯ଟି ପ୍ରକଳ୍ପ କାର୍ଯ୍ୟକାରୀଣୀ ସଂସ୍ଥା ଯୋଗଦେଇଥିବା ବେଳେ ୪୨୬ ଜଣଙ୍କୁ ଦକ୍ଷତା ଭିତ୍ତିକ ଟ୍ରେନିଂ ନେବାପାଇଁ ଚୟନ କରାଯାଇଛି ।

## ନନ୍ଦନକାନନର ପ୍ରବେଶ ଓ ପ୍ରସ୍ଥାନରେ ପରିବର୍ତ୍ତନ

# ସମସ୍ୟା ଭୋଗୁଛନ୍ତି ପର୍ଯ୍ୟଟକ




ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଏହାର ପ୍ରବେଶ ଓ ପ୍ରସ୍ଥାନ ପଥରେ ପରିବର୍ତ୍ତନ କରିଛନ୍ତି। ନନ୍ଦନକାନନର ଉନ୍ନତିମୂଳକ କାର୍ଯ୍ୟ ଚାଲୁଥିବା ଯୋଗୁଁ ପର୍ଯ୍ୟଟକମାନଙ୍କ ପାଇଁ ଏପରି ବ୍ୟବସ୍ଥା କରାଯାଇଛି। କିନ୍ତୁ ପର୍ଯ୍ୟଟକମାନେ ଏହାଦ୍ୱାରା ଯଥେଷ୍ଟ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ପର୍ଯ୍ୟଟକମାନେ ନନ୍ଦନକାନନ ମୁଖ୍ୟ ଫାଟକ ଦେଇ ସମ୍ମୁଖରେ ଥିବା ଟିକେଟ କାଉଣ୍ଟରରୁ ଟିକେଟ ନେଇ ଭିତରେ ପ୍ରବେଶ କରୁଥିଲେ। ପରେ ସେମାନେ ଗୋଟିଏ ମାର୍ଗରେ ଆସି ଜୀବଜନ୍ତୁଙ୍କୁ ସଠିକ୍ ଭାବେ ଦେଖିବା ସହ ଉକ୍ତ ମାର୍ଗରେ ମଧ୍ୟ ଫେରୁଥିଲେ। ଏଥିରେ ବ୍ୟାଟେରୀଚାଳିତ ଗାଡ଼ି, ସଫାରୀ ଆଦି ଟିକେଟ ପାଇଁ ପର୍ଯ୍ୟଟକଙ୍କୁ କୌଣସି ସମସ୍ୟା ହେଉନଥିଲା। କିନ୍ତୁ ନନ୍ଦନକାନନର କାଞ୍ଜିଆ ଲେକ୍ ସଂଲଗ୍ନରେ ଡ୍ରେନ ନିର୍ମାଣ ପାଇଁ ହେଉଥିବା କାମ ଯୋଗୁଁ ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବର୍ଷାଦିନେ କାଞ୍ଜିଆର ଜଳସ୍ତର ବୃଦ୍ଧି ପାଇ ନନ୍ଦନକାନନ ମଧ୍ୟରେ ପ୍ରବେଶ କରୁଥିବାରୁ ଏହାର ସମାଧାନ ପାଇଁ ଏହି ସମସ୍ତ କାର୍ଯ୍ୟକୁ ଆସନ୍ତା ମୌସୁମୀ ଆଗମନ ପୂର୍ବରୁ ସାରିବା ପାଇଁ ଯୋଜନା ରହିଛି। ଫଳରେ ବିକଳ୍ପ ଭାବେ ନନ୍ଦନକାନନର ବହୁତଳ ପାର୍କିଂ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପ୍ରସ୍ଥାନ ପଥରେ ଏବେ ଏହି ଅସ୍ଥାୟୀ ପ୍ରବେଶ ଓ ପ୍ରସ୍ଥାନ ମାର୍ଗ କରାଯାଇଛି।

## ଚାଷୀଙ୍କ ମୁହଁରେ ହସ ଫୁଟାଇଛି ବେଦାନ୍ତ ଲାଞ୍ଜିଗଡ଼ର ଷ୍ଟ୍ରବେରୀ ଚାଷ

# ଚାଷୀଙ୍କୁ ସଶକ୍ତ କରୁଛି ପ୍ରକଳ୍ପ ସଙ୍ଗମ

ଲାଞ୍ଜିଗଡ଼,୧୪।୨(ସଂଚାର ବ୍ୟୁରୋ): ଭାରତର ଅଗ୍ରଣୀ ସ୍ମେଲ୍ଟର-ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଲାଞ୍ଜିଗଡ଼, ପ୍ରକଳ୍ପ ସଙ୍ଗମ ମାଧ୍ୟମରେ ସ୍ଥାୟୀ ଜୀବିକା ନିର୍ବାହ ପାଇଁ କାଳାହାଣ୍ଡିରେ ଏକ ପରିବର୍ତ୍ତନଶୀଳ କୃଷି ପଦକ୍ଷେପ ଗ୍ରହଣ କରିଛି । କମ୍ପାନୀ ସଫଳତାର ସହ ଷ୍ଟ୍ରବେରୀ ଚାଷ ଆରମ୍ଭ କରିଛି, ଯାହା ସ୍ଥାନୀୟ କୃଷକମାନଙ୍କୁ ଏକ ଲାଭଜନକ ଫସଲ ଉତ୍ପାଦନ ସୁଯୋଗ ସହିତ ଉପକୃତ କରିଛି ଏବଂ ଏହି ଅଞ୍ଚଳର କୃଷି ବିକାଶରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ରାଜ୍ୟ ଉଦ୍ୟାନ ବିଭାଗ ସହଯୋଗରେ କାର୍ଯ୍ୟକାରୀ ହୋଇଥିବା ଏହି ଅଗ୍ରଣୀ ପଦକ୍ଷେପ ଅନେକ କୃଷକଙ୍କୁ ଷ୍ଟ୍ରବେରୀ ଚାଷ ପାଇଁ ତାଲିମ ଏବଂ ସଶକ୍ତ କରୁଛି, ଯାହା ସେମାନଙ୍କୁ ଦୃଢ଼ ବଜାର ସମ୍ଭାବନା ସହିତ ଏକ ଉଚ୍ଚ ମୂଲ୍ୟର ଫସଲ ଉତ୍ପାଦନରେ ସହାୟତା ପ୍ରଦାନ କରୁଛି। ଏହି ପ୍ରକଳ୍ପ ଏହି ଅଞ୍ଚଳରେ ଚାଷ କରାଯାଉଥିବା ଫସଲର ପରିସରକୁ ସମ୍ପ୍ରସାରିତ କରି ମୃତ୍ତିକା ସ୍ୱାସ୍ଥ୍ୟରେ ମଧ୍ୟ ସହାୟକ ହୋଇଥାଏ। ଏହି ପଦକ୍ଷେପର ଗୁରୁତ୍ୱ ବିଷୟରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମେ ପ୍ରକଳ୍ପ ସଙ୍ଗମ ଭଳି ପରିବର୍ତ୍ତନଶୀଳ ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ଜୀବିକା ନିର୍ବାହ ଏବଂ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆଧୁନିକ କୃଷି ପଦ୍ଧତିର ପ୍ରଚଳନ ଦ୍ୱାରା ଆମେ କୃଷକମାନଙ୍କୁ ସେମାନଙ୍କର ଉତ୍ପାଦକତା ଏବଂ ସାମାଜିକ-ଆର୍ଥିକ କଲ୍ୟାଣ ବୃଦ୍ଧି କରିବାରେ ସକ୍ଷମ କରୁଛୁ। କଳାହାଣ୍ଡି ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ସିଂହ କହିଛନ୍ତି ଯେ "ବେଦାନ୍ତ ଲାଞ୍ଜିଗଡ଼ର ସହଯୋଗ ଏବଂ ସମର୍ଥନ ଦ୍ୱାରା ଷ୍ଟ୍ରବେରୀ ଚାଷ ଆରମ୍ଭ ଏକ ଉଲ୍ଲେଖନୀୟ ସଫଳତା ପାଇଛି। ସଫଳ ଅମଳ ଦେଖିବା, କଳାହାଣ୍ଡି ଜିଲ୍ଲାର କୃଷକମାନଙ୍କ ଆର୍ଥିକ ବିକାଶକୁ ବୃଦ୍ଧି କରିବା ଉତ୍ସାହଜନକ ଅଟେ। ସ୍ଥାୟୀ ଜୀବିକା ନିର୍ବାହ ପାଇଁ କୃଷି ପଦକ୍ଷେପରେ ବେଦାନ୍ତର ଗୁରୁତ୍ୱପୂର୍ଣ୍ଣ ହସ୍ତକ୍ଷେପ ବାସ୍ତବରେ ପ୍ରଶଂସନୀୟ। ସଙ୍ଗମ ପ୍ରକଳ୍ପ ଦ୍ୱାରା ୧୨୦୦ରୁ ଅଧିକ ସଦସ୍ୟଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଛି, ଯାହାଦ୍ୱାରା ସେମାନେ ବିବିଧ କୃଷି କ୍ଷେତ୍ରକୁ ଅଧିକରୁ ଅଧିକ ଉନ୍ମୁକ୍ତ ହୋଇପାରିଛନ୍ତି। ଏହି ପଦକ୍ଷେପର ଅଂଶବିଶେଷ ସ୍ୱରୂପ, କାଳାହାଣ୍ଡିର କୃଷକମାନେ ବୈଜ୍ଞାନିକ ଏବଂ ଦୀର୍ଘସ୍ଥାୟୀ କୃଷି ପଦ୍ଧତି ଗ୍ରହଣ କରୁଛନ୍ତି, ଯାହାଦ୍ୱାରା ସେମାନଙ୍କର ଉତ୍ପାଦକତା ଏବଂ ଆୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଉଛି। ଏହି ପଦକ୍ଷେପ ଫଳରେ ୯.୬ ଏକର ଜମିରେ ପନିପରିବା ଚାଷ କାର୍ଯ୍ୟାନ୍ୱୟନ କରାଯାଇଛି, ୨୦ ଏକର ଗେଣ୍ଡୁ ଚାଷ କରାଯାଇଛି ଏବଂ ୧୮.୫ ଏକର ଜମିରେ ଆମ୍ବ ବଗିଚା ବିକଶିତ ହୋଇଛି, ଯାହା କୃଷକମାନଙ୍କ ପାଇଁ ଦୀର୍ଘକାଳୀନ ଲାଭ ସୁନିଶ୍ଚିତ କରିଛି। ଏହାବ୍ୟତୀତ, ଜୈବିକ ଏବଂ ପୁନଃଉତ୍ପାଦକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ, ଏହି ପ୍ରକଳ୍ପ ୩୬ଟି ଏନ୍‌ଏଡିଇପି କମ୍ପୋଷ୍ଟିଂ ଡାଞ୍ଚା ପ୍ରବର୍ତ୍ତନ କରିଛି, ଯାହା ୭୨ ଏକର ଜମିକୁ ଜୈବିକ ଚାଷ ଅଧୀନରେ ଆଣିବ।



● ମହିମା ପୀଠରେ ସାଧୁସନ୍ଥଙ୍କ ଆଶୀର୍ବାଦ ନେଲେ ମୁଖ୍ୟମନ୍ତ୍ରୀ

# ଭବ୍ୟ ମନ୍ଦିର ନିର୍ମାଣ, ବିଶ୍ୱସ୍ତରୀୟ ପୀଠ ହେବ ଯୋରନ୍ଦା



ଡିପିଆର ପ୍ରସ୍ତୁତି ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): ବିଶ୍ୱକୁ ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଇ ପ୍ରଗତିର ପଥ ଦେଖାଇଛି ମହିମା ଧର୍ମ। ଏହି ଧର୍ମର ସନ୍ଥ ଭୀମ ଭୋଇଙ୍କ ରଚନା ବିଶ୍ୱକୁ ଅନୁପ୍ରାଣିତ କରିଛି। ଶାନ୍ତି, ପ୍ରଗତି ସହ ଜଗତକଲ୍ୟାଣ ପାଇଁ ଭୀମ ଭୋଇଙ୍କ କାଳଜୟୀ ବାର୍ତ୍ତା ବେଶ୍ ମହତ୍ତ୍ୱ ରଖେ ବୋଲି ଢେଙ୍କାନାଳ ଯୋରନ୍ଦା ମହିମା ପୀଠ ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି ଯେ ମହିମା ପୀଠର ଉନ୍ନତିରେ ଅର୍ଥ ଆଉ ବାଧକ ହେବ ନାହିଁ। ଖୁବ୍‌ଶୀଘ୍ର ଯୋରନ୍ଦା ପୀଠରେ ଏକ ଭବ୍ୟ ମନ୍ଦିର ନିର୍ମାଣ ହେବ। ଏହାଦ୍ୱାରା ଏହାକୁ ଏକ ବିଶ୍ୱସ୍ତରୀୟ କ୍ଷେତ୍ରରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହ ସୁବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ସକାଶେ ସେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୋରନ୍ଦା ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦାବି ରହିଛି। ବ୍ଲକ, ଏନ୍‌ଏସି ଗଠନ, ସ୍ଥାନୀୟ ଫାଣ୍ଡିକୁ ଥାନାରେ ପରିଣତ କରିବା, ପାନୀୟ ଜଳର ସୁବିଧା, ବାଇପାସ୍ ରାସ୍ତା ନିର୍ମାଣ ଆଦି ବିଭିନ୍ନ ପ୍ରସ୍ତାବ ଉପରେ ଫୋକସ୍ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଏବେ ଯୋରନ୍ଦାରୁ ପୁରୀକୁ ଗୋଟିଏ ମାତ୍ର ବସ୍ ଚାଲୁଥିବା ବେଳେ ଆଗାମୀ ଦିନରେ ଏହାକୁ ଆହୁରି ବଢ଼ାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମହିମା ପୀଠରେ ପହଞ୍ଚିବା ପରେ ପ୍ରଥମେ ଧୂନି ମନ୍ଦିରରେ ଅଲେଖ ସ୍ୱାମୀଙ୍କ ଆଶୀର୍ବାଦ ନେଇଥିଲେ। ପରେ ଭଜନ ମଣ୍ଡପରେ ପହଞ୍ଚି ମହିମା ସାଧୁଙ୍କ ସହ ଆଲୋଚନା କରିଥିଲେ। ପ୍ରସାଦ ସେବନ ସହ ମୁଖ୍ୟମନ୍ତ୍ରୀ ଶୂନ୍ୟ ମନ୍ଦିରରେ ଝାଡ଼ଦୀପ ପ୍ରଜ୍ୱଳନ ଦେଖିଥିଲେ।

## ଟ୍ୱିନ୍ ସିଟି କ୍ରାଇମ୍

### ମେଡିସିନ ଚୋରି କରି ବନ୍ଧାହେଲେ ଦୁଇ ଅଭିଯୁକ୍ତ



ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): ଅଭିଯୋଗକାରୀ ରୋନକ ତିବାରୀଙ୍କ ଅଭିଯୋଗ କ୍ରମେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ନିମ୍ନୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣଙ୍କ ଅଶୋକନଗର ଠାରେ ଥିବା "ଅମିତ ଏଜେନ୍‌ସିଜ" ନାମକ ହୋଲସେଲ ମେଡିସିନ ଦୋକାନର ପ୍ରୋପାଇଟର ଅଟନ୍ତି। ଗତ ତା.୩୦.୧୨.୨୦୨୪ ରିଖ ଦିନ 'ଏବଟ ଇଣ୍ଡିଆ' ଲିମିଟେଡ କମ୍ପାନି ତରଫରୁ ତିନି କାର୍ଟୁନ ମେଡିସିନ ତାଙ୍କ ଦୋକାନରେ ଡେଲିଭରି ଦିଆଯାଇଥିଲା। କିନ୍ତୁ ବର୍ଷ ଶେଷ କ୍ଲୋଜିଙ୍ଗ ଥିବାରୁ ତାଙ୍କ ଦୋକାନରେ ଏକାଧିକ ମେଡିସିନ ରିପ୍ରେଜେଣ୍ଟେଟିଭଙ୍କ ଭିଡ ଲାଗିରହିଥିଲା। ଏହାର ସୁଯୋଗ ନେଇ ଦୁଇ ଅଭିଯୁକ୍ତ କୌଶଳ କ୍ରମେ ତାଙ୍କ ଦୋକାନରୁ ଉକ୍ତ ମେଡିସିନ ପେଟି ଗୁଡ଼ିକୁ ଚୋରିକରି ନେଇଯାଇଥିଲେ। ଘଟଣା ତା.୩୧.୧୨.୨୦୨୪ ରିଖ ଦିନ ଉକ୍ତ ତିନୋଟି କାର୍ଟୁନ ତାଙ୍କ ଦୋକାନରୁ କିଏ ଚୋରିକରି ନେଇଯାଇଥିବା, ଅଭିଯୋଗକାରୀ ଜାଣିବା ପରେ ଏନେଇ ସେ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲାର ତଦନ୍ତ କାଳରେ ସମ୍ପୃକ୍ତ ମେଡିସିନ ଦୋକାନ ତଥା ଏହାର ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସବୁକୁ ଯାଞ୍ଚ କରି ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ପରେ ସିସିଟିଭି ଫୁଟେଜ ତଥା ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ପୁଲିସ ଚଢ଼ଉ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଢେଙ୍କାନାଳ ଥାନା ଅନ୍ତର୍ଗତ ରେଙ୍ଗାଳ ଗ୍ରାମରୁ କାବୁ କରିବାରେ ସକ୍ଷମ ହୋଇଥିଲେ।

### ଖଣ୍ଡଗିରି ମେଳାରୁ ମୋବାଇଲ ଚୋରି ଅଭିଯୋଗରେ ଗିରଫ



ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): କ୍ୟାପିଟାଲ ଥାନା ପୁଲିସ ଉପରୋକ୍ତ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ କ୍ୟାପିଟାଲ ଥାନାର ଏକ ଟିମ ବାପୁଜୀ ନଗର ଅଞ୍ଚଳରେ ଅତର୍କିତ ଚଢ଼ଉ କରିବା ସହ ଜଣେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନଭିନ ସମୟରେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ୨ଟି ଚୋରା ମୋବାଇଲ ଫୋନ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ଗତ ତା.୧୨.୦୨.୨୦୨୫ ରିଖ ଦିନ ଖଣ୍ଡଗିରୀ ମେଳା ବୁଲିବାକୁ ଯାଇଥିବା ବେଳେ, ସେଠାରୁ ଏହି ମୋବାଇଲ ଦୁଇଟିକୁ ଚୋରିକାରୀ ଆଣିବା ସହ ବାପୁଜୀ ନଗର ଅଞ୍ଚଳରେ କମ ଦାମରେ ବିକ୍ରି କରିବା ଲାଗି ଗ୍ରାହକଙ୍କ ସହ ଯୋଗାଯୋଗ କରୁଥିବା ସ୍ୱୀକାର କରିଥିଲେ। ପୁଲିସ ଏହି ମାମଲାର ତଦନ୍ତ କରିବା ସମୟରେ, ଅଭିଯୁକ୍ତ ବିକାଶ ଦଳେଇ ପୂର୍ବରୁ ମଧ୍ୟ ଆଠଗଡ଼ ଥାନାରେ ଏକ ଚୋରୀ ମାମଲାରେ ଜଡ଼ିତ ଥିବା ଜାଣିବାକୁ ପାଇଛି।

### ଧରାପଡ଼ିଲେ ରଡ୍ ଚୋର



ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): ଅଭିଯୋଗକାରୀ ରଶ୍ମୀ ରଞ୍ଜନ ସ୍ୱାଇଁଙ୍କ ଅଭିଯୋଗ କ୍ରମେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭରତପୁର ଥାନା ଅନ୍ତର୍ଗତ ରାଜୀବ ନଗରରେ ଏକ କେନାଲ କାମ ଚାଲୁଥିବା ବେଳେ, ଅଭିଯୋଗକାରୀ ଜଣଙ୍କ ସେଠାରେ ସୁପରଭାଇଜର ଭାବ କାମ କରନ୍ତି। କାମ ଚାଲିଥିବା ବେଳେ, ଗଚ୍ଛିତ ସ୍ଥାନରୁ ଏକ କୁଇଣ୍ଟାଲ ଓଜନର ୧୨ ଏମଏମ ଓ ୧୬ ଏମଏମ ଛଡ଼ ଚୋରୀ ହେଇଯାଇଥିବା ସେ ଦେଖିବାକୁ ପାଇଥିଲେ । ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସମୟରେ, ଅଭିଯୁକ୍ତ ଜଣକ କୋଲଥିଆ ଛକ ନିକଟରେ ସନ୍ଦେହ ଜଣକ ଅବସ୍ଥାରେ ବୁଲାବୁଲି କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ ।

## ଏସଜିଟି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ

# ତ୍ୱରିତ ପ୍ରଗତିରେ ବିଶ୍ୱବିଦ୍ୟାଳୟର ବଡ଼ ଭୂମିକା: ଧର୍ମେନ୍ଦ୍ର



● 'ଚାନସେଲର ଲାଇବ୍ରେରୀ' ଉଦ୍‌ଘାଟିତ
● ଡିପଟେକ୍ ସମେତ ନୂଆ ଜ୍ଞାନକୌଶଳରେ ମଜବୁତ ହେବାକୁ ପଡ଼ିବ

ଗୁରୁଗ୍ରାମ,୧୪।୨(ସଂଚାର ବ୍ୟୁରୋ): ଆଗାମୀ ଦିନରେ ସମଗ୍ର ଭାରତବର୍ଷରେ ଭବିଷ୍ୟତର ଆବଶ୍ୟକତାକୁ ମ୍ୟାପିଂ କରି ଭାରତର ପ୍ରଗତିକୁ ତ୍ୱରାନ୍ୱିତ କରାଇବାରେ ବିଶ୍ୱବିଦ୍ୟାଳୟର ବଡ଼ ଭୂମିକା ରହିବ ବୋଲି ଆଜି ଗୁରୁଗ୍ରାମସ୍ଥିତ ଏସଜିଟି ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଐତିହାସିକ ଓ ସାଂସ୍କୃତିକ ସହର ଗୁରୁଗ୍ରାମରେ ସ୍ଥାପିତ ଏହି ବିଶ୍ୱବିଦ୍ୟାଳୟର ସମାରୋହରେ ଡିଗ୍ରୀ ଓ ସ୍ୱର୍ଣ୍ଣ ପଦକ ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଏହି ସମାବର୍ତ୍ତନ ସମାରୋହ ଯୁବବର୍ଗଙ୍କ ପାଠ ପଢ଼ିବାର ଶେଷ ପାହାଚ ନୁହେଁ, ବରଂ ସେମାନଙ୍କ କ୍ୟାରିୟର, ପରିବାର, ଦେଶ ଓ ସମାଜ ପ୍ରତି ନୂଆ ଦାୟିତ୍ୱର ଆରମ୍ଭ। ଚଳିତ ଶତାବ୍ଦୀରେ ବିଶ୍ୱରେ ଉଭା ହୋଇଥିବା ପ୍ରତ୍ୟେକ ନୂଆ ଅର୍ଥନୈତିକ ହଟ୍‌ସ୍ପଟରେ କୌଣସି ନା କୌଣସି ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଆଗାମୀ ବର୍ଷଗୁଡ଼ିକରେ ଭାରତ ବିଶ୍ୱରେ ଏକ ମହାଶକ୍ତି ଭାବେ ଉଭା ହେବ ଓ ସେତେବେଳେ ଏସଜିଟି ଭଳି ବିଶ୍ୱବିଦ୍ୟାଳୟ ଭବିଷ୍ୟତର ଆବଶ୍ୟକତାକୁ ମ୍ୟାପିଂ କରି ଭାରତର ପ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଏସଜିଟି ବିଶ୍ୱବିଦ୍ୟାଳୟରେ 'ଚାନସେଲର ଲାଇବ୍ରେରୀ' ଉଦ୍‌ଘାଟନ କରି ଏହି ପାଠାଗାର ଜରିଆରେ କୁଳାଧିପତି ପଦ୍ମଭୂଷଣ ରାମ ବାହାଦୁର ରାୟ ସାମାଜିକ ଜୀବନରେ ନିଜର ସବୁଠାରୁ ବଡ ସମ୍ପତ୍ତି ଦାନ କରିଥିବା କହିଛନ୍ତି। ସେ ଆହୁରି କହିଛନ୍ତି ଯେ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ଆମ ପିଲାମାନଙ୍କର ବ୍ୟକ୍ତିଗତ ବିକାଶର ରୋଡମ୍ୟାପ ଉପରେ ଧ୍ୟାନ ଦେବାକୁ ହେବ। ଭାରତ ଶିଳ୍ପ ବିପ୍ଳବ ୪.୦ର ନେତୃତ୍ୱ ନେବା ଦରକାର ଓ ଆମ ବିଶ୍ୱବିଦ୍ୟାଳୟଗୁଡ଼ିକ ଏହି ଦାୟିତ୍ୱ ନେବା ଉଚିତ। ଭାରତର ଯୁବପିଢ଼ି ଉଚ୍ଚାଭିଳାଷୀ। ଆଜି ଆମେ ସର୍ଭିସ ଓ ବିନିର୍ମାଣ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରିଛୁ। ଆଗାମୀ ଦିନରେ ଆମକୁ ଡିପଟେକ୍ ସମେତ ନୂତନ ଜ୍ଞାନକୌଶଳ ଉପରେ ବିଶେଷଭାବେ ମଜବୁତ ହେବାକୁ ପଡ଼ିବ। ଆମ ବିଶ୍ୱବିଦ୍ୟାଳୟଗୁଡ଼ିକ ବିଶ୍ୱ ସମସ୍ୟାର ସମାଧାନ ଅନ୍ୱେଷଣ କରିବା ସହ ନୂଆ ଟେକ୍ନୋଲୋଜି, ନବସୃଜନର ସଂସ୍କୃତି ଓ ୱେଲଥ୍ କ୍ରିଏସନକୁ ପ୍ରୋତ୍ସାହିତ କରିବାକୁ ହେବ। ଆଗାମୀ ଦିନରେ ଭାରତ ବିଶ୍ୱ କଲ୍ୟାଣର ଦାୟିତ୍ୱ ନେବ। ଜାତୀୟ ଶିକ୍ଷା ନୀତିରେ ଏଥିପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି ଓ ଏସଜିଟି ଭଳି ବିଶ୍ୱବିଦ୍ୟାଳୟ ଏହାର ସଫଳ ପ୍ରୟୋଗଶାଳା ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

● ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା

# ଛାତ୍ରୀନିବାସ ଖାଲି କରିବାକୁ ନିର୍ଦ୍ଦେଶ




କଟକ,୧୪।୨ (ସଂଚାର ବ୍ୟୁରୋ): କଟକର ଏକ ପ୍ରତିଷ୍ଠିତ ପୁରାତନ ସରକାରୀ ବାଳିକା ବିଦ୍ୟାଳୟ ହଷ୍ଟେଲରୁ ଜନୈକ ଛାତ୍ରୀଙ୍କ ମୃତଦେହ ମିଳିବା ପରେ ଉକ୍ତ ଛାତ୍ରୀନିବାସକୁ ତୁରନ୍ତ ଖାଲି କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଅନ୍ତେବାସୀମାନଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶ ଦେଇଥିବା ବେଳେ କଟକ ଜିଲ୍ଲାପାଳ ତଥା ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏପରି ନିର୍ଦ୍ଦେଶ ଦିଆଯାଇଥିବା ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି। ଏଥିସହ ହଷ୍ଟେଲ ୱାର୍ଡେନଙ୍କ ବିରୋଧରେ ଲାଲବାଗ ଥାନାରେ ସେ ଲିଖିତ ଅଭିଯୋଗ ମଧ୍ୟ ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ଏହି ବିଦ୍ୟାଳୟରୁ ଅବସର ନେବା ପରେ ମଧ୍ୟ ହଷ୍ଟେଲକୁ ନିଜ ଅକ୍ତିଆରରେ ରଖିଥିବା ଅଭିଯୋଗ ଆଣିଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ହଷ୍ଟେଲରେ ଅନେକ ସମସ୍ୟା ରହିଛି। ସେଥିପାଇଁ ଚଳିତ ବର୍ଷ ଛାତ୍ରୀ ନିବାସରେ ଆଡମିଶନ ବି ବନ୍ଦ କରାଯାଇଥିଲା। ଘରୋଇ ପରିଚାଳନାରେ ଚାଲିଥିଲା ହଷ୍ଟେଲ। କୌଣସି ସରକାରୀ କର୍ମଚାରୀ ଦାୟିତ୍ୱରେ ନ ଥିଲେ। ୫୨ ଅନ୍ତେବାସୀ ଛାତ୍ରୀଙ୍କୁ ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତକାଲି ହଷ୍ଟେଲରେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

### ରିଲ୍ସ ନିଶା, ନଦୀରେ ଖସିପଡ଼ି ଯୁବତୀ ଗୁରୁତର



ଢେଙ୍କାନାଳ,୧୪।୨(ସଂଚାର ବ୍ୟୁରୋ): ମୋବାଇଲରେ ରିଲ୍ସ କରିବା ହେଲା କାଳ। ରିଲ୍ସ କରିବା ସମୟରେ ଅସାବଧାନତାବଶତଃ ବ୍ରିଜ ଉପରୁ ବ୍ରାହ୍ମଣୀ ନଦୀରେ ଖସି ପଡ଼ିଛନ୍ତି ଜନୈକା ଯୁବତୀ। ଏହି ଯୁବତୀ ଜଣଙ୍କ ଢେଙ୍କାନାଳ ତରଭା ଗାଁର ୧୯ ବର୍ଷୀୟା ଅମ୍ବିକା ନାୟକ ବୋଲି ଜଣାପଡ଼ିଛି। ସେ ତାଙ୍କ ମାଉସୀଙ୍କ ସହ ମିଶି ଢେଙ୍କାନାଳ ତରଭା ଗାଁରୁ କାମାକ୍ଷାନଗର ଖଟୁଆହତା ଯାଉଥିଲେ। ତେବେ ଅଧା ବାଟରେ ଅଟୋକୁ ଅଟକାଇ କମଗରା ବ୍ରାହ୍ମଣୀ ନଦୀ ବ୍ରିଜ ଉପରେ ଅମ୍ବିକା ମୋବାଇଲରେ ରିଲ୍ସ କରୁଥିଲେ। କିନ୍ତୁ ଏହି ସମୟରେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ଅମ୍ବିକା ନଦୀ ଭିତରକୁ ଖସିପଡ଼ିଥିଲେ। ତେବେ ସେଠାରେ ଥିବା କେତେକ ଲୋକ ପାଖାପାଖି ଅଧଘଣ୍ଟା ଧରି ଉଦ୍ୟମ କରିବା ପରେ ଅମ୍ବିକାଙ୍କୁ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି।

## ଓଡ଼ିଶା ବିଜ୍ଞାନ ଏକାଡେମୀର ଭାବବିନିମୟ କାର୍ଯ୍ୟକ୍ରମ

# ଛାତ୍ରଛାତ୍ରୀଙ୍କ ପାଇଁ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା



ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ବିଜ୍ଞାନ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ଭାବବିନିମୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ଥାନୀୟ ଶିରିପୁରସ୍ଥିତ ଇମେଜ୍ ପରିସରରେ ଆୟୋଜିତ ଏହି ତିନିଦିନିଆ ଭାବବିନିମୟ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ବିଜ୍ଞାନ ସମ୍ବନ୍ଧୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। 'ଆମ ପରିବେଶ ଓ ଆମ ଜୀବନ' ଶୀର୍ଷକ ବିଷୟ ଉପରେ ଛାତ୍ରଛାତ୍ରୀମାନେ ଚିତ୍ର ଆଙ୍କିଥିବା ବେଳେ 'ବିଜ୍ଞାନ ଓ ଆଧ୍ୟାତ୍ମିକତା ପରସ୍ପରର ପରିପନ୍ଥୀ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏଥିସହ ବିଭିନ୍ନ ବିଜ୍ଞାନ ପ୍ରାସଙ୍ଗିକ ବିଷୟବସ୍ତୁ ଓ କ୍ଷେତ୍ରସ୍ତରୀୟ ପରିଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଜ୍ଞାନବୃଦ୍ଧି କରାଯିବା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି। କାର୍ଯ୍ୟକ୍ରମରେ ପ୍ରଫେସର ବେଦାଙ୍ଗଦାସ ମହାନ୍ତି, ପ୍ରଫେସର ଗଗନ ବିହାରୀ ନିତ୍ୟାନନ୍ଦ ଚୟିନୀଙ୍କ ପରି ବୈଜ୍ଞାନିକ ନିଜ ନିଜର ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଛନ୍ତି। ସେହିଭଳି ଛାତ୍ରଛାତ୍ରୀଙ୍କ ସକାଶେ ଓକାକ୍‌ର କମ୍ପ୍ୟୁଟର ଶିକ୍ଷା, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ଉପସ୍ଥାପିତ ହୋଇଛି। ଛାତ୍ରଛାତ୍ରୀମାନଙ୍କୁ ମ୍ୟାଜିକ୍ ଶୋ' ସହ କ୍ଷେତ୍ରସ୍ତରୀୟ ପରିଦର୍ଶନର ସୁବିଧା ମଧ୍ୟ ପ୍ରଦାନ କରାଯାଇଛି। ଏଥିରେ ଛାତ୍ରଛାତ୍ରୀମାନେ ନିଜ ନିଜର ବିଭିନ୍ନ ପ୍ରକଳ୍ପ ମଧ୍ୟ ପ୍ରଦର୍ଶନ କରିଛନ୍ତି। ଆସନ୍ତାକାଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବେ।

## ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

# ବ୍ୟାପକ ପ୍ରସ୍ତୁତି ପାଇଁ ଡିଜିଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): ଆସନ୍ତା ଜୁନ ୨୭ ତାରିଖରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ଭାବେ ଆୟୋଜନ କରିବା ନିମନ୍ତେ ଆଜି ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ପୁଲିସ୍ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ରଥଯାତ୍ରାରେ ସମ୍ଭାବ୍ୟ ଭିଡ଼ ନିୟନ୍ତ୍ରଣ ଓ ଗତବର୍ଷ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଏବେଠାରୁ ବ୍ୟାପକ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରୀତିନୀତି ବିଭିନ୍ନ ତାରିଖରେ ପାଳନ କରାଯିବ। ଏହି ଉପଲକ୍ଷେ ଦେଶବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ପହଞ୍ଚିବେ। ଏଥିସହହ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦେଖିବାକୁ ଆସିବେ। ଏହାପରେ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଉତ୍ତରା ଛକଠାରୁ ପୁରୀ ପର୍ଯ୍ୟନ୍ତ ସିସିଟିଭିର ଲଗାଇବା, ଟ୍ରାଫିକ ସମସ୍ୟାର ସୁପରିଚାଳନା, ଦଳାଚକଟା ଭଳି ଅଘଟଣକୁ ଏଡାଇବା ନିମନ୍ତେ ସଜାଗ ତଥା ସ୍ୱତନ୍ତ୍ର ବ୍ୟବସ୍ଥା, ଗାଡ଼ି ପାର୍କିଂ, ଅତି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ୍, ପୁଲିସ ଫୋର୍ସଙ୍କ ରହଣି ନିମନ୍ତେ ସ୍ୱତନ୍ତ୍ର ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ମିଶି ବିଭିନ୍ନ ଅସୁବିଧାର ଆଶୁ ସମାଧାନ ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଆଦି ସମ୍ପର୍କରେ ଡିଜିପି ବିସ୍ତୃତ ଭାବେ ଆଲୋଚନା ହୋଇଛି। ବୈଠକରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ ଡଃ ସନ୍ତୋଷ ୱାଲା, ଏଡିଜିପି (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜିପି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଏଡିଜିପି (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଏଡିଜିପି (ଏସଏପି) ରାଜେଶ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ଡିଆଇଜିପି (ଅପରେସନ) ଅଖିଳେଶ୍ୱର ସିଂ, ଡିଆଇଜିପି (କେନ୍ଦ୍ରାଞ୍ଚଳ) ଚରଣ ସିଂ ମିନା, ଡିଆଇଜିପି (ଏସଆଇଡବ୍‌ଲ୍ୟୁ) ଡଃ କନୱର ବିଶାଲ ସିଂ, ଡିସିପି (ଭୁବନେଶ୍ୱର) ପିନାକ ମିଶ୍ର, ଏଆଇଜିପି (ମୁଖ୍ୟାଳୟ) ଯୁଗଳ କିଶୋର କୁମାର ବନୋଥ, ଏଆଇଜିପି (ମୁଖ୍ୟାଳୟ) ବିବେକାନନ୍ଦ ଶର୍ମା ଓ ପୁରୀ ଏସପି ଭିନୀତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ସପ୍ତମ ଶ୍ରେଣୀର ଛାତ୍ରୀଙ୍କୁ ଅସଦାଚରଣ ମାମଲା

# ଭୁବନେଶ୍ୱରରୁ ଗିରଫ ହେଲେ ଅଭିଯୁକ୍ତ ଶିକ୍ଷକ



ଯାଜପୁର,୧୪।୨(ସଂଚାର ବ୍ୟୁରୋ): ଗୁରୁ-ଶିଷ୍ୟ ସମ୍ପର୍କରେ କଳଙ୍କର ଛିଟା। ସ୍କୁଲ୍ ଶିକ୍ଷକଙ୍କ ବିରୋଧରେ ଆସିଛି ଅସଦାଚରଣ ପରି ସାଂଘାତିକ ଅଭିଯୋଗ। ବାପା ମା'ଙ୍କ ପରେ ଗୁରୁ ହିଁ ପ୍ରତି ପିଲାର ମାର୍ଗ ଦର୍ଶକ ହୋଇଥିଲେ ହେଁ ଛାତ୍ରୀଙ୍କୁ ଅସଦାଚରଣ କରି ଏପରି ଜଣେ ଶିକ୍ଷକ ଗୁରୁ ପ୍ରତି ରହିଥିବା ସମ୍ମାନକୁ କ୍ଷୁଣ୍ଣ କରିଛନ୍ତି। ଜନୈକା ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିବା ଭଳି ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯିବା ସହ ପୁଲିସ୍ ଗିରଫ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଯାଜପୁର ଜିଲ୍ଲା ଜେନାପୁର ଥାନା ଅଧୀନସ୍ଥ ରେଖିଦେଇପୁର ନୋଡାଲ ପଞ୍ଚାୟତ ହାଇସ୍କୁଲର ଶିକ୍ଷକଙ୍କ ବିରୋଧରେ ଏପରି ଅଭିଯୋଗ ଆସିଛି। ଅଭିଯୁକ୍ତ ଶିକ୍ଷକ ଜଣଙ୍କ ଭୁବନେଶ୍ୱରରେ ଧାରଣାରେ ବସିଥିବା ବେଳେ ସେଠାରେ ପହଞ୍ଚି ପୁଲିସ୍ ତାଙ୍କୁ ଗିରଫ କରିଛି। ଗିରଫ ଶିକ୍ଷକ ଜଣଙ୍କ ହେଉଛନ୍ତି ବିଦ୍ୟାଳୟର ସହକାରୀ ଶିକ୍ଷକ ଅରୁଣ କୁମାର ମଲ୍ଲ। ଅଭିଯୋଗ ମୁତାବକ, ରେଖିଦେଇପୁର ନୋଡାଲ ପଞ୍ଚାୟତ ହାଇସ୍କୁଲରେ ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଶ୍ରୀ ମଲ୍ଲ ଅସଦାଚରଣ କରିଥିଲେ। ଛାତ୍ରୀ ଜଣଙ୍କ ଘରକୁ ଫେରି ଏ ସମ୍ପର୍କରେ ଜଣାଇବା ପରେ ପରିବାର ଲୋକେ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଏହାକୁ ଭିତ୍ତି କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତେବେ ଅଭିଯୋଗକୁ ୧୫ ଦିନ ବିତିଯିବା ପରେ ମଧ୍ୟ ପୁଲିସ ଅଭିଯୁକ୍ତ ଶିକ୍ଷକକୁ ଗିରଫ କରିପାରିନଥିଲା। ଅନ୍ୟପକ୍ଷରେ ଶିକ୍ଷା ବିଭାଗ ପକ୍ଷରୁ ଅଭିଯୁକ୍ତ ଶିକ୍ଷକ ଶ୍ରୀ ମଲ୍ଲଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ବଦଳି କରାଯାଇଥିଲେ ମଧ୍ୟ ସେ ସେଠାରେ ଯୋଗଦେଇ ନଥିଲେ। ଉଭୟ ଶିକ୍ଷା ବିଭାଗ ଓ ପୁଲିସ କାର୍ଯ୍ୟାନୁଷ୍ଠାନରେ ଅସନ୍ତୁଷ୍ଟ ହୋଇ ପୀଡ଼ିତା ଛାତ୍ରୀଙ୍କ ପରିବାର ଲୋକଙ୍କ ସହ ଗ୍ରାମବାସୀ ଓ ବହୁସଂଖ୍ୟକ ଛାତ୍ରଛାତ୍ରୀ ଗତକାଲି ସ୍କୁଲ ସମ୍ମୁଖରେ ଧାରଣାରେ ବସିଥିଲେ। ଅଭିଯୁକ୍ତ ଶିକ୍ଷକକୁ ତୁରନ୍ତ ବହିଷ୍କାର କରିବା ସହ ଗିରଫ ପାଇଁ ଧାରଣାକାରୀମାନେ ଦାବି କରିଥିଲେ। ଏନେଇ ଖବର ପାଇ ଯାଜପୁର ରୋଡ୍ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଭବେଶ କୁମାର ମାଝୀ, ଜେନାପୁର ଥାନା ଅଧିକାରିଣୀ ନିରୁପମା ଜେନା ଧାରଣାସ୍ଥଳରେ ପହଞ୍ଚି ଧାରଣାରେ ବସିଥିବା ଲୋକଙ୍କୁ ବୁଝାସୁଝା କରଥିଲେ। ମାତ୍ର ଧାରଣାକାରୀ ନିଜ ଜିଦରେ ଅଟଳ ରହିଥିଲେ। ପରେ ଜିଲ୍ଲା ଶିକ୍ଷାଧିକାରୀ ଅଭିଯୁକ୍ତ ଶିକ୍ଷକ ଶ୍ରୀ ମଲ୍ଲଙ୍କୁ ନିଲମ୍ବନ କରିଥିଲେ। ଏହାପରେ ବି ଗ୍ରାମବାସୀ ଧାରଣାରୁ ଓହରି ନଥିଲେ। ଅବଶ୍ୟ ବହୁ ବୁଝାସୁଝା ପରେ ଧାରଣାକାରୀ ଧାରଣା ପ୍ରତ୍ୟାହାର କରିଥିବା ବେଳେ ପୁଲିସ ଅଭିଯୁକ୍ତ ଶିକ୍ଷକକୁ ଭୁବନେଶ୍ୱରରୁ ଗିରଫ କରିଥିବା ଜଣାପଡ଼ିଛି।

### ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ବୈଶିଙ୍ଗା,୧୪।୨(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥ ଜରକା ଛକ ନିକଟରେ ଦୁଇ ବାଇକ ମଧ୍ୟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ମୋରଡା ଥାନା ଅଧୀନ ମାକୁନ୍ଦ ଗ୍ରାମର ମଙ୍ଗଲ ସିଂ ର ପୁଅ ଗୋରା ସିଂ (୪୫) ଏକ ବାଇକ ଯୋଗେ ବୈଶିଙ୍ଗା ରୁ ଜରକା ଛକ ନିକଟକୁ ୧୮ ନଂ ଜାତୀୟ ରାଜପଥର ଭୁଲ ପାର୍ଶ୍ୱ ଦେଇ ଯାଉଥିବାବେଳେ ଏକ ବାଇକ ସାଙ୍ଗରେ ପ୍ରଥମ ଦୁର୍ଘଟଣା ଘଟାଇବା ପରେ ସେଠାରୁ ଉଠି ପୁଣି ଥରେ ଦ୍ରୁତ ଭାବେ ଜରକା ଛକ ଦେଇ ଯୁଗୁପୁରା ଅଭିମୁଖେ ଯାଉଥିବା ବେଳେ ବେତନଟୀ ପଟୁ ଆସୁଥିବା ବାଇକ ଆରୋହୀ ବାଲେଶ୍ୱର ଜିଲ୍ଲା ଅଧୀନ ରୁପସା ନିକଟସ୍ଥ କେନ୍ଦୁଡାଙ୍ଗରି ଗ୍ରାମର କନ୍ଦନ ବାସ୍କେ (୧୮) କୁ ଧକ୍କା ଦେଇଥିଲେ।

ଜୀବନ ଅମୃତ ଅନୁଚିନ୍ତା

ଯୋଗୀ ପୁରୁଷ-କେବଳ ଯୋଗୀ ପୁରୁଷ ହିଁ ପାର୍ଥିବ ଜଗତର ପୂର୍ଣ୍ଣତା ଭିତରେ ଥିବା ଶୂନ୍ୟତାକୁ ଦେଖି ଐଶ୍ୱରିକ ଜଗତର ଶୂନ୍ୟତା ଭିତରେ ଥିବା ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୁଅନ୍ତି।

SANCHAR
ସଂଚାର
୪ ଶନିବାର ୧୫ ଫେବ୍ରୁଆରୀ ୨୦୨୫, ଭୁବନେଶ୍ୱର
Saturday 15 February 2025 Bhubaneswar

# ମଣିପୁରରେ ରାଷ୍ଟ୍ରପତି ଶାସନ

ଶେଷରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହୋଇଛି। ବିଳମ୍ବରେ ହେଲେ ମଧ ଏହା ଯଥାର୍ଥ ଏବଂ ସ୍ୱାଗତଯୋଗ୍ୟ। ବର୍ଷକ ତଳୁ ଏହି ପଦକ୍ଷେପ ନିଆଯିବାର ଥିଲା। ଏବେ ପରିସ୍ଥିତି ଅଧିକ ଖରାପ ହୋଇଛି ସେ କଥା ନୁହେଁ, କେବଳ ସାମ୍ବିଧାନିକ ସଙ୍କଟ ଏବଂ ରାଜନୈତିକ ବାଧବାଧକତାରେ ଏହି ପଦକ୍ଷେପ ନିଆଯାଇଛି। ନଚେତ ରାଜ୍ୟରେ ବିଜେପି ସରକାର ଅପଦସ୍ତ ହୋଇଥାଆନ୍ତା। ଉଲ୍ଲେଖ ଯୋଗ୍ୟ ଯେ, ମଣିପୁର ହିଂସା ଆରମ୍ଭ ହେବାର ପ୍ରାୟ ୨୧ ମାସ ପରେ ମୁଖ୍ୟମନ୍ତ୍ରୀ ପଦରୁ ଏନ ବୀରେନ ସିଂହ ଇସ୍ତଫା ଦେଇଛନ୍ତି। ହିଂସା ନିୟନ୍ତ୍ରଣରେ ବିଫଳତାରୁ ସେ ଇସ୍ତଫା ଦେଇ ନାହାଁନ୍ତି, ରାଜନୈତିକ ବାଧବାଧକତାରେ ପଡ଼ି ସେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ମଣିପୁର ବିଜେପିରେ ବୀରେନ ସିଂହଙ୍କ ନେତୃତ୍ୱ ବିରୋଧରେ ବିଦ୍ରୋହ ଆରମ୍ଭ ହେବା ପରେ ସେ ଇସ୍ତଫା ଦେବାକୁ ବାଧ ହୋଇଛନ୍ତି। ନଚେତ କଂଗ୍ରେସ ପକ୍ଷରୁ ପ୍ରସ୍ତାବିତ ଅନାସ୍ଥା ଭୋଟରେ ତାଙ୍କର ପରାଜୟ ସୁନିଶ୍ଚିତ ଥିଲା। ରାଜ୍ୟ ବିଜେପିର ୧୨ ଜଣ ବିଧାୟକ ଦଳୀୟ ହୁଇପକୁ ଅମାନ୍ୟ କରି ଅନାସ୍ଥା ଭୋଟ ବେଳେ ଗୃହରେ ଅନୁପସ୍ଥିତ ରହିବାକୁ ଯୋଜନା କରିଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ବୀରେନ ସିଂହ ଦଳର ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ନଚେତ ସେ ଅପଦସ୍ତ ହୋଇଥାଆନ୍ତେ। କିଛି ଦିନ ତଳେ ବୀରେନ ସିଂହ ରାଜ୍ୟବାସୀଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଯାହା ହୋଇଯାଇଛି ତାକୁ ଭୁଲି ଯାଇ ଆଗକୁ ଶାନ୍ତି ଏବଂ ବନ୍ଧୁତ୍ୱର ବାତାବରଣ ମଧ୍ୟରେ ରହିବା ଏବଂ ନୂଆ ମଣିପୁର ଗଢିବା ପାଇଁ ସେ ସବୁ ସମ୍ପ୍ରଦାୟକୁ ଆହ୍ୱାନ କରିଥିଲେ। କହିବା ବାହୁଲ୍ୟ ଯେ, ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ। ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି। ଏସବୁ ରାଜ୍ୟର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ଆସାମକୁ ବାଦ ଦେଲେ ଅନ୍ୟ



୬ଟି ରାଜ୍ୟ ଅତି ଛୋଟ। ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି। କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ। ଆର୍ଥିକ ଦୃଷ୍ଟିରୁ ମଧ ଏସବୁ ରାଜ୍ୟ ଅନଗ୍ରସର। ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା। ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ôଥକ ବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ। ଧିରେ ଧିରେ ଆଲୋଚନା ମାଧ୍ୟମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି। ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ୨୦୨୩ ଏପ୍ରିଲ ୧୪ରେ ମଣିପୁର ହାଇକୋର୍ଟ ମୈତେଇ ସମ୍ପ୍ରଦାୟକୁ ଆଦିବାସୀ ବା ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଏକ ସମ୍ପୂର୍ଣ୍ଣ ଅନ୍ଧ ନିଷ୍ପତ୍ତି ଥିଲା। ହାଇକୋର୍ଟଙ୍କ ଏହି ଦାୟିତ୍ୱହୀନ ରାୟ ଯୋଗୁ ଦେଶର ବ୍ୟାପକ କ୍ଷତି ହେଲା। ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି। ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି। କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି। କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି। ର ରାଜ୍ୟରେ ୫୦ ହଜାର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଥିଲେ ମଧ ସେମାନେ ସ୍ଥିତି ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରୁନାହାଁନ୍ତି। ମଣିପୁର ରାଇଫଲସ ବାରାକ ଉପରେ ଚଢ଼ାଉ କରି କେତେକ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଲୁଟ କରିବାକୁ ଉଦ୍ୟମ କରିଛନ୍ତି। ପ୍ରଥମ ଥର ପାଇଁ ଉଗ୍ରବାଦୀମାନେ ଆକ୍ରମଣରେ ଡ୍ରୋନ ବ୍ୟବହାର କରିଛନ୍ତି। ତେଣୁ ସୁରକ୍ଷା ବାହିନୀ ପକ୍ଷରୁ ଏହାର ମୁକାବିଲା ନିମନ୍ତେ ଆକାଶ ମାର୍ଗରୁ ବାୟୁସେନା ହେଲିକପ୍ଟର ମାଧ୍ୟମରେ ପାଟ୍ରୋଲିଂ କରାଯାଉଛି। ଆଣ୍ଟିଡ୍ରୋନ ସିଷ୍ଟମ ବ୍ୟବହାର କରାଯାଉଛି। ଏଥିରୁ ପରିସ୍ଥିତି କେତେ ସଙ୍ଗୀନ ତାହା ସହଜରେ ଅନୁମେୟ। ଉଗ୍ରବାଦୀମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ରକେଟ ଏବଂ ଡ୍ରୋନ ସବୁ ବିଦେଶରୁ ଆସୁଛି ଏବଂ ଏଥିରୁ ଅଧିକାଂଶ ହେଉଛି ଚୀନ ନିର୍ମିତ। ତେଣୁ ହିଂସା ଓ ଅଶାନ୍ତି ପଛରେ କାହାର ହାତ ରହିଛି ତାହା ସହଜରେ ଅନୁମେୟ। ଏହାକୁ ବିଦେଶୀ ଷଡ଼ଯନ୍ତ୍ରର ପ୍ରତିଫଳନ। ମଣିପୁର ପରିସ୍ଥିତି ଏବେ କାଶ୍ମୀରକୁ ବଳିଗଲାଣି। ଏଭଳି ପରିସ୍ଥିତିରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜରୁରୀଥିଲା। ଉଗ୍ରବାଦୀ ଏବଂ ହିଂସା ସୃଷ୍ଟିକାରୀଙ୍କୁ କଠୋର ହସ୍ତରେ ଦମନ କରାଯିବା ଉଚିତ। ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। କୁକି ଓ ମୈତେଇ ସମ୍ପ୍ରଦାୟ ମଧ୍ୟରେ ଭୁଲ ବୁଝାମଣା ଦୂର କରିବାକୁ ଉଦ୍ୟମ କରାଯିବା ଉଚିତ। ରାଷ୍ଟ୍ରପତି ଶାସନ ଜାରି ସତ୍ତ୍ୱେ ବିବଦର ସମାଧାନ ପାଇଁ ରାଜନୈତିକ ସ୍ତରରେ ଉଦ୍ୟମ ଜାରି ରହିବା ଉଚିତ। ମଣିପୁର ହିଂସା ସାରା ଦେଶ ପାଇଁ ଏକ ଶିକ୍ଷା। ଜାତିଗତ ଆଧାରରେ ସଂରକ୍ଷଣ ଏକ ସାମାଜିକ କଳଙ୍କ ଏବଂ ସଭ୍ୟ ସମାଜର ପରିଚାୟକ ନୁହେଁ। ସଂରକ୍ଷଣ ଏକ ଦୁର୍ନୀତି। ଏହା ଦ୍ୱାରା ପ୍ରକୃତ ଯୋଗ୍ୟ ବ୍ୟକ୍ତିମାନେ ଅନ୍ୟାୟର ଶିକାର ହୁଅନ୍ତି। ଅଯୋଗ୍ୟ ବ୍ୟକ୍ତିମାନେ ସେହି ସ୍ଥାନକୁ ଦଖଲ କରନ୍ତି ଯାହାକୁ ଦଖଲ କରିବାର ଯୋଗ୍ୟତା ଥିବା ବ୍ୟକ୍ତିକୁ ସୁଯୋଗରୁ ବଂଚିତ ହେବା ପଡ଼ିଥାଏ। ମଣିପୁର ହିଂସାକୁ ବିଦେଶରେ କିଛି ସଙ୍ଗଠନ ଏବଂ ବୈଦେଶିକ ରାଷ୍ଟ୍ର ସମାଲୋଚନା କରିବା ସହ ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଏହାର କୋଂଣସି ଯଥାର୍ଥତା ନାହିଁ ସେମାନେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ଖେଳାଇବା ଅନୁଚିତ। କିନ୍ତୁ କେବଳ ମଣିପୁରରେ ମୈତେଇ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ହୋଇଥିବାରୁ ସେମାନେ ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ନିଜକୁ ଧର୍ମନିରପେକ୍ଷ ବୋଲାଉଥିବା ଏହି ୟୁରୋପୀୟ ରାଷ୍ଟ୍ରମାନେ ବାସ୍ତବରେ ହିଂସାକାଣ୍ଡକୁ ବିରୋଧ କରୁ ନାହାଁନ୍ତି, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ସୁରକ୍ଷା ଏବଂ ସମର୍ଥନ କରୁଛନ୍ତି। ମଣିପୁରରେ ଏବେ ୬ ମାସ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶାସନ ବଳବତ୍ତର ରହିବା ଯଦି ଏହି ସମୟ ମଧ୍ୟରେ ବିକଳ୍ପ ସରକାର ଗଠନ ସମ୍ଭବ ନହୁଏ ତେବେ ରାଜ୍ୟରେ ସାନି ନିର୍ବାଚନ ଘୋଷଣା କରାଯିବା ଉଚିତ। କାରଣ କୋଂଣସି ପରିସ୍ଥିତିରେ ମଧ ଗଣତାନ୍ତ୍ରିକ ପ୍ରକ୍ରିୟା ବାଧା ପ୍ରାପ୍ତ ହେବା ଅନୁଚିତ।

# ଦିଲ୍ଲୀ: ୭୫ ବର୍ଷର ରାଜନୈତିକ ଇତିହାସ



## ଗୋପାଳ ମହାପାତ୍ର

ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିଛି। ଆମ୍ଆଦମୀ ପାର୍ଟିର ଅହଂକାର ଭାଙ୍ଗିଛି। ଏ ଭଳି ସମୟରେ ଦିଲ୍ଲୀର ନିର୍ବାଚନୀ ଇତିହାସ ସହ ଜଡିତ କେତେକ ରୋଚକ ପ୍ରସଙ୍ଗର ଆଲୋଚନା କରାଯିବାର ଆବଶ୍ୟକତା ରହିଛି ଯାହା ଅନେକଙ୍କୁ ଜଣା ନାହିଁ। ଦିଲ୍ଲୀ ହେଉଛି ଦେଶର ରାଜଧାନୀ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ହୃଦୟ। ଦିଲ୍ଲୀର ନିର୍ବାଚନ ଦେଶର ଅନ୍ୟ ରାଜ୍ୟ ମାନଙ୍କର ନିର୍ବାଚନ ଅପେକ୍ଷା ଅନେକାଂଶରେ ଗୁରୁତ୍ୱପୂର୍ଣ୍ଣ। ଶାସନଗାଦି ପାଇଁ ଟଣାଓଟରା ବା ଲଢ଼େଇ ଏବଂ ଜନତାଙ୍କ ସ୍ୱର ମଧ୍ୟରେ ଦିଲ୍ଲୀର ନିର୍ବାଚନୀ ଯାତ୍ରା ସବୁବେଳେ ମଜାଦାର। ୧୯୫୨ ମସିହାରେ ପ୍ରଥମେ ଦିଲ୍ଲୀ ବିଧାନସଭା ଗଠନ ଠାରୁ ଆଜି ପର୍ଯ୍ୟନ୍ତ ଦିଲ୍ଲୀ ରାଜନୀତିରେ ଅନେକ ପରିବର୍ତ୍ତନ ହୋଇଛି। ବିଶେଷକରି ୧୯୫୬ ରୁ ୧୯୯୩ ପର୍ଯ୍ୟନ୍ତ, ଯେତେବେଳେ ଦିଲ୍ଲୀର ବିଧାନସଭାକୁ ଭଙ୍ଗ କରାଯାଇ କେନ୍ଦ୍ରଶାସିତ ପ୍ରଦେଶରେ ପରିଣତ କରାଯାଇଥିଲା। ଦିଲ୍ଲୀର ରାଜନୀତିରେ କଂଗ୍ରେସ, ବିଜେପି ଏବଂ ଆମ୍ଆଦ୍ମୀ ପାର୍ଟି ପରେ ଦ୍ୱିତୀୟ ଥର ପାଇଁ ବିଜେପି ଶାସନ ଗାଦି ଅକ୍ତିଆର କରିଛି। ୧୯୫୦ ମସିହାରେ ଦେଶରେ ସମ୍ବିଧାନ ଲାଗୁହେଲା ଓ ସେତେବେଳେ ଦିଲ୍ଲୀକୁ 'ଗ' ବର୍ଗର ରାଜ୍ୟ ତାଲିକାରେ କେନ୍ଦ୍ରଶାସିତ ପ୍ରଦେଶ ଭାବରେ ସାମିଲ କରାଯାଇଥିଲା। ସେତେବେଳେ ୪୮ ଆସନ ବିଶିଷ୍ଟ ଏକ ବିଧାନସଭା ଗଠନ ପାଇଁ ସଂସଦରେ ଷ୍ଟେଟଆକ୍ଟ ୧୯୫୧ ଗୃହୀତ କରାଗଲା। ଏହି ଆଇନ୍ ଅନୁସାରେ ଲୋକସଭା ନିର୍ବାଚନ ସହ ଦିଲ୍ଲୀ ବିଧାନସଭା ପାଇଁ ୧୯୫୧-୫୨ ମସିହାରେ ନିର୍ବାଚନ କରାଯାଇଥିଲା। ନିର୍ବାଚନରେ କଂଗ୍ରେସକୁ ୩୯ଟି ଆସନ ମିଳିଥିବା ବେଳେ ଜନସଂଘ (ବିଜେପିର ପୂର୍ବ)କୁ ୫ଟି ଆସନ ମିଳିଥିଲା ଓ ସୋସାଲିଷ୍ଟ ପାର୍ଟିକୁ ୨ଟି ଆସନ ମିଳିଥିଲା। ୧୯୫୨ ମସିହା ମାର୍ଚ୍ଚ ୧୭ତାରିଖରେ କଂଗ୍ରେସର ୩୪ ବର୍ଷୀୟ ବ୍ରହ୍ମ ପ୍ରକାଶ ମୁଖ୍ୟମନ୍ତ୍ରୀ ହେଲେ। ପ୍ରାରମ୍ଭରେ କିନ୍ତୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ସିମୀତ କ୍ଷମତା ଦିଆଯାଇଥିଲା। ଦିଲ୍ଲୀର ପ୍ରଥମ ମୁଖ୍ୟମନ୍ତ୍ରୀଙ୍କ ସମୟରୁ ଉପରାଜ୍ୟପାଳ- ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଚାଲିଥିବା ବିବାଦ (ମତଭେଦ) ଏଯାଏଁ ଚାଲିଛି। ଉପରାଜ୍ୟପାଳଙ୍କ ସହ ବିବାଦ ଓ ରାଜନୈତିକ ବିପରିତ ପରିସ୍ଥିତି କାରଣରୁ ୧୯୫୫ ଫେବୃୟାରୀ ୧୨ ତାରିଖରେ ବ୍ରହ୍ମପ୍ରକାଶ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ବ୍ରହ୍ମପ୍ରକାଶଙ୍କ ଇସ୍ତଫାପରେ ଗୁରୁମୁଖି ନିହାଲ ସିଂହ ତାଙ୍କ ପଦରେ ଅଧିଷ୍ଠିତ ହୋଇଥିଲେ। ୧୯୫୫ ଫେବୃୟାରୀ ୧୨ ତାରିଖଠାରୁ ୧୯୫୬ ମସିହା ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଭାବେ ରହିଥିଲେ।

ମୁଖ୍ୟମନ୍ତ୍ରୀ ଓ ଉପ-ରାଜ୍ୟପାଳଙ୍କ ମଧ୍ୟରେ ବିବାଦକୁ ଦୃଷ୍ଟିରେ ରଖି ଫଜଲ ଅଲ୍ଲୀଙ୍କ ନେତୃତ୍ୱରେ ରାଜ୍ୟ ପୁନର୍ଗଠନ କମିଶନ ଗଠନ କରାଯାଇଥିଲା ଓ କମିଶନ ରାଜ୍ୟ ସରକାର ବଦଳରେ ସ୍ଥାନୀୟ ପ୍ରଶାସନ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ୧୯୫୬ ମସିହା ନଭେମ୍ବର ମାସ ୧ ତାରିଖରେ ଦିଲ୍ଲୀକୁ ଦିଆଯାଇଥିବା 'ଗ' ବର୍ଗର ରାଜ୍ୟ ତାଲିକାକୁ ରଦ୍ଦ କରାଗଲା ଏବଂ ଦିଲ୍ଲୀର ବିଧାନସଭା ଏବଂ ମୁଖ୍ୟମନ୍ତ୍ରୀ ପଦକୁ ସମାପ୍ତ କରିଦିଆଗଲା। ଏଣୁ ଦିଲ୍ଲୀ ରାଷ୍ଟ୍ରପତିଙ୍କ ଅଧିନସ୍ଥ କେନ୍ଦ୍ରଶାସିତ ପ୍ରଦେଶରେ ପରିଣତ ହୋଇଗଲା। ଏହି ନିଷ୍ପତ୍ତିକୁ ଦିଲ୍ଲୀର ଜନସାଧାରଣ ବିରୋଧ କରିବା ପରେ ଦିଲ୍ଲୀରେ ମୁନିସିପାଲ କର୍ପୋରେସନ ଆକ୍ଟ ୧୯୫୭ ଲାଗୁ କରାଗଲା ଓ ଦିଲ୍ଲୀରେ ନଗର ନିଗମ ପ୍ରତିଷ୍ଠା କରାଗଲା। କିନ୍ତୁ ଦିଲ୍ଲୀର ଲୋକେ ଏତିକିରେ ସନ୍ତୁଷ୍ଟ ହୋଇ ନଥିଲେ। ଦିଲ୍ଲୀକୁ ପୂର୍ଣ୍ଣରାଜ୍ୟର ମାନ୍ୟତା ଦିଆଯିବା ପାଇଁ ଦାବି ଉଠିଥିଲା। ଏଣୁ ୧୯୬୬ ମସିହାରେ ଦିଲ୍ଲୀ ପ୍ରଶାସନିକ ଆକ୍ଟ ଲାଗୁ କରାଗଲା ଓ ଦିଲ୍ଲୀ ବିଧାନସଭା ପରିବର୍ତ୍ତେ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ଅଧିନରେ ଏକ ମୋଟ୍ରୋପଲିଟନ କାଉନସିଲ ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଲେଫ୍ଟନାଣ୍ଟ ଗଭର୍ଣ୍ଣର/ ଉପରାଜ୍ୟପାଳଙ୍କ ମାଧ୍ୟମରେ ଦିଲ୍ଲୀ ଉପରେ ସେବେଠାରୁ କେନ୍ଦ୍ର ସରକାରଙ୍କ ସିଧାସଳଖ ନିୟନ୍ତ୍ରଣ ରହିଲା। ମୋଟ୍ରୋପଲିଟନ କାଉନସିଲରେ ୫୬ ଜଣ ସଦସ୍ୟ ରହୁଥିଲେ ଓ ୫ଜଣ ସଦସ୍ୟଙ୍କୁ ରାଷ୍ଟ୍ରପତି ନିର୍ବାଚିତ କରୁଥିଲେ। କାଉନସିଲ ମୁଖ୍ୟଙ୍କୁ ଚିଫ ଏକ୍ଜିକ୍ୟୁଟିଭ କାଉନସିଲର କୁହାଯାଉଥିଲା। ୧୯୬୬ ରୁ



୧୯୬୭ ପର୍ଯ୍ୟନ୍ତ ସଂସଦରେ ଗୃହୀତ ପ୍ରସ୍ତାବ ଅନୁସାରେ ମୀର ମୁସ୍ତାକ ଅହମଦଙ୍କୁ ଏହାର ମଧ୍ୟବର୍ତ୍ତୀ କାଳୀନ ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଥିଲା। ୧୯୬୭ ରେ ମେଟ୍ରୋପଲିଟନ କାଉନସିଲର ପ୍ରଥମ ନିର୍ବାଚନ ହେଲା। ଏହି ନିର୍ବାଚନରେ ଜନସଂଘକୁ ୩୩ ଆସନ ମିଳିଥିଲା ଓ ପ୍ରଫେସର ବିଜୟ କୁମାର ମାଲହୋତ୍ରା ଚିଫ ଏକଜିକ୍ୟୁଟିଭକାଉନସିଲର ହୋଇଥିଲେ ଓ ଲାଲକୃଷ୍ଣ ଆଡ଼ଭାନୀ କାଉନସିଲ ର ଚେୟାରମ୍ୟାନ ହୋଇଥିଲେ।

୧୯୭୨ ମସିହାରେ ମେଟ୍ରୋପଲିଟନ କାଉନସିଲର ନିର୍ବାଚନ ହୋଇଥିଲା ଓ କଂଗ୍ରେସ ୪୪ଟି ସ୍ଥାନରେ ଜିତିବା କାରଣରୁ ରାଧାରମଣ ଚିଫ ଏକଜିକ୍ୟୁଟିଭ କାଉନସିଲର ହୋଇଥିଲେ। ପରେ ୧୯୭୭ରେ ଜନତା ପାର୍ଟି ଏହି କାଉନସିଲ ନିର୍ବାଚନରେ ୪୬ଟି ସ୍ଥାନରେ ଜିତିବା ପରେ କେଦାରନାଥ ସାହାଣି ଚିଫ ଏକ୍ଜିକ୍ୟୁଟିଭ କାଉନସିଲର ହୋଇଥିଲେ। ୧୯୮୩ରେ ଏହି କାଉନସିଲର ଶେଷ ନିର୍ବାଚନରେ କଂଗ୍ରେସ ୩୪ଟି ସ୍ଥାନରେ (ଆସନ) ଜିତିଥିଲା ଓ ଜଗପ୍ରକାଶ ଚନ୍ଦ୍ର ଚିଫ୍ ଏକଜିକ୍ୟୁଟିଭ କାଉନସିଲର ହୋଇଥିଲେ। ୧୯୯୦ ମସିହା ପର୍ଯ୍ୟନ୍ତ ଜଗ ପ୍ରବେଶ ଚନ୍ଦ୍ର ଏହି ପଦରେ ରହିଥିଲେ। ସମ୍ବିଧାନର ଅନୁଚ୍ଛେଦ ୨୩୯ ଏବଂ ୧୯୯୧ କ୍ୟାପିଟାଲ ଟେରିଟୋରି ଅଫ ଦିଲ୍ଲୀ ଆକ୍ଟ ଅନୁସାରେ ଦିଲ୍ଲୀ ବିଧାନ ସଭାରେ ୭୦ଟି ଆସନ ପାଇଁ ବ୍ୟବସ୍ଥା କରାଗଲା ଏବଂ ୧୯୯୩ରେ ବିଧାନସଭା ପାଇଁ ନିର୍ବାଚନ ହେଲା। ନିର୍ବାଚନରେ ବିଜେପି ୪୯ ବିଧାନସଭା ଆସନରେ ଜିତିଥିଲା। ୧୯୯୩ ଡିସେମ୍ବର ୨ ତାରିଖରେ ମଦନ ଲାଲ ଖୁରାନା ବିଧାନସଭା ଗଠନ ପରେ ପ୍ରଥମ ମୁଖ୍ୟ ମନ୍ତ୍ରୀ ହୋଇଥିଲେ। ମଦନ ଲାଲ ଖୁରାନା ମୁଖ୍ୟମନ୍ତ୍ରୀ ହେଲେ କିନ୍ତୁ ଦଳରେ କନ୍ଦଳ ଆରମ୍ଭ ହୋଇଯାଇଥିଲା। ଅନ୍ୟ ପକ୍ଷରେ ୧୯୯୫ ରେ ହାୱ୍ୟାଲା ମାମଲାର ଉଜାଗର ହେବା ପରେ ସେଥିରେ ଲାଲ କୃଷ୍ଣ ଆଡ଼ଭାନୀଙ୍କ ସମେତ ଅନେକ ନେତାଙ୍କ ସଂପୃକ୍ତି ବାବଦରେ ଜଣାପଡିଲା। ମଦନଲାଲ ଖୁରାନାଙ୍କ ନାମ ମଧ ତାଲିକାରେ ଥିଲା। ଏଣୁ ଖୁରାନାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ୧୯୯୮ ମସିହା ଅକ୍ଟୋବର ୧୨ ତାରିଖରେ ନିର୍ବାଚନର କିଛି ଦିନ ପୂର୍ବରୁ ସୁଷମା ସ୍ୱରାଜ ମୁଖ୍ୟମନ୍ତ୍ରୀ ହୋଇଥିଲେ। ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠ ହେଲା ଓ ଶୀଲା ଦୀକ୍ଷିତ ମୁଖ୍ୟମନ୍ତ୍ରୀ ହେଲେ। ୧୯୯୩ରେ ୪୯ ଆସନରେ ଜିତିଥିବା ବିଜେପିକୁ ମାତ୍ର ୧୫ଟି ଆସନ ମିଳିଥିଲା। ୧୯୯୮ ମସିହା ଡିସେମ୍ବର ୩ ତାରିଖରେ ଶୀଲାଦୀକ୍ଷିତ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ଓ ୧୫ ବର୍ଷ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିଥିଲେ। ତାଙ୍କ ଶାସନ କାଳରେ ଦିଲ୍ଲୀର ଫ୍ଲାଇଓଭର ନିର୍ମାଣ କରାଯାଇଥିଲା। ଦିଲ୍ଲୀରେ ମେଟ୍ରୋର ଶୁଭାରମ୍ଭ ହୋଇଥିଲା। ସଡ଼କ ବ୍ୟବସ୍ଥା ସୁଧୁରିବା ସହ ଦିଲ୍ଲୀରେ ସିଏନ୍‌ଜି ଗାଡିର ଚଳାଚଳ ଆରମ୍ଭ ହୋଇଥିଲା।

୨୦୧୨ରେ ଆନ୍ନା ହଜାରେଙ୍କ ଆନ୍ଦୋଳନରୁ ଆମ୍ ଆଦ୍ମୀ ପାର୍ଟିର ସୃଷ୍ଟି ହୋଇଥିଲା। ୨୦୧୩ରେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଶୀଲା ଦୀକ୍ଷିତ (କଂଗ୍ରେସ) ହାରିଯାଇଥିଲେ ଏବଂ ୧୫ ବର୍ଷର କଂଗ୍ରେସ ଶାସନର ଅନ୍ତ ଘଟିଥିଲା। ୨୦୧୩ ର ନିର୍ବାଚନରେ ଆମ୍ଆଦ୍ମୀ ପାର୍ଟି ୨୮ଟି ଆସନରେ ଜିତିଥିଲା ଓ ବିଜେପି ୩୨ଟି ଆସନରେ ଜିତିଥିଲା। କିନ୍ତୁ ୮ଟି ଆସନରେ ଜିତିଥିବା କଂଗ୍ରେସ ଆମ୍ଆଦମୀ ପାର୍ଟିକୁ ସମର୍ଥନ କରିବାରୁ ଆମ୍ଆଦ୍ମୀ ପାର୍ଟି ସରକାର ଗଠନ କଲା ଓ ଅରବିନ୍ଦ କେଜରିୱ୍ୟାଲ ମୁଖ୍ୟମନ୍ତ୍ରୀ ହେଲେ। କିନ୍ତୁ କଂଗ୍ରେସ ବିରୁଦ୍ଧରେ କେତେକ ଅଭିଯୋଗ ଆଣି ୨୦୧୪ ଫେବୃୟାରୀ ମାସ ୧୪ ତାରିଖରେ ସେ ଇସ୍ତଫା ଦେଇଥିଲେ। ୨୦୧୪ ମସିହା ଫେବୃୟାରୀ ୧୫ ତାରିଖ ଠାରୁ ୨୦୧୫ ମସିହା ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ରହିଲା। ତାପରେ ୨୦୧୫ର ନିର୍ବାଚନ ଓ ୨୦୨୦ ର ନିର୍ବାଚନରେ ଆମ୍ଆଦ୍ମୀ ପାର୍ଟି ସଂଖ୍ୟାଗରିଷ୍ଠ ହୋଇ ସରକାର ଗଠନ କରିଥିଲେ। ଦିଲ୍ଲୀର ମଦ ଦୁର୍ନୀତି ଘଟଣାରେ ଅରବିନ୍ଦ କେଜରୀୱ୍ୟାଲ ଜେଲ ଯାଇଥିଲେ ଓ ୨୦୨୪ ସେପ୍ଟେମ୍ବର ୨୧ ତାରିଖଠାରୁ ୧୪୨ଦିନ ଆତିଶି ମାର୍ଲେନା ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୨୫ ଫେବୃୟାରୀ ୫ରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହୋଇଥିଲା ଓ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରି ଏବେ ସରକାର ଗଠନ କରିଛି।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ଫୋନମୁକ୍ତ ଫେବ୍ରୁଆରୀ

## ନାରାୟଣ ଚନ୍ଦ୍ର ବିଶ୍ୱାଳ



ଆପଣ ଦିନକୁ କେତେ ଘଣ୍ଟା ଫୋନ ସହିତ ବିତାଉଛନ୍ତି? ନିଜ ପାଇଁ, ପରିବାର ପାଇଁ ଆଉ ସମାଜ ପାଇଁ ଆପଣ କେତେ ଘଣ୍ଟା ଦିଅନ୍ତି? ଏହିପରି ଅନୁଚାରିତ ପ୍ରଶ୍ନ ଟିକିଏ ଜୀବନକୁ ନିରୀଖେଇ ପଚାରନ୍ତୁ। ସେହିପରି ଆଉ ଏକ ଆଶ୍ଚର୍ଯ୍ୟକାରୀ ନୁହଁ ବରଂ ସ୍ୱାଭାବିକ ଓ ଦେହସୁହା ବି ହୋଇଗଲାଣି ଆପଣ ଜଣଙ୍କ ସହିତ କଥା ହେଉଥିବେ ଅଥଚ ସେ ଆପଣଙ୍କ ସାମ୍ନାରେ କଥା ହେଉଥିବାବେଳେ ନିଜକୁ ଫୋନ ଭିତରେ ବ୍ୟସ୍ତ ରଖୁଥିବେ। କେତେକଙ୍କ ଏହି ଅଭ୍ୟାସ ଅନ୍ୟ ମାନଙ୍କୁ ଆଦୌ ଭଲ ଲାଗେନା ବରଂ ଏକ ପ୍ରକାର ଅପମାନିତ ଲାଗେ। ଆମେ ବେଳେ ବେଳେ ହାତ ପାହାନ୍ତାରେ ଥିବା ଆମର ଅତି ପ୍ରିୟ ପାଳଟିଥିବା ଫୋନ ପରଦାରେ ଲଗାତାର ସ୍କ୍ରିନ ଟାଇମ ଓ ନୋଟିଫିକେସନ ଦେଖି ଅଭିଭୂତ ହୋଇଯାଉ। ଏହିପରି ଫୋନ ସହିତ କ୍ରମାଗତ ସମ୍ପର୍କ ଓ ସମୟ ବଢ଼ାଉଥିବା ଫୋନ ବ୍ୟବହାରକାରୀ ମାନଙ୍କ ପାଇଁ ଫେବୃଆରୀ ମାସରେ ସ୍ମାର୍ଟଫୋନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହ ସୁସ୍ଥ ଡିଜିଟାଲ ଅଭ୍ୟାସ ଓ ଅଧିକ ସନ୍ତୁଳିତ ଜୀବନଶୈଳୀକୁ ପ୍ରୋତ୍ସାହିତ ପାଇଁ ଫୋନମୁକ୍ତ ଫେବୃଆରୀ ପରି ଏକ ଅଭିଯାନ ଆରମ୍ଭ ହୋଇଛି। ଗ୍ଲୋବାଲ ସଲିଡାରିଟ ଫାଉଣ୍ଡେସନ ଦ୍ୱାରା ପ୍ରସ୍ତୁତ ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଅଂଶ ଗ୍ରହଣକାରୀଙ୍କୁ ନିଜ ଫୋନ ବ୍ୟବହାର ସମୟର ଆତ୍ମ ସମୀକ୍ଷା କରିବା ସହ ସୁସ୍ଥ ବିକଳ୍ପ ଖୋଜିବା ଲାଗି ପ୍ରବର୍ତ୍ତାଇବା।

ଆଜି ଏହି ଆଲୋଚନାଟି ରଖିବା ବେଳେ ଏକ ପରିସଂଖ୍ୟାନର ତଥ୍ୟ ଏଠାରେ ରଖୁଛି। ଦେଶରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୨୫ ମସିହାରେ ୯୦ କୋଟି ଟପିବ। ଇଣ୍ଟରନେଟ ଆଣ୍ଡ ମୋବାଇଲ ଆସୋସିଏସନ ଅଫ ଇଣ୍ଡିଆ ଏବଂ ଗବେଷଣା ସଂସ୍ଥା କନ୍ତାରା ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ ଏକ ରିପୋର୍ଟ ଅନୁଯାୟୀ ୨୦୨୪ରେ ଭାରତରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ୮୮.୬ କୋଟିରେ ପହଞ୍ଚି ଯାଇଛି। ପ୍ରତି ବର୍ଷ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟାରେ ୮ ପ୍ରତିଶତ ବୃଦ୍ଧି ଘଟୁଛି। ଅଧିକ ବୃଦ୍ଧି ଗ୍ରାମାଞ୍ଚଳରେ ହେଉଛି। ୨୦୨୪ରେ ଦେଶରେ ମୋଟ ଇଣ୍ଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ଗ୍ରାମାଞ୍ଚଳର ସଂଖ୍ୟା ହେଲା ୪୮.୮ କୋଟି ହୋଇଥିବାବେଳେ ସହରାଞ୍ଚଳରେ ଏମାନଙ୍କ ସଂଖ୍ୟା ୩୯.୭ କୋଟି ରହିଛି। ଦେଶରେ ଇଣ୍ଟରନେଟ ବ୍ୟବହାରକାରୀମାନେ ପ୍ରତି ଦିନ ହାରାହାରି ୯୦ ମିନିଟ ବା ଦେଢ଼ ଘଣ୍ଟା ସମୟ ଏଥିରେ ବିତାଉଛନ୍ତି। ସହରାଞ୍ଚଳରେ ଇଣ୍ଟରନେଟ ବ୍ୟବହାରକାରୀମାନେ ହରାହାରି ୯୪ ମିନିଟ ଏବଂ ଗ୍ରାମାଞ୍ଚଳର ଇଣ୍ଟରନେଟ ବ୍ୟବହାରକାରୀମାନେ ୮୯ ମିନିଟ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ଇଣ୍ଟରନେଟ ବ୍ୟବହାର କ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟ ମଧ କମୁଛି। ଇଣ୍ଟରନେଟ ବ୍ୟବହାରକାରୀଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା ୫୩ ପ୍ରତିଶତ ରହିଥିବାବେଳେ ମହିଳାଙ୍କ ପ୍ରତିଶତ ୪୭ ପ୍ରତିଶତ ରହିଛି। ଇଣ୍ଟରନେଟ ସାନ୍ଦ୍ରତାରେ କେରଳ ସବୁଠୁ ଆଗରେ ରହିଛି। କେରଳରେ ଏହା ୭୨ ପ୍ରତିଶତ ଥିବାବେଳେ ଗୋଆରେ ୭୧ ପ୍ରତିଶତ ଏବଂ ମହାରାଷ୍ଟ୍ରରେ ୭୦ ପ୍ରତିଶତ ରହିଛି। ଏମାନେ ଦେଶରେ ଇଣ୍ଟରନେଟ ସାନ୍ଦ୍ରତା କ୍ଷେତ୍ରରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ସବୁଠୁ ପଛରେ ପଡ଼ିଥିବପା ରାଜ୍ୟ ଗୁଡ଼ିକ ହେଲେ ବିହାର ୪୩ ପ୍ରତିଶତ, ଉତ୍ତରପ୍ରଦେଶ ୪୬ ପ୍ରତିଶତ ଏବଂ ଝାଡ଼ଖଣ୍ଡ ୫୦ ପ୍ରତିଶତ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ୨୦୨୪ରେ ୮୭ କୋଟି (୯୮ ପ୍ରତିଶତ) ଇଣ୍ଟରନେଟ ବ୍ୟବହାରକାରୀ ଭାରତୀୟ ଭାଷାରେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ସହରାଞ୍ଚଳରେ



୫୭ ପ୍ରତିଶତ ଇଣ୍ଟରନେଟ ବ୍ୟବହାରକାରୀ ଆଞ୍ଚଳିକ ଭାଷାର ବିଷୟବସ୍ତୁକୁ ଇଣ୍ଟରନେଟରେ ଦେଖିଛନ୍ତି।

ଆଜିର ଘଣ୍ଟା ଘଣ୍ଟା ଧରି ଫୋନ ସହିତ ସମୟ ବିତାଉଥିବା ବର୍ଗଙ୍କ ପାଇଁ ଯଦିଓ ମୋବାଇଲ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ଅଧିକାଂଶ ଲୋକଙ୍କ ପାଇଁ ସମ୍ଭବ ନୁହେଁ ତେବେ ଏହି ଅଭିଯାନର ଲକ୍ଷ୍ୟ ହେଉଛି ସ୍ମାର୍ଟଫୋନ ବ୍ୟବହାରକୁ ପାରୁ ପର୍ଯ୍ୟନ୍ତ ସୀମିତ କରିବା। ଏ ନେଇ ଦୁଇଟି ବିକଳ୍ପର ବ୍ୟବସ୍ଥା ରହିଛି। ଯାହାକୁ ଫୋନ ବ୍ୟବହାରକାରୀମାନେ ବିଚାର କରିପାରିବେ। ଗୋଟିଏ ହେଉଛି ଯାହାକୁ ଆଜିର ସମୟରେ ଫୋନପ୍ଲେକ୍ସ କୁହାଯାଉଛି, ଯେଉଁଥିରେ ନୂତନ ଫୋନ ଅଭ୍ୟାସ ସ୍ଥିର କରିବା ଓ ଡିଜିଟାଲ ସୁସ୍ଥତାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିବା। ଅନ୍ୟଟି ହେଉଛି ଫୋନ ଫ୍ରି, ଯେଉଁଥିରେ ପୁରା ତମାମ ଗୋଟିଏ ମାସକ ପାଇଁ ସ୍ମାର୍ଟଫୋନ ବ୍ୟବହାର ତ୍ୟାଗ କରିବା। କେହି କେହି ଏହାକୁ ଚ୍ୟାଲେଞ୍ଜ କହିପାରନ୍ତି ବାସ୍ତବରେ ଫୋନ ବ୍ୟବହାର ହ୍ରାସ କରି ନିଦ୍ରା, କାର୍ଯ୍ୟ ଉତ୍ପାଦନ ଓ ସାମାଜିକ ଭାବ ବିନିମୟରେ ଉନ୍ନତି ଆଣିବା ଭଳି କ୍ଷେତ୍ରରେ ଧ୍ୟାନ ରଖିବା। ଫୋନରେ ଘଣ୍ଟା ଘଣ୍ଟା ଧରି ସମୟ କାଟିବାରୁ ନିଜକୁ ଦୂରେଇବା ପାଇଁ ଅନେକ ପରାମର୍ଶ ତ ରହିଛି। ପ୍ରମୁଖ ହେଉଛି ସର୍ବପ୍ରଥମେ ଫୋନର ପୁସ୍ ନୋଟିଫିକେସନକୁ ବନ୍ଦ କରିଦିଅନ୍ତୁ। ସେହିଭଳି କଲର ଫିଲଟରକୁ ଗ୍ରେ ସ୍କେଲ ବା କଳାଧଳାକୁ ପରିବର୍ତ୍ତନ କରି ଫୋନକୁ ଯଥା ସମ୍ଭବ ଚାକଚକ୍ୟ ଓ ଆକର୍ଷଣ ବିହୀନ କରିଦେବା। ଫୋନରୁ ମିଳୁଥିବା ଆନନ୍ଦ ସ୍ଥାନରେ ସ୍ୱାସ୍ଥ୍ୟକର ଅଭ୍ୟାସ ପାଇଁ ମାନସିକ ଚିକିତ୍ସା ବ୍ୟବସ୍ଥାରେ ପରାମର୍ଶ ଦିଆଯାଉଥିବା ଡୋପାମାଇନ, ରିପ୍ଲେସମେଣ୍ଟ ଥେରାପି ଗ୍ରହଣ କରିବା। ଶୋଇବାର ଏକ ଘଣ୍ଟା ପୂର୍ବରୁ ଫୋନକୁ ଶୋଇବା ଘର ବାହାରେ ରଖି ଆର୍ଲାମ ପାଇଁ ଏକ ଆନାଲଗ ଘଡ଼ି ବ୍ୟବହାର କରିବା। ସ୍କ୍ରିନ ଟାଇମ ହ୍ରାସ ସହିତ ମେଦବହୁଳତା ହ୍ରାସ, ନିଦ ସମସ୍ୟା ସମେତ ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦୂର କରି ଅନେକ ସ୍ୱାସ୍ଥ୍ୟଗତ ଉପକାର ଏଥିରେ ଜଡ଼ିତ। ମୋବାଇଲ ସହିତ ଘଣ୍ଟା ଘଣ୍ଟା ଧରି ଇୟର କଡର୍ କାନରେ ରହୁଥିବାରୁ ଏହା ମଧ ବଧିରତା ଆଡ଼କୁ ଜଣକୁ ଆଗେଇ ନେବାରେ ସାହାଯ୍ୟ କରିବ। ସେ ପ୍ରସଙ୍ଗ ଅନ୍ୟ ଲେଖାରେ ମୁଁ ଉଲ୍ଲେଖ କରିବି ତେବେ ଦିନକୁ ମାତ୍ର ଗୋଟିଏ ଘଣ୍ଟା ଫୋନରୁ ଦୂରେଇ ରହିଲେ ମଧ ନିଜେ ଜଣେ ଜୀବନର ଗୁଣବତ୍ତା ତ ପାଇପାରିବ, ଅବସାଦ ସ୍ତରରେ ଉଲ୍ଲେଖନୀୟ ଉନ୍ନତି ହୋଇପାରିବ।

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମନୋବିଜ୍ଞାନ ପତ୍ରିକାର ତଥ୍ୟ ଅନୁଯାୟୀ ସୋସିଆଲ ମିଡ଼ିଆର ନିଶା କୌଣସି ଘଟଣାରୁ ବାଦ ପଡ଼ିଯିବାର ଭୟ, ବ୍ୟକ୍ତିତ୍ୱର ଗୁଣ ଓ ମାନସିକ ଦୁଃଖ ସହ ଫବିଂ ଆଚରଣ ସକରାତ୍ମକ ଭାବେ ଜଡ଼ିତ। ସେହିପରି ବୋଷ୍ଟନ କନସଲଟିଂ ଗ୍ରୁପ ପରି ପ୍ରସିଦ୍ଧ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁଯାୟୀ ଆମ ଭାରତୀୟମାନେ ପ୍ରତିଦିନ ପାଖାପାଖି ପାଞ୍ଚଘଣ୍ଟା ଅର୍ଥାତ୍ ୨୯୪ ମିନିଟ ପର୍ଯ୍ୟନ୍ତ ନିଜ ସ୍ମାର୍ଟ ଫୋନରେ ସମୟ ଅତିବାହିତ କରନ୍ତି। ଏହି କ୍ରମକୁ ହିସାବ କଲେ ବର୍ଷକୁ ସେମାନେ ୭୦ ଦିନରୁ ଅଧିକର ସମୟ ଏହି କାର୍ଯ୍ୟପାଇଁ ବିନିଯୋଗ କରନ୍ତି। ସେହି ସର୍ବେକ୍ଷଣର ତଥ୍ୟ ମଧ ଏହା ସୂଚୀତ କରିଛି କି ଯେ ସ୍ମାର୍ଟଫୋନ ହାତରେ ଥିବା ଭାରତୀୟମାନେ ଦିନକୁ ପାଖାପାଖି ୮୦ ଥରରୁ ଉଦ୍ଧ୍ୱର୍ ନିଜ ଫୋନ ଦେଖନ୍ତି।

ଆଜିର ସମୟରେ ସୋସିଆଲ ମିଡ଼ିଆ ଏକ ପ୍ରମୁଖ ଓ ଶକ୍ତିଶାଳୀ ବ୍ୟବସ୍ଥାଟି ସମସ୍ତଙ୍କ ପାଇଁ ହୋଇଛି। ତେବେ ଏହି ଆଲୋଚନା ବେଳେ ପ୍ରସିଦ୍ଧ "ହେଲଥ ଲାଇନ ୱେବସାଇଟର ତଥ୍ୟ ସମ୍ପର୍କରେ ସୂଚନାଟି ରଖୁଛୁ। ଏହି ତଥ୍ୟ ମୁତାବକ ପାଖାପାଖି ୩୨% ଲୋକ ଦିନକୁ ଦୁଇରୁ ତିନିଥର ଫୋନ ଦେଖିବା ଦ୍ୱାରା ଅନ୍ୟ ମାନଙ୍କୁ ଅଣଦେଖା କରିଥାନ୍ତି। ଏହି ସାମାଜିକ ଆଚରଣଟି ଏକ ବିଲକ୍ଷଣ କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ଭାବନା ଓ ଭାବନାତ୍ମକ ଅସୁସ୍ଥତା ଡିଜିଟାଲ ଯୁଗରେ ଆମ୍ଭମାନଙ୍କ ମାନସିକ ଭାବନା କ୍ଷେତ୍ରକୁ ଯେ କେତେ ପ୍ରଭାବିତ କରୁଛି ଏହାକୁ ଟିକେ ଚିନ୍ତା କରନ୍ତୁ। ନିଜ ଜୀବନକୁ ଆନନ୍ଦମୟ ଓ ସମ୍ପର୍କପ୍ରିୟ କରିବାକୁ ହେଲେ କେବଳ ମୋବାଇଲର ସମ୍ପର୍କ ଯେ ଅତ୍ୟନ୍ତ ଓ ଅହର୍ନିଶ ଜରୁରୀ ଆଦୌ ନୁହଁ। ଆମେ ଏପରି ଲୋକମାନଙ୍କୁ ବି ସାମ୍ନା କରିଛୁ ଯେଉଁମାନେ ସମାଜରେ ଢ଼େର ପ୍ରତିଷ୍ଠିତ ଏବଂ ଅନେକ ବିଜ୍ଞ, ଉଚ୍ଚ ପଦପଦବୀରେ ଆସୀନ ଏ ସବୁ ସତ୍ତ୍ୱେ ଏକ ଛୋଟିଆ ଫୋନ ବ୍ୟବସ୍ଥା ଭିତରେ ନିଜକୁ ରଖିଥାନ୍ତି। ତେଣୁ ବର୍ତ୍ତମାନ ସମୟ ପହଞ୍ଚିଛି ଅନ୍ତତଃ ଫୋନମୁକ୍ତ ଫେବୃଆରୀରେ ନିଜକୁ ସାମିଲ କଲେ ଏହି ତଥାକଥିତ ଫୋନ ବିଳାସ ବା ମୋବାଇଲ ଫବିଂର ବିଷଚକ୍ରରୁ ଜଣେ ନିଜକୁ ମୁକ୍ତ କରିପାରି ଏକ ଅର୍ଥପୂର୍ଣ୍ଣ ଓ ମୂଲ୍ୟବାନ ବାର୍ତ୍ତାଳପରେ ନିଜକୁ ନିୟୋଜିତ ରଖିପାରିବ।

ବାକଶ୍ରବଣ ବିଶେଷଜ୍ଞ 'ଧ୍ୱନୀ', ମେଟ୍ରୋପ୍ଲାଜା
କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ
ମୋବାଇଲ୍: ୯୪୩୮୨୭୬୭୬୦

# ଅନେକ ସମସ୍ୟା ଘେରରେ ମହାନଗର

## କାଳୀ ଦାସ



ଆମ ଦେଶ ରେ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟା ଦେଖିବା କୁ ମିଳୁଛି କିନ୍ତୁ ବଡ଼ ପ୍ରଶ୍ନ ଉଠିଛି କି କେବେ ଏହି ସମସ୍ୟା ର ସମାଧାନ ହେବ? ।ସେହି ଗୁଡ଼ିକ ମଧ ରୁ ପ୍ରଥମ ହେଲା ରାସ୍ତା ର ସମସ୍ୟା। ରାସ୍ତା ରେ ବୁଲୁ ଥିବା ଗାଈ ଏବଂ ଅନ୍ୟାନ୍ୟ ପଶୁଙ୍କ ପାଇଁ ଦୁର୍ଘଟଣା ଘଟି ଥାଏ। ସ୍କୁଲ କଲେଜ ସାମ୍ନା ରେ ମଦ ଦୋକାନ ଖୋଲିବା ବଡ ସମସ୍ୟା।ଲୋକ ମାନେ ଦିନ ଦୁଇପହର ରେ ମଦ ପି ନିଶା ଶକ୍ତ ଅବସ୍ଥା ରେ ଯଦି ବୁଲା ଚଲା କରିବେ ତାହା ନିଶ୍ଚିତ ଭାବରେ ସ୍କୁଲ କଲେଜ ରେ ପଢୁଥିବା ପିଲାମାନଙ୍କୁ ପ୍ରଭାବିତ କରିବା। ରାସ୍ତା ନିର୍ମାଣର ସମସ୍ୟା ପ୍ରାୟ ଦେଖିବାକୁ ମିଳୁଛି। ଭାରତ ସ୍ୱାଧୀନତା ପାଇବାର ୭୮ ବର୍ଷ ହେଇଗଲାଣି କିନ୍ତୁ ଦିନ କୁ ଦିନ ସମସ୍ୟା ତୀବ୍ର ଗତି ରେ ବଢ଼ି ଚାଲିଛି। ଗତ କିଛି ବର୍ଷ ପୂର୍ବ ରୁ ପୋଲିସ ପ୍ରଶାସନଙ୍କ ତରଫ ରୁ ଗଣମାଧ୍ୟମ ଜରିଆ ରେ କୁହାଯାଇଥିଲା ଯେ ବୁଲା ପଶୁ ଯଦି ରାସ୍ତା ରେ ଦେଖାଯାଏ ତାହେଲେ ପଶୁ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ଯିବ କିନ୍ତୁ ଏବେ ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ମାଲିକଙ୍କ ଉପରେ ନିଆ ଯାଇନି ଯେଉଁଥି ପାଇଁ ସାଧାରଣ ଲୋକଙ୍କୁ ରାସ୍ତା ରେ ଗଲା ବେଳେ ବୁଲା ପଶୁଙ୍କ ଦ୍ୱାରା ଅନେକ ସମସ୍ୟା ରେ ସମ୍ମୁଖିନ ହେବା କୁ ପଡୁଛି ।ବୁଲା ପଶୁ ମଧ ଦୁର୍ଘଟଣା ର ଶିକାର ହେଉଛନ୍ତି ଯଦି ପୋଲିସ ପ୍ରଶାସନ ପଶୁ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତି ତାହେଲେ ରାସ୍ତା ରେ ଯିବା ଆସିବା ର ସମସ୍ୟା ର ସମାଧାନ ହୋଇପାରନ୍ତା। ମଦ ଦୋକାନ ସମସ୍ୟା ର ସମାଧାନ ପାଇଁ ଯଦି ପ୍ରଶାସନ ମଦ ଦୋକାନ ର ମାଲିକ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ଏବଂ ଭାରି ମାତ୍ର ରେ ଜୋରିମାନା ଆଦାୟ କରିବେ ତାହେଲେ ସ୍କୁଲ କଲେଜ ଯାଉଥିବା ଛାତ୍ର ଏବଂ ଛାତ୍ରୀ ନିଶ୍ଚିତ ଭାବରେ ଉପକୃତ ହେବେ କିନ୍ତୁ ଏହି ସମସ୍ୟା ର ସମାଧାନ ହୋଇପାରୁନି। ଓଡ଼ିଶା ର ରାଜଧାନୀ ଭୁବନେଶ୍ୱର ରେ ଫୁଟପାଥ ରେ ଲୋକ ଗାଡ଼ି ଚଳେଇବା ର ସମସ୍ୟା ବହୁ ଦିନ ହେଲା ଦେଖିବା କୁ ମିଳୁଛି କିନ୍ତୁ ଏହି ସମସ୍ୟା ର ସମାଧାନ ହୋଇପାରିନାହିଁ ।ଏହି ସମସ୍ୟା ର ମୁଖ୍ୟ କାରଣ ପୋଲିସ ପ୍ରଶାସନ ର ନିରବତା ବା ଅବହେଳା। ଫୁଟପାଥ ରେ ଗାଡି,୨ ଚକିଆ ଯାନ ଚାଳିବା ଦ୍ୱାରା ଫୁଟପାଥ ରେ ଚାଲୁଥିବା ଲୋକଙ୍କ ପାଇଁ ନିରାପଦ ହୋଇପାରୁନାହିଁ । ଫୁଟପାଥ ରେ ଗାଡି ଚଳାଉଥିବା ଲୋକମାନଙ୍କ ଉପରେ ପୋଲିସ ପ୍ରଶାସନ ଯଦି କାର୍ଯ୍ୟାନୁଷ୍ଠାନ ନିଅନ୍ତି ତା ହେଲେ ସାଧାରଣ ଲୋକ ଉପକୃତ ହେବେ। ଯେହେତୁ ପୋଲିସ ପ୍ରଶାସନ ଠିକ ଢଙ୍ଗ ରେ କାମ କରୁନାହାନ୍ତି ଯେଉଁଥିପାଇଁ ସାଧାରଣ ଲୋକଙ୍କୁ ହନ୍ତ ସନ୍ତ ହେବା କୁ ପଡୁଛି ।

ବ୍ରହ୍ମପୁର, ଖୋଡାସିଂ କଳିଙ୍ଗନଗର,
ମୋବାଇଲ୍: ୭୨୦୫୨୦୦୮୩୯

## ଟ୍ରେଲରକୁ ଧକ୍କା ଦେଲା ଯାତ୍ରୀବାହୀ ବସ୍; ୩ ମୃତ

**ନୂଆଦିଲ୍ଲୀ,୧୪।୨:** ରାଜସ୍ଥାନର କୋଟାରେ ଭୟଙ୍କର ସଡ଼କ ଦୁର୍ଘଟଣା। ଟ୍ରେଲରକୁ ଧକ୍କା ଦେଲା ଯାତ୍ରୀବାହୀ ବସ୍। ଫଳରେ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଗୁରୁତର ଭାବେ ଆହତ ହୋଇଛନ୍ତି। ତେବେ ସମସ୍ତ ଆହତଙ୍କୁ ନିକଟସ୍ଥ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ପ୍ରୟାଗରାଜ ମହାକୁମ୍ଭରେ ସ୍ନାନ କରି ଶ୍ରଦ୍ଧାଳୁମାନେ ବସ୍ ଯୋଗେ ଫେରୁଥିବା ବେଳେ କୋଟାରେ ଦୁର୍ଘଟଣା ହୋଇଥିବା ସୂଚନା ମିଳିଛି। ଏନେଇ ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ, ଦ୍ରୁତ ଗତିରେ ଆସୁଥିବା ବସ୍‌ଟି ରାସ୍ତାରେ ଛିଡା ହୋଇଥିବା ଏକ ଟ୍ରଲର ସହିତ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ଘଟିବା ମାତ୍ରେ ତୁରନ୍ତ ପୋଲିସକୁ ଏ ବିଷୟରେ ସୂଚନା ଦିଆଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ଆହତମାନଙ୍କୁ ଡାକ୍ତରଖାନା ଭର୍ତ୍ତି କରିଥିବା ବେଳେ ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ସୂଚନା ଅନୁଯାୟୀ, ପ୍ରୟାଗରାଜ ମହାକୁମ୍ଭରୁ ମନ୍ଦସୌର ଯାଉଥିବା ବସ୍‌ରେ ୫୭ ଜଣ ଶ୍ରଦ୍ଧାଳୁ ଥିଲେ। ଯେଉଁମାନେ ମହାକୁମ୍ଭରେ ସ୍ନାନ କରି ଫେରୁଥିଲେ। ବସ୍‌ଟି ଏକ ପାର୍କିଂ ହୋଇଥିବା ଟ୍ରେଲର୍ ସହିତ ଧକ୍କା ହୋଇଥିଲା ଯାହା ଫଳରେ ଏହାର ଆଗ ଭାଗ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଏପର୍ଯ୍ୟନ୍ତ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି ଏବଂ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ବୋଲି କୁହାଯାଉଛି। ଏହି ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ଶୀଘ୍ର ପଦକ୍ଷେପ ନେଇ କୋଟା MBS ହସ୍ପିଟାଲକୁ ସତର୍କ କରାଇଥିଲା। ଏଥିସହ ଆହତମାନଙ୍କୁ ସମୟକ୍ରମେ ଚିକିତ୍ସା ଯୋଗାଇବା ପାଇଁ ଶଯ୍ୟା ଖାଲି କରିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଖସି ପଳାଇଯାଇଥିବା ଡ୍ରାଇଭରଙ୍କ ଭୁଲ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଏନେଇ ପୋଲିସ ଏହାର ତଦନ୍ତରେ ଜାରି ରଖିଛି।

## ଗାଜିପୁର ସାଂସଦଙ୍କ ବିରୋଧରେ ମାମଲା ରୁଜୁ

**ନୂଆଦିଲ୍ଲୀ, ୧୪।୨:** ଉତ୍ତରପ୍ରଦେଶର ଗାଜିପୁରର ସାଂସଦ ଅଫଜଲ ଅନସାରୀଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ସମାଜବାଦୀ ପାର୍ଟି ସାଂସଦ ମହାକୁମ୍ଭକୁ ନେଇ ନିକଟରେ ଏକ ବୟାନ ଦେଇଥିଲେ। ଏହି ବୟାନକୁ କେନ୍ଦ୍ର କରି ଶାଦିଆବାଦ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଜିଲ୍ଲା ସମବାୟ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ଦେବପ୍ରକାଶ ସିଂହ ଗାଜିପୁରର ସାଂସଦ ଅଫଜଲ ଅନସାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛନ୍ତି। ଶାଦିଆବାଦରେ ସନ୍ଥ ରବିଦାସ ଜୟନ୍ତୀ ଅବସରରେ ଆୟୋଜିତ ହୋଇଥିବାର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସାଂସଦ ଅଫଜଲ ଅନସାରୀ କହିଥିଲେ - 'ସଂଗମ କୂଳରେ ସ୍ନାନ କରିବା ଦ୍ୱାରା ବ୍ୟକ୍ତିର ପାପ ଧୋଇ ହୋଇଯିବ ବୋଲି ବିଶ୍ୱାସ କରାଯାଏ, ଏହାର ଅର୍ଥ ହେଉଛି ବୈକୁଣ୍ଠ ଯିବାର ପଥ ଖୋଲିଯିବ। ଏପରି ପରିସ୍ଥିତିରେ ପ୍ରୟାଗରାଜ ମହାକୁମ୍ଭରେ ଯେଉଁଭଳି ଭିଡ଼ ଦେଖିବାକୁ ମିଳୁଛି ମନେ ହେଉଛି ଯେ ଏବେ ନର୍କରେ ଆଉ କେହି ରହିବେ ନାହିଁ ଏବଂ ସ୍ୱର୍ଗରେ ହାଉସଫୁଲ ହୋଇଯିବ।'

## ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେଲେ ରଣବୀର



**ନୂଆଦିଲ୍ଲୀ, ୧୪।୨:** ରିଆଲିଟି ସୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍'ରେ ବାପାମାଆଙ୍କୁ ନେଇ ଅଶ୍ଳୀଳ ମଜାକ କରିବା ପରେ ବିବାଦରେ ଛନ୍ଦି ହୋଇ ପଡ଼ିଥିବା ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର୍ ରଣବୀର ଆଲ୍ଲାବାଦିଆ ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରଣବୀରଙ୍କ ପକ୍ଷରୁ ଓକିଲ ଅଭିନବ ଚନ୍ଦ୍ରଚୂଡ ଏହି ମାମଲାର ତୁରନ୍ତ ଶୁଣାଣି କରିବାକୁ ଅନୁରୋଧ କରିଥିଲେ। ତେବେ ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ସଞ୍ଜିବ ଖାନ୍ନା ଏହି ମାମଲାର ତୁରନ୍ତ ଶୁଣାଣି କରିବାକୁ ମନା କରିଦେଇଛନ୍ତି ଏବଂ କହିଛନ୍ତି ଯେ ଏହି ମାମଲା ପ୍ରକ୍ରିୟା ଅନୁଯାୟୀ ବିଚାର କରାଯିବ। ରଣବୀରଙ୍କ ଅଶ୍ଳୀଳ ମଜାକକୁ ନେଇ ତାଙ୍କ ବିରୋଧରେ ମୁମ୍ବାଇ ପୋଲିସ ଏବଂ ଆସାମ ପୁଲିସ୍ ଦ୍ୱାରା ଏଫଆଇଆର ଦାଖଲ କରାଯାଇଥିଲା। 'ଇଣ୍ଡିଆଜ୍ ଗଟ୍ ଲ୍ୟାଟେଣ୍ଟ୍'ର ଏକ ଏପିସୋଡ୍‌ରେ "ଅଶ୍ଳୀଳତାକୁ ପ୍ରୋତ୍ସାହିତ କରିବା" ଅଭିଯୋଗରେ ଆସାମ ପୁଲିସ ଏଫଆଇଆରରେ ରଣବୀର ଆଲ୍ଲାବାଦିଆଙ୍କ ସମେତ ଅନ୍ୟ ଚାରି ପ୍ରଭାବଶାଳୀଙ୍କ ନାମ ଉଲ୍ଲେଖ କରିଛି। ଏଫଆଇଆର ପରେ ଆସାମ ପୁଲିସ ମାମଲାରେ ଜଡିତ ଲୋକଙ୍କୁ ପଚରାଉଚରା କରିବା ପାଇଁ ମୁମ୍ବାଇ ପହଞ୍ଚିଥିଲା। ଗୌହାଟୀର ବାସିନ୍ଦା ଆଲୋକ ବୋରୁଆଙ୍କ ଅଭିଯୋଗ ଆଧାରରେ ଫେବ୍ରୁଆରି ୧୦ ତାରିଖରେ ଗୌହାଟୀ କ୍ରାଇମ୍ ବ୍ରାଞ୍ଚରେ ଆଶିଷ ଚଞ୍ଚଲାନି, ଜସପ୍ରୀତ ସିଂହ, ଅପୂର୍ବ ମାଖିଜା, ରଣବୀର ଆଲ୍ଲାବାଦିଆ ଏବଂ ସମୟ ରାଇନାଙ୍କ ସମେତ ଅନେକ ୟୁଟ୍ୟୁବର୍ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା।

## ସଂଯମତା ରକ୍ଷା କରନ୍ତୁ: ଜିତେନ୍ଦ୍ର

**ମୁମ୍ବାଇ, ୧୪।୨:** ମହାରାଷ୍ଟ୍ର ରାଜନୀତିରେ ଘଡିକେ ଘୋଡା ଛୁଟୁଛି। ବରିଷ୍ଠ ଏନସିପି-ଏସପି ନେତା ଜିତେନ୍ଦ୍ର ଆହ୍ୱାଦ ଥାଣେରେ ଏକ ବଡ଼ ବୟାନ ଦେଇଛନ୍ତି। ତାଙ୍କର ବକ୍ତବ୍ୟ ବିଶେଷ ଭାବରେ ଉଦ୍ଧବ ଠାକରେଙ୍କ ଶିବସେନା ଏବଂ ଇଣ୍ଡିଆ ମେଣ୍ଟ ରାଜନୀତି ବିଷୟରେ ଥିଲା। ସେ ମହାରାଷ୍ଟ୍ର ରାଜନୀତିରେ ପ୍ରଚଳିତ 'ପ୍ରତିଶୋଧର ରାଜନୀତି', 'ଘୃଣାର ଭାବନା' ଏବଂ 'ମିଥ୍ୟା ମାମଲାରେ ଲୋକଙ୍କୁ ଫସାଇବାର ଷଡ଼ଯନ୍ତ୍ର' ଉପରେ କଠୋର ଆକ୍ରମଣ କରିଥିଲେ। ଜିତେନ୍ଦ୍ର ଆହ୍ୱାଡ କହିଛନ୍ତି ଯେ ମହାରାଷ୍ଟ୍ରରେ ଆଜି ପର୍ଯ୍ୟନ୍ତ ଏପରି ରାଜନୀତି କେବେ ଦେଖାଯାଇନାହିଁ, ଯେଉଁଥିରେ ମିଥ୍ୟା ମାମଲା ଲଗାଇ କାହାକୁ ଫସାଇବାର ଖେଳ ଚାଲିଛି, ଏସବୁ ବନ୍ଦ ହେବା ଉଚିତ। ସେହି ସମୟରେ, ଜିତେନ୍ଦ୍ର ଆହ୍ୱାଦ ମଧ ଦିଲ୍ଲୀର ରାଜନୀତି ଏବଂ 'ଇଣ୍ଡିଆ' ମେଣ୍ଟ ଉପରେ ଏକ ବଡ଼ ବୟାନ ଦେଇଥିଲେ। ସେ କହିଥିଲେ, "ଶରଦ ପାୱାରଙ୍କ ବିନା ଦିଲ୍ଲୀ ଏବଂ ମେଣ୍ଟ ରାଜନୀତି ଅସମ୍ଭବ।" ଜିତେନ୍ଦ୍ର ଆହ୍ୱାଦ ଶିବସେନା ନେତା ସଞ୍ଜୟ ରାଉତଙ୍କୁ ତାଙ୍କ କଥାର ସଂଯମତା ବଜାୟ ରଖିବାକୁ ପରାମର୍ଶ ମଧ ଦେଇଛନ୍ତି। ସେ କହିଥିଲେ, "ସଞ୍ଜୟ ରାଉତ ନିଜ ଭାଷାକୁ ନିୟନ୍ତ୍ରଣ କରିବା ଉଚିତ।" ଏହା ସହିତ, ଶରଦ ପାୱାରଙ୍କ ରାଜନୈତିକ ବୁଦ୍ଧିମତାକୁ ପ୍ରଶଂସା କରି ସେ କହିଛନ୍ତି, "ଶରଦ ପାୱାର ଭଲ ଭାବରେ ଜାଣନ୍ତି ଯେ କ'ଣ ଏବଂ କେତେବେଳେ କହିବା ଉଚିତ। ଶରଦ ପାୱାର ହେଉଛନ୍ତି ସେହି ବ୍ୟକ୍ତି ଯିଏ ଆଜି ପର୍ଯ୍ୟନ୍ତ ଦେଶରେ କେହି ଯାହା କହି ନାହାଁନ୍ତି ତାହା କହିଛନ୍ତି।" ଜିତେନ୍ଦ୍ର ଆହ୍ୱାଦ ଏହା ମଧ କହିଛନ୍ତି ଯେ ଶରଦ ପାୱାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଯେପରି ସମ୍ମାନ କରୁଥିଲେ ତାହା ଏକ ଉଦାହରଣ। ସେ ଆହୁରି କହିଛନ୍ତି, "ମହାରାଷ୍ଟ୍ରର ନେତାମାନେ ଏଥିରୁ ଶିଖିବା ଉଚିତ କାରଣ ବର୍ତ୍ତମାନ ମହାରାଷ୍ଟ୍ରରେ ରାଜନୈତିକ ଯୁଦ୍ଧ ବ୍ୟକ୍ତିଗତ ଯୁଦ୍ଧରେ ପରିଣତ ହୋଇଥିବା ପରି ମନେ ହେଉଛି, ଏସବୁ ଶେଷ ହେବା ଉଚିତ।"

# ୟୁକ୍ରେନ୍ ଆଣବିକ ଶକ୍ତି କେନ୍ଦ୍ର ଉପରେ ରୁଷର ଆକ୍ରମଣ

## ଆତଙ୍କରେ ସମଗ୍ର ୟୁରୋପ



**କିବ୍, ୧୪।୨:** ରୁଷ୍–ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ଯୁଦ୍ଧକୁ ବନ୍ଦ କରିବାକୁ ବିଶ୍ୱ ସ୍ତରରେ ଜୋରସୋରରେ ଉଦ୍ୟମ ଅବ୍ୟାହତ ରହିଛି। ଏହି ମଧରେ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି ଏକ ବଡ଼ ଦାବି କରିଛନ୍ତି। ୟୁକ୍ରେନର ଚେରନୋବିଲ ନ୍ୟୁକ୍ଲିୟର ପ୍ଲାଣ୍ଟରେ ରୁଷ୍ ଡ୍ରୋନ୍‌ରେ ହମଲା କରିଛି। ହେଲେ ରେଡିଏସନର ସ୍ତର ସାମାନ୍ୟ ଥିବା କୁହାଯାଇଛି। ଆଇଏଇଏ କହିଛି ଯେ, ଏହି ହମଲାରେ ପ୍ଲାଣ୍ଟରେ ନିଆଁ ଲାଗି ଯାଇଛି।

ୟୁକ୍ରେନ ରାଷ୍ଟ୍ରପତି ଭ୍ଲାଦିମିର ଜେଲେନସ୍କିଙ୍କ କହିବାନୁସାରେ, ଗତକାଲି ଗୁରୁବାର ରାତିରେ ଚେରନୋବିଲରେ ନଷ୍ଟ ହୋଇ ଯାଇ ଥିବା ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ଉପରେ ରୁଷୀୟ ଡ୍ରୋନ୍ ହମଲା କରିଥିଲା। ୟୁକ୍ରେନର ଷ୍ଟେଟ୍ ଏମର୍ଜେନ୍ସି ସର୍ଭିସ୍ ପରେ କହିଛି ଯେ, ଲିକେଜ୍ ସ୍ତର ସାଧାରଣ ସୀମା ଭିତରେ ରହିଛି। ଜେଲେନସ୍କି ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ନିଜର ଏକ ପୋଷ୍ଟରେ କହିଛନ୍ତି, ଏକ ଉଚ୍ଚ ବିସ୍ଫୋରକ ୱାରହେଡ୍ ସହ ଗୋଟିଏ ରୁଷୀୟ ଆକ୍ରମଣକାରୀ ଡ୍ରୋନ୍ ହମଲା କରିଛି, ଜେଲେନସ୍କି କହିଛନ୍ତି କି, ନ୍ୟୁକ୍ଲିୟର ପ୍ଲାଣ୍ଟର ୟୁନିଟକୁ କଭର କରୁଥିବା କଂକ୍ରିଟ ଶେଲଟର କ୍ଷତିଗ୍ରସ୍ତ ହୋଇ ଯାଇଛି, ନିଆଁ ବି ଲିଭାଇ ଦିଆ ସାରିଛି। ସେ ଆହୁରି କହିଛନ୍ତି କି, ହମଲା ପରେ ରେଡିଏସନର ଲେବଲ ବଢି ନାହିଁ ଏବଂ ଏହାକୁ ଲଗାତାର ନିରୀକ୍ଷଣ କରାଯାଉଛି। ପ୍ରାରମ୍ଭିକ ଆକଳନ ଅନୁସାରେ, ଶେଲଟରକୁ ଖୁବ୍ କ୍ଷତି ହୋଇଛି। ରାଷ୍ଟ୍ରପତି ଜେଲେନସ୍କିଙ୍କ ପକ୍ଷରୁ ଏକ୍ସରେ ପୋଷ୍ଟ କରାଯାଇ ଥିବା ଭିଡ଼ିଓରେ ବଡ଼ ଧରଣର ଚମକିଲା ରଶ୍ମି ଦେଖା ଯାଉଛି, ଏହାପରେ ରାତ୍ରି ସମୟରେ ଆକାଶରେ ଧୂଆଁର ଏକ ବଡ଼ ଆସ୍ତରଣ ଦେଖା ଯାଉଛି। ଏହି ହମଲା ଏମିତି ସମୟରେ କରାଯାଇଛି କି, ଯେତେବେଳେ ରୁଷ୍ ଓ ୟୁକ୍ରେନ୍ ମଧରେ ଶାନ୍ତି ବାର୍ତ୍ତା ଚାଲୁ ରହିଛି। ଡୋନାଲ୍ଡ ଟ୍ରମ୍ପଙ୍କ ଆମେରିକାର ରାଷ୍ଟ୍ରପତି ହେବା ପରେ ଶାନ୍ତିର କଥା ଦ୍ରୁତତର ହୋଇଛି। ଶାନ୍ତି ପ୍ରୟାସ ଗୁଡ଼ିକରେ ଗତ ଦିନେ କି ଦୁଇ ଦିନରେ ଜୋରସୋର ଆସିଛି , ହେଲେ ରୁଷ୍ ପକ୍ଷରୁ କରାଯାଇ ଥିବା ଏହି ହମଲାରେ ଯୁଦ୍ଧ ତେଜି ପାରେ। ଏହି ହମଲା ପରେ ପୂରା ୟୁକ୍ରେନ୍ ସହ ପୂରା ୟୁରୋପରେ ଆତଙ୍କ ଖେଳି ଯାଇଛି।

ଆଶଙ୍କା କରାଯାଉଛି କି, ଯଦି ପରମାଣୁ ରିଆକ୍ଟରରୁ ଲିକେଜ୍ ହୁଏ ତ ପୂରା ୟୁରୋପ ସଙ୍କଟ ଘେରକୁ ଆସିପାରେ। ସେମିତି ଜୀବନହାନି ହୋଇପାରେ ,ଯେମିତି ୨ୟ ବିଶ୍ୱଯୁଦ୍ଧରେ ଜାପାନରେ ହୋଇଥିଲା।

## ନୂଆ ମୁଖ୍ୟ ନିର୍ବାଚନ କମିସନର ଚୟନ ପାଇଁ ୧୭ରେ ବୈଠକ




### ଯୋଗ ଦେବେ ମୋଦି, ରାହୁଲ

**ନୂଆଦିଲ୍ଲୀ, ୧୪।୨:** ଦେଶର ନୂଆ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଚୟନ ପାଇଁ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଫେବୃଆରି ୧୭, ୨୦୨୫ରେ ତିନି ଜଣିଆ କମିଟି ବୈଠକ ଡକାଯାଇଛି। ଚୟନ କମିଟି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ମେଘୱାଲ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯୋଗ ଦେବେ। ବର୍ତ୍ତମାନର ସିଇସି ରାଜୀବ କୁମାରଙ୍କ କାର୍ଯ୍ୟକାଳ ଫେବୃଆରି ୧୮ରେ ଶେଷ ହେଉଛି। ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ନିର୍ବାଚନ କମିଶନର (ନିଯୁକ୍ତି, ଚାକିରି ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳ) ଆଇନ, ୨୦୨୩ର ବ୍ୟବସ୍ଥା ପ୍ରଥମ ଥର ପାଇଁ ସିଇସି ନିଯୁକ୍ତି ପାଇଁ କାର୍ଯ୍ୟକାରୀ କରାଯାଉଛି। ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ନିର୍ବାଚନ କମିସନର (ନିଯୁକ୍ତି, ଚାକିରି ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳ) ଆଇନ, ୨୦୨୩ର ବ୍ୟବସ୍ଥା ପ୍ରଥମ ଥର ପାଇଁ ସିଇସି ନିଯୁକ୍ତି ପାଇଁ କାର୍ଯ୍ୟକାରୀ କରାଯାଉଛି। ୨୦୨୨ ମେ ମାସରେ ରାଜୀବ କୁମାରଙ୍କୁ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କ ନେତୃତ୍ୱରେ ନିର୍ବାଚନ ଆୟୋଗ ୨୦୨୪ରେ ସଫଳତାର ସହ ଲୋକସଭା ନିର୍ବାଚନ କରାଇଥିଲେ। ଏହାବ୍ୟତୀତ ଏକ ଦଶନ୍ଧିରୁ ଅଧିକ ସମୟ ପରେ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହେଉ କିମ୍ବା ମହାରାଷ୍ଟ୍ର, ହରିୟାଣା, ଝାଡ଼ଖଣ୍ଡ ଏବଂ ଦିଲ୍ଲୀରେ ବିଧାନସଭା ନିର୍ବାଚନ ହେଉ, ସେ ସଫଳତାର ସହ ସମ୍ପାଦନ କରିଥିଲେ।

## ଆଜି ଅମୃତସରରେ ପହଞ୍ଚିବେ ଦ୍ୱିତୀୟ ପର୍ଯ୍ୟାୟ ଭାରତୀୟ

### ଆସିବେ ପାଖାପାଖି ୧୮୦ ଅବୈଧ ପ୍ରବାସୀ




**ନୂଆଦିଲ୍ଲୀ,୧୪।୨:** ଆମେରିକାରେ ଅବୈଧ ଭାବେ ରହୁଥିବା ଭାରତୀୟଙ୍କୁ ଧରି ସେଠାକାର ଦ୍ୱିତୀୟ ବିମାନ ଆସନ୍ତା ୧୫ରେ ଅମୃତସର ବିମାନବନ୍ଦରରେ ପହଞ୍ଚିବ। ଦ୍ୱିତୀୟ ଦଫାରେ ୧୭୦-୧୮୦ ଭାରତୀୟ ଆସିବେ ବୋଲି ଅନୁମାନ କରାଯାଇଛି। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେତେ ସଂଖ୍ୟକ ଆସିବେ ତାହା ସ୍ପଷ୍ଟ ହୋଇନାହିଁ। ଏହି ଲୋକମାନେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବେଆଇନ ଭାବେ ଆମେରିକାରେ ପ୍ରବେଶ କରିବା ସହ ସେଠାରେ ୧-୩ ବର୍ଷ ହେଲା ରହିଆସୁଥିଲେ। ଗତ ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଅବୈଧ ପ୍ରବାସୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ପୂର୍ବରୁ ଗତ ୫ ତାରିଖରେ ୧୦୪ ଜଣ ଅବୈଧ ପ୍ରବାସୀ ଭାରତୀୟଙ୍କୁ ଧରି ଆମେରିକାର ପ୍ରଥମ ବିମାନ ଅମୃତସର ଠାରେ ପହଞ୍ଚିଥିଲା। ସେମାନଙ୍କ ମଧରୁ ୩୩ ଜଣ ହରିୟାଣା, ୩୩ ଜଣ ଗୁଜରାଟ, ୩୦ ଜଣ ପଞ୍ଜାବ, ୩ ଜଣ ମହାରାଷ୍ଟ୍ର, ୩ ଜଣ ଉତ୍ତରପ୍ରଦେଶ ଏବଂ ୨ ଜଣ ଚଣ୍ଡିଗଡର ଥିଲେ। ଆମେରିକାରେ ବହୁସଂଖ୍ୟକ ଭାରତୀୟ ବେଆଇନ ଭାବେ ରହୁଥିବା ବେଳେ ସେମାନଙ୍କ ମଧରୁ ପ୍ରଥମ ପର୍ଯ୍ୟାୟରେ ୪୮୭ ଜଣଙ୍କୁ ଧରାଯାଇଛି ଏବଂ ସେମାନଙ୍କୁ ଦେଶ ଛାଡିବାକୁ ନୋଟିସ କରଯାଇଛି। ତେବେ ଅବୈଧ ପ୍ରବାସୀଙ୍କୁ ଆଣି ଅମୃତସରରେ ଛଡାଯିବାକୁ ନେଇ ପଞ୍ଜାବ ସରକାର କେନ୍ଦ୍ରକୁ ଟାର୍ଗେଟ କରିଥିଲେ। ପଞ୍ଜାବ ଅର୍ଥମନ୍ତ୍ରୀ ହରପାଲ ଚିମା କହିଛନ୍ତି କି ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ପଞ୍ଜାବକୁ ଅପମାନିତ କରିବାକୁ ଉଦ୍ୟମ କରୁଛନ୍ତି। ଅବୈଧ ଭାରତୀୟଙ୍କୁ ଧରି ଆସୁଥିବା ବିମାନ ହରିୟାଣା କିମ୍ବା ଗୁଜରାଟରେ କାହିଁକି ଅବତରଣ କରୁନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଆମେରିକାରେ ମୋଦିଙ୍କ ବୟାନକୁ ରାହୁଲଙ୍କ ସମାଲୋଚନା



**ନୂଆଦିଲ୍ଲୀ, ୧୪।୨:** ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଆମେରିକା ଗସ୍ତ ସମୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହି ସମୟରେ, ଜଣେ ସାମ୍ବାଦିକ ଗୌତମ ଆଦାନୀଙ୍କ ମାମଲା ସମ୍ପର୍କରେ ଏକ ପ୍ରଶ୍ନ ପଚାରିଥିଲେ। ପ୍ରଶ୍ନର ଉତ୍ତର ଦେବା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଦୁଇ ଦେଶର ନେତା ବ୍ୟକ୍ତିଗତ ବିଷୟରେ କଥା ହୁଅନ୍ତି ନାହିଁ।

ଏବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ବୟାନକୁ ଟାର୍ଗେଟ କରିଛନ୍ତି। ସେ କହିଥିଲେ ଯେ ଆମେରିକାରେ ମଧ ମୋଦୀ ଜି ଆଦାନୀ ଜିଙ୍କ ଦୁର୍ନୀତିକୁ ଘୋଡାଇ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କଟାକ୍ଷ କରି ରାହୁଲ ଗାନ୍ଧୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, "ଦେଶରେ ଆଦାନୀଙ୍କୁ ନେଇ ପ୍ରଶ୍ନ ପଚରାଗଲେ ମୋଦୀ ନିରବ ରୁହନ୍ତି |ବିଦେଶରେ ଯେତେବେଳେ ଏନେଇ ପଚରାଯାଏ, ତାହା ଏକ ବ୍ୟକ୍ତିଗତ ମାମଲା ହୋଇଯାଏ। ଆମେରିକାରେ ମଧ ମୋଦୀ ଜି ଆଦାନୀ ଜିଙ୍କ ଦୁର୍ନୀତିକୁ ଘୋଡାଇ ଦେଇଥିଲେ! ଯେତେବେଳେ ବନ୍ଧୁଙ୍କ ପକେଟ ପୂରଣ କରିବା ମୋଦୀ ଜିଙ୍କ ପାଇଁ 'ରାଷ୍ଟ୍ର ନିର୍ମାଣ' ହୋଇଥାଏ, ସେତେବେଳେ ଲାଞ୍ଚ ନେବା ଏବଂ ଦେଶର ସମ୍ପତ୍ତି ଲୁଟ କରିବା 'ବ୍ୟକ୍ତିଗତ ମାମଲା' ହୋଇଯାଏ।" ବାସ୍ତବରେ ସାମ୍ବାଦିକ ସମ୍ମିଳନୀରେ ଜଣେ ସାମ୍ବାଦିକ ମୋଦୀଙ୍କୁ ପଚାରିଥିଲେ କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସାକ୍ଷାତରେ ବ୍ୟବସାୟୀ ଗୌତମ ଆଦାନୀଙ୍କ ବିରୋଧରେ ମାମଲା ଉପରେ ଆଲୋଚନା ହୋଇଥିଲା କି ? ଏହି ପ୍ରଶ୍ନ ପଚରାଯିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, "ଭାରତ ଏକ ଗଣତାନ୍ତ୍ରିକ ଦେଶ ଏବଂ ଆମର ସଂସ୍କୃତି 'ବସୁଧୈବ କୁଟୁମ୍ବକମ୍'ର, ଆମେ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ବୋଲି ମାନିଥାଉ। ମୁଁ ପ୍ରତ୍ୟେକ ଭାରତୀୟଙ୍କୁ ମୋର ବୋଲି ମାନିଥାଏ। ଏପରି ବ୍ୟକ୍ତିଗତ ପ୍ରସଙ୍ଗରେ, ଦୁଇଟି ଦେଶର ମୁଖ୍ୟ ଭେଟନ୍ତି ନାହିଁ କିମ୍ବା କଥାବାର୍ତ୍ତା କରନ୍ତି ନାହିଁ।" ବାସ୍ତବରେ ଜୋ ବାଇଡେନଙ୍କ କାର୍ଯ୍ୟକାଳ ସମୟରେ, ଆମେରିକାର ନ୍ୟାୟ ବିଭାଗ ଆଦାନୀଙ୍କ ଉପରେ ଦୁର୍ନୀତିର ଅଭିଯୋଗ ଆଣିଥିଲା। ଅଭିଯୋଗ ଥିଲା ଯେ ସୌରଶକ୍ତି ଚୁକ୍ତିନାମାରେ ଲାଭ ପାଇବା ପାଇଁ ଆଦାନୀ ଭାରତୀୟ ଅଧିକାରୀମାନଙ୍କୁ ୨୫୦ ନିୟୁତ ଡଲାର (ପ୍ରାୟ ୨୧୦୦ କୋଟି ଟଙ୍କା) ଲାଞ୍ଚ ଦେଇଥିଲେ।

## ପାକିସ୍ତାନରେ ବିସ୍ଫୋରଣ, ୧୧ ଶ୍ରମିକ ମୃତ



**ଲାହୋର, ୧୪।୨:** ବୋମା ବିସ୍ଫୋରଣରେ ଥରିଲା ପାକିସ୍ତାନ। ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଆଇଇଡି ବିସ୍ଫୋରଣରେ ୧୧ ଜଣ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ସକାଳୁ କାମ ପାଇଁ ଶ୍ରମିକ ଯାଉଥିବା ବେଳେ ବିସ୍ଫୋରଣ ହୋଇଥିଲା। ବଲୁଚିସ୍ତାନ ଦୀର୍ଘଦିନରୁ ଅଶାନ୍ତ ରହିଛି। ୧୦୦ ଦିନ ଭିତରେ ପାକିସ୍ତାନରେ ଦ୍ୱିତୀୟ ବୋମା ବିସ୍ଫୋରଣ। ଖବର ମୁତାବକ, ପାକିସ୍ତାନର କ୍ୱେଟା ସହରର ହରନାଇରେ ବସରେ ଶ୍ରମିକ କୋଇଲା ଖଣିକୁ ଯାଉଥିଲେ। ଏହି ସମୟରେ ରାସ୍ତା କଡ଼ରେ ଆଇଇଡି ବ୍ଲାଷ୍ଟ ହୋଇଥିଲା। ବିସ୍ଫୋରଣରେ ୧୧ ଜଣ ଶ୍ରମିକଙ୍କ ଜୀବନ ଚାଲିଯାଇଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୂଚନାଯୋଗ୍ୟ, ପାକିସ୍ତାନ ବେଲୁଚିସ୍ତାନର କ୍ୱେଟା ଷ୍ଟେସନ ବିସ୍ଫୋରଣରେ ୨୦ ଜଣଙ୍କର ମୃତ୍ୟୁ ହୋଇଥିଲା। ଘଟଣାରେ ୩୦ରୁ ଅଧିକ ଆହତ ହୋଇଥିଲେ। ବିସ୍ଫୋରଣ ପରେ ଷ୍ଟେସନରେ ଦୌଡଧାପଡ କରିଥିଲେ ଯାତ୍ରୀ।

## କଂଗ୍ରେସ ଛାଡ଼ିଲେ ଅହମ୍ମଦ ପଟେଲଙ୍କ ପୁଅ

**ନୂଆଦିଲ୍ଲୀ, ୧୪।୨:** ବରିଷ୍ଠ କଂଗ୍ରେସ ନେତା ଅହମ୍ମଦ ପଟେଲଙ୍କ ପୁଅ ଫୈସଲ ଅହମ୍ମଦ ପଟେଲ କଂଗ୍ରେସ ଦଳକୁ ଅଲବିଦା କହିଛନ୍ତି। ଫୈସଲ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କଂଗ୍ରେସ ସହିତ ସମ୍ପର୍କ ଶେଷ କରିବା ବିଷୟରେ ଘୋଷଣା କରିଥିଲେ। ବହୁତ ଦିନ ଧରି ରିପୋର୍ଟ ଆସୁଥିଲା ଯେ ଫୈସଲ ଅହମ୍ମଦ ପଟେଲ କଂଗ୍ରେସ ଉପରେ ରାଗିଥିଲେ। କଂଗ୍ରେସ ଛାଡିବା ସମ୍ପର୍କରେ ଫୈସଲ କହିଛନ୍ତି ଯେ ବହୁତ ଯନ୍ତ୍ରଣା ଏବଂ କଷ୍ଟ ସହିତ ସେ କଂଗ୍ରେସ ପାଇଁ କାମ କରିବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ ଛାଡିବା ବିଷୟରେ ତାଙ୍କ ଟ୍ୱିଟ୍‌ରେ ଫୈସଲ୍ ପଟେଲ କହିଛନ୍ତି- "ବହୁତ ଯନ୍ତ୍ରଣା ସହିତ, ମୁଁ କଂଗ୍ରେସ ପାଇଁ କାମ କରିବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହା ଅନେକ ବର୍ଷ ଧରି ଏକ କଷ୍ଟକର ଯାତ୍ରା ଥିଲା। ମୋର ସ୍ୱର୍ଗତ ପିତା ଅହମ୍ମଦ ପଟେଲ ଦେଶ, ଦଳ ଏବଂ ଗାନ୍ଧୀ ପରିବାର ପାଇଁ କାମ କରି ତାଙ୍କର ସମଗ୍ର ଜୀବନ ବିତାଇଥିଲେ। ମୁଁ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ଚେଷ୍ଟା କରିଥିଲି କିନ୍ତୁ ପ୍ରତ୍ୟେକ ପଦକ୍ଷେପରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ମୁଁ ଯେକୌଣସି ଉପାୟରେ ଲୋକଙ୍କ ପାଇଁ କାମ କରିବି। କଂଗ୍ରେସ ଦଳ ସବୁବେଳେ ମୋର ପରିବାର ହୋଇ ରହିବ।

## ଟ୍ରମ୍ପଙ୍କ ବୟାନ ପରେ ବଢ଼ିପାରେ ପନ୍ନୁର ସମସ୍ୟା



**ନୂଆଦିଲ୍ଲୀ, ୧୪।୨:** ପ୍ରଧାନମନ୍ତ୍ରୀ ମୋଦୀ ଓ ଡୋନାଲ୍ଡ ଟ୍ରମ୍ପଙ୍କ ସାକ୍ଷାତରେ ଅନେକ ବିକାଶମୂଳକ କାମ ଉପରେ ଆଲୋଚନା ହୋଇଛି। ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଯୋର ଧରିଛି। ଏହାରି ଭିତରେ ଟ୍ରମ୍ପଙ୍କ ଏକ ବୟାନ୍ ଖଲିସ୍ତାନୀଙ୍କ ଚିନ୍ତାକୁ ବଢାଇଦେଇଛି। ଏଣିକି ଖଲିସ୍ତାନୀଙ୍କ ଉପରେ ପଡିବ ଟ୍ରମ୍ପଙ୍କ ଛାଟ। ସବୁଠୁ ବଡ କଥା ହେଉଛି ଭାରତକୁ ବିଭିନ୍ନ ସମୟରେ ଫମ୍ପା ଧମକ ଦେଇଆସୁଥିବା ପନ୍ନୁର ସମସ୍ୟା ବଢ଼ିପାରେ।

ଖଲିସ୍ତାନୀ ଆତଙ୍କବାଦୀଙ୍କୁ ନେଇ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, "ମୁଁ ଭାବୁନାହିଁ ଯେ ଭାରତର ବାଇଡେନ ପ୍ରଶାସନ ସହିତ ବହୁତ ଭଲ ସମ୍ପର୍କ ନଥିଲା। ଭାରତ ଏବଂ ବାଇଡେନ ପ୍ରଶାସନ ମଧରେ ଅନେକ ଘଟଣା ଘଟିଥିଲା, ଯାହା ଭଲ ନଥିଲା। ଆମେ ଜଣେ ଅତ୍ୟନ୍ତ ହିଂସାତ୍ମକ ବ୍ୟକ୍ତି (ତାହଭୁର ରାଣା)ଙ୍କୁ ଦଣ୍ଡ ଦେଉଛୁ। ମୁଁ ଜାଣିନାହିଁ ଯେ ତାଙ୍କୁ ଏପର୍ଯ୍ୟନ୍ତ ଦୋଷୀ ସାବ୍ୟସ୍ତ କରାଯାଇଛି କି ନାହିଁ, କିନ୍ତୁ ସେ ଜଣେ ଅତ୍ୟନ୍ତ ହିଂସାତ୍ମକ ବ୍ୟକ୍ତି। ଆମେ ତାଙ୍କୁ ତୁରନ୍ତ ଭାରତ ଫେରାଇ ଦେଉଛୁ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ତାଙ୍କ ପ୍ରଶାସନ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଥିବା ତହୱୁର ରାଣାର ପ୍ରତ୍ୟାର୍ପଣକୁ ଅନୁମୋଦନ କରିଛି। ପାକିସ୍ତାନୀ ବଂଶୋଦ୍ଭବ କାନାଡିଆନ ନାଗରିକ ରାଣା ବର୍ତ୍ତମାନ ଲସ୍ ଆଞ୍ଜେଲସର ଏକ ମେଟ୍ରୋପଲିଟାନ ଡିଟେନସନ୍ ସେଣ୍ଟରରେ ବନ୍ଦି ଅଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆହୁରି କହିଛନ୍ତି କି, "ଆଜି ମୁଁ ଘୋଷଣା କରି ଖୁସି ହେଉଛି ଯେ ମୋର ପ୍ରଶାସନ ବିଶ୍ୱର ସବୁଠାରୁ ଖରାପ ମଣିଷମାନଙ୍କ ମଧ୍ୟରୁ ଜଣେ ଏବଂ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଜଣେ ଅପରାଧୀକୁ ଭାରତ ପ୍ରତ୍ୟାର୍ପଣକୁ ଅନୁମୋଦନ କରିଛି।" ଭାରତ ଗୁରୁପତୱନ୍ତ ସିଂହ ପନ୍ନୁକୁ ଆତଙ୍କବାଦୀ ଘୋଷଣା କରିଛି। ତାଙ୍କ ବିରୋଧରେ ଅନେକ ଅପରାଧିକ ମାମଲା ରୁଜୁ ହୋଇଛି। ପନ୍ନୁର କାର୍ଯ୍ୟକଳାପ ଭାରତ ଏବଂ ଆମେରିକା ଉଭୟ ପାଇଁ ବିପଦ ପାଲଟିଛି। ପନ୍ନୁଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପରେ ବିଦେଶୀ ସଂଗଠନଗୁଡ଼ିକର ଭୂମିକା ମଧ ସାମ୍ନାକୁ ଆସିଥିଲା।

## ପୁଲୱାମା ଆକ୍ରମଣକୁ ପୂରିଲା ୬ ବର୍ଷ

# ମୁଣ୍ଡ ନୁଆଁଇବନି ଭାରତ ; ଆତଙ୍କବାଦୀଙ୍କୁ ଚେତାବନୀ ଦେଲେ ମୋଦି-ଶାହ



**ଶ୍ରୀନଗର,୧୪।୨:** ୧୪ ଫେବୃଆରୀ ୨୦୧୯ରେ ପୁଲୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଭାରତର ଇତିହାସରେ ଏକ କଳା ଅଧାୟ ଭାବରେ ଲିପିବଦ୍ଧ କରାଯାଇଛି। ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ଅବନ୍ତିପୋରାର ଗୋରିପୋରା ଅଞ୍ଚଳରେ ଏହି ଭୟଙ୍କର ଘଟଣା ଘଟିଥିଲା। ଯେତେବେଳେ ସିଆରପିଏଫ ଗାଡ଼ି ଶ୍ରୀନଗର ଅଭିମୁଖେ ଯାଉଥିବା ସମୟରେ ହଠାତ୍ ଆକ୍ରମଣ ହୋଇଥିଲା। ଏହା ସମଗ୍ର ଦେଶକୁ ଥରାଇ ଦେଇଥିଲା ଏବଂ ୪୦ ଜଣ ସାହସୀ ସୈନିକ ଶହୀଦ ହୋଇଥିଲେ।ପୁଲୱାମା ଆକ୍ରମଣର ବାର୍ଷିକୀରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ୨୦୧୯ ମସିହାର ଏହି ଦିନରେ ପୁଲୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସୈନିକମାନଙ୍କୁ ମୁଁ ହୃଦୟର ସହିତ ଶ୍ରଦ୍ଧାଞ୍ଜଳି ଜଣାଉଛି। ଆତଙ୍କବାଦ ସମଗ୍ର ମାନବ ଜାତିର ସବୁଠାରୁ ବଡ଼ ଶତ୍ରୁ ଏବଂ ଏହା ବିରୋଧରେ ସମଗ୍ର ବିଶ୍ୱ ଏକତ୍ରିତ ହୋଇଛି। ମୋଦି ସରକାର ଆତଙ୍କବାଦ ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତିରେ କାର୍ଯ୍ୟ କରୁଛି ଏବଂ ଏହି ବିପଦକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବାକୁ ପ୍ରତିବଦ୍ଧ। ସର୍ଜିକାଲ ଷ୍ଟ୍ରାଇକ ହେଉ କିମ୍ବା ଏୟାର ଷ୍ଟ୍ରାଇକ, ମୋଦି ସରକାର ଆତଙ୍କବାଦୀଙ୍କ ବିରୋଧରେ ଏକ କଠୋର ଅଭିଯାନ ଚଳାଇଛନ୍ତି ଏବଂ ଦେଶକୁ ସୁରକ୍ଷା ଦେବା ପାଇଁ ଯେକୌଣସି ସୀମାକୁ ଯିବାକୁ ପ୍ରସ୍ତୁତ। ଭାରତ ଆତଙ୍କବାଦ ବିରୋଧରେ କୌଣସି ପ୍ରକାରର ନମ୍ରତା ଦେଖାଇବ ନାହିଁ।

ପୁଲୱାମା ଆକ୍ରମଣର ବାର୍ଷିକୀରେ ଶହୀଦ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ଟୁଇଟ୍ କରି କହିଛନ୍ତି, ୨୦୧୯ ମସିହାରେ ପୁଲୱାମାରେ ଆମେ ହରାଇଥିବା ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି। ଭବିଷ୍ୟତ ପିଢ଼ି ସେମାନଙ୍କର ବଳିଦାନ ଏବଂ ଦେଶ ପ୍ରତି ସେମାନଙ୍କର ଅଟଳ ସମର୍ପଣକୁ କେବେ ଭୁଲିପାରିବେ ନାହିଁ।



## ଡବ୍ଲ୍ୟୁପିଏଲ୍: ରିଚାଙ୍କ ବିସ୍ଫୋରକ ଇନିଂସ

# ଗୁଜରାଟକୁ ହରାଇଲା ବାଙ୍ଗାଲୋର୍

ଭଦୋଦରା, ୧୪।୨: ଆଜିଠାରୁ ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ଆରମ୍ଭ ହୋଇଥିବା ବେଳେ ପ୍ରଥମ ମ୍ୟାଚ୍‌ରେ ବାଙ୍ଗାଲୋର୍ ରୟାଲ୍ ଚାଲେଞ୍ଜର୍ସ ବିଜୟୀ ହୋଇଛି। ଦଳ ପ୍ରଥମ ମୁକାବିଲାରେ ଗୁଜରାଟ ଜାଏଣ୍ଟସ୍‌କୁ ଭେଟିଥିବା ବେଳେ ଏଥିରେ ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ ରୀଚା ଘୋଷଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ୬ ୱିକେଟ୍‌ରେ ବିଜୟୀ ହୋଇଛି।

ପ୍ରଥମେ ବ୍ୟାଟିଂ ପାଇଥିବା ଗୁଜରାଟ ୫ ୱିକେଟ୍‌ରେ ୨୦୧ ରନ୍‌ର ବଡ଼ ସ୍କୋର୍ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ଆଶ୍‌ଲେ ଗାର୍ଡନର୍ ୩ଟି ଚୌକା ଓ ୮ଟି ଛକା ସହ ସର୍ବାଧିକ ୭୯ ରନ୍‌ରେ ଅପରାଜିତ ଥିଲେ। ଏହାଛଡ଼ା ଓପନର ତଥା ୱିକେଟ୍‌କିପର୍ ବେଥ୍ ମୁନୀ ୮ଟି ଚୌକା ସହାୟତାରେ ୫୬ ଏବଂ ଡିଆଣ୍ଡ୍ରା ଡଟିନ୍ ୩ଟି ଚୌକା ଓ ଗୋଟିଏ ଛକା ସହ ୨୫ ରନ୍ କରିଥିଲେ। ଡିଆଣ୍ଡ୍ରା ଓ ଗାର୍ଡନର୍‌ଙ୍କ ମଧ୍ୟରେ ୬୭ ରନ୍ ଯୋଡ଼ିଥିଲେ। ଏହାଛଡ଼ା ସିମରନ୍ ଶେଖ୍ ମାତ୍ର ୫ ବଲ୍‌ରେ ଗୋଟିଏ ଲେଖାଏଁ ଚୌକା ଓ ଛକା ମାଧ୍ୟମରେ ୧୧ ରନ୍‌ର ଯୋଗଦାନ ଦେଇଥିଲେ। ବାଙ୍ଗାଲୋର୍ ପାଇଁ ରେଣୁକା ସିଂହ ସର୍ବାଧିକ ୨ଟି, ୱିକେଟ୍ ନେଇଥିବା ବେଳେ କନିକା ଆହୁଜା, ଜର୍ଜିଆ ୱେ୍ୟାରହାମ୍ ଓ ପ୍ରେମା ରାୱ୍‌ଲ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।ବ୍ୟାଟିଂରେ ଦଳ ୯ଟି ବଲ୍ ଏକରକମ ଛଡ଼ାଇ ଆଣିଥିଲେ। ଏଥିସକାଶେ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୂର୍ବରୁ ଦଳର ଦୁଇ ଓପନର ଅଧିନାୟିକା ସ୍ମୃତି ମନ୍ଧାନା ୯ ଓ ଡାନିଏଲ୍ ୱ୍ୟାଟ୍-ହଜ୍ ୪ ରନ୍ କରି ଆଉଟ୍ ହେବା ଫଳରେ ଦଳ ପ୍ରାରମ୍ଭିକ ବିପର୍ଯ୍ୟୟ ଭୋଗିଥିଲା। କିନ୍ତୁ ଏଲିସି ପେରୀ ଓ ରାଘବୀ ବିଷ୍ଟ୍ ତୃତୀୟ ୱିକେଟ୍‌ରେ ୮୬ ରନ୍ ଯୋଡ଼ି ସ୍ଥିତିକୁ ସୁଧାରିଥିଲେ। ୩ ଚୌକା ସହ ବିଷ୍ଟ୍ ଆଉଟ୍ ହେବା ପରେ ପେରୀ ମାତ୍ର ୩୪ ବଲ୍ ଖେଳି ୬ଟି ଚୌକା ଓ ୨ଟି ଛକା ଜରିଆରେ ୫୭ ରନ୍ କରିଥିଲେ। ବାଙ୍ଗାଲୋର୍ ପକ୍ଷରୁ ଅଧିନାୟିକା ଗାର୍ଡନର୍ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ। ଏହାଛଡ଼ା ଡିଆଣ୍ଡ୍ରା ଓ ସୟାଲି ସତ୍‌ଘରେ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ପ୍ରତିଯୋଗିତାରେ ଆସନ୍ତାକାଲି ଏଠାରେ ମୁମ୍ବାଇ ଇଣ୍ଡିଆନ୍ସର ମୁକାବିଲା ଦିଲ୍ଲୀ କ୍ୟାପିଟାଲ୍ସ ସହ ହେବ।

### ଗାର୍ଡନର୍ ଓ ମୁନୀଙ୍କ ଅର୍ଦ୍ଧଶତକ ବେକାର

ଓ ୬ଟି ୱିକେଟ୍ ବାକି ଥିବା ସମୟରେ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ପକ୍ଷରୁ ରୀଚା ବିସ୍ଫୋରକ ଇନିଂସ ଖେଳିଥିଲେ। ସେ ମାତ୍ର ୨୭ଟି ବଲ୍‌ର ସମ୍ମୁଖୀନ ହୋଇ ୭ଟି ଚୌକା ଓ ୪ଟି ଛକା ସହ ୬୪ ରନ୍ କରି ଅପରାଜିତ ଥିଲେ। ସେ କନିକା (୩୦ଙ୍କ ସହ ପଞ୍ଚମ ୱିକେଟ୍‌ରେ ଅବିଭାଜିତ ୯୩ ରନ୍ ଯୋଡ଼ି ଗୁଜରାଟ ମୁହଁରୁ ମ୍ୟାଚ୍‌କୁ





# ଲିଙ୍ଗ ପରିବର୍ତ୍ତନ ପରେ ପ୍ରଥମଥର ଭାରତକୁ ଫେରିବେ କ୍ରିକେଟର

**ନୂଆଦିଲ୍ଲୀ, ୧୪।୨:** ଭାରତୀୟ କ୍ରିକେଟ ଟିମର ପୂର୍ବତନ କ୍ରିକେଟର ସଞ୍ଜୟ ବଙ୍ଗରଙ୍କ ପୁଅ ଆରୟନ ବଙ୍ଗର ଓରଫ ଅନୟା ବଙ୍ଗର ଲିଙ୍ଗ ପରିବର୍ତ୍ତନ କରି ପୁଅରୁ ଝିଅ ହୋଇଛନ୍ତି। ଆରୟନ ୨୦୨୩ରେ ଲିଙ୍ଗ ପରିବର୍ତ୍ତନ ପରେ ତାଙ୍କ ହରମୋନ୍ ପରିବର୍ତ୍ତନ ବିଷୟରେ ଖୋଲାଖୋଲି ଭାବେ ଇନଷ୍ଟାଗ୍ରାମରେ ଆଲୋଚନା କରିଥିଲେ। ଅସ୍ତ୍ରୋପଚାର ପରେ କ୍ରିକେଟର ନିଜର ନାମ ଆରୟନ ବଦଳରେ ଅନୟା ରଖିଥିଲେ। ଆରୟନ ପୁଅରୁ ଝିଅ ହେବାପରେ ପ୍ରଥମଥର ଭାରତ ଆସୁଛନ୍ତି। ଯାହାର ସୂଚନା ସେ ନିଜେ ଇନଷ୍ଟାଗ୍ରାମ ମାଧମରେ ଏକ ଭିଡିଓ ସେୟାର କରି ଦେଇଛନ୍ତି। ପ୍ରକାଶିତ ଖବର ମୁତାବକ, ଆରୟନ ଏପ୍ରିଲ ମାସରେ ଭାରତ ଆସିବେ। ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ଆରୟନ ଲେଖିଛନ୍ତି, 'ଭାରତ ତୁମେ ପ୍ରସ୍ତୁତ ଅଛ। ମୁଁ ଫେରୁଛି। ପ୍ରଥମଥର ମୁଁ ମୋର ବାସ୍ତବ ରୁପରେ ସାମ୍ନାକୁ ଆସିବି। ମୋର ସାଙ୍ଗସାଥୀ ଯେଉଁମାନେ ବି ମୋତେ ଭେଟିବାକୁ ଇଚ୍ଛା ରଖିଛନ୍ତି ସେମାନଙ୍କୁ ମୁଁ କହିବି ଆଉ ବେଶୀଦିନ ନାହିଁ ଏପ୍ରିଲ ମାସରେ ଭେଟାଭେଟି ହେବା। ଆରୟନରୁ ଅନୟା ହୋଇଥିବା କ୍ରିକେଟର ସମ୍ପ୍ରତି ଇଂଲଣ୍ଡର ମଞ୍ଚେଷ୍ଟରରେ ବସବାସ କରୁଛନ୍ତି। ସେ ସେଠାରେ ଏକ କାଉଣ୍ଟି କ୍ଲବ ପାଇଁ କ୍ରିକେଟ ଖେଳୁଛନ୍ତି।

## ଚାମ୍ପିଅନ ଟ୍ରଫି ୨୦୨୫

# ନ୍ୟୁଜିଲାଣ୍ଡ ଦଳରୁ ବାଦପଡ଼ିଲେ ବୋଲର ସିୟର୍ସ

**ନୂଆଦିଲ୍ଲୀ, ୧୪।୨:** ୨୦୨୫ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ନ୍ୟୁଜିଲାଣ୍ଡକୁ ଏକ ବଡ଼ ଝଟକା ଲାଗିଛି। ଦଳର ବୋଲର ବେନ୍ ସିୟର୍ସ ଆଘାତ ଯୋଗୁଁ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛନ୍ତି। ସିୟର୍ସଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡ ଜାକବ ଡଫିଙ୍କୁ ଦଳରେ ସାମିଲ କରିଛି। ସେ ପାକିସ୍ତାନରେ ଚାଲିଥିବା ତ୍ରିକୋଣୀୟ ସିରିଜରୁ ଆଘାତ ଯୋଗୁଁ ବାଦ ପଡ଼ିଛନ୍ତି। ଚାମ୍ପିଅନ୍ସ ଟ୍ରଫିରେ ନ୍ୟୁଜିଲାଣ୍ଡର ପ୍ରଥମ ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଅଛି । ଏହି ମ୍ୟାଚ୍ ୧୯ ଫେବୃଆରୀରେ ଖେଳାଯିବ।

ଶୁକ୍ରବାର ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦେଇଛି। ବୋର୍ଡ କହିଛି ଯେ ବେନ୍ ସିୟର୍ସ ଆହତ ହୋଇଛନ୍ତି। ଏହି କାରଣରୁ, ସିଅର୍ସ ୨୦୨୫ରେ ହେବାକୁ ଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଖେଳିପାରିବେ ନାହିଁ। ସିୟର୍ସଙ୍କ ବାମ ଗୋଡରେ ସମସ୍ୟା ଅଛି। ତାଙ୍କ ସୁସ୍ଥତା ପାଇଁ ଅତି କମରେ ୨ ସପ୍ତାହ ଲାଗିବ।



ସିୟର୍ସ ବାଦ ପଡ଼ିବା ପରେ ନ୍ୟୁଜିଲାଣ୍ଡ ଜାକବ ଡଫିଙ୍କୁ ଦଳରେ ସାମିଲ କରିଛି। ସେ ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ପାଇଁ ୧୦ଟି ଦିନିକିଆ ମ୍ୟାଚ୍ ଖେଳି ସାରିଛନ୍ତି। ଏହି ସମୟ ମଧ୍ୟରେ ଡଫି ୧୮ଟି ୱିକେଟ୍ ନେଇଛନ୍ତି। ତାଙ୍କର ସର୍ବୋତ୍ତମ ପ୍ରଦର୍ଶନ ହେଉଛି ଗୋଟିଏ ମ୍ୟାଚ୍‌ରେ ୪୧ ରନ ଦେଇ ୩ଟି ୱିକେଟ୍ ନେଇଥିଲେ । ଡଫି ୧୮ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ମଧ ଖେଳିଛନ୍ତି। ସେ ଏହି ଫର୍ମାଟରେ ୧୯ଟି ୱିକେଟ ନେଇଛନ୍ତି।

ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳ ବର୍ତ୍ତମାନ ପାକିସ୍ତାନରେ ଅଛି। ଏଠାରେ ଏକ ତ୍ରିକୋଣୀୟ ସିରିଜ ଖେଳାଯାଉଛି। ସିରିଜର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପାକିସ୍ତାନକୁ ୭୮ ରନ୍‌ରେ ପରାସ୍ତ କରିଥିଲା। ସେ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୬ ୱିକେଟ୍‌ରେ ପରାସ୍ତ କରିଥିଲେ। ଏବେ ସେମାନେ ଫାଇନାଲରେ ପାକିସ୍ତାନକୁ ଭେଟିବେ। ଶୁକ୍ରବାର କରାଚୀରେ ନ୍ୟୁଜିଲାଣ୍ଡ ଏବଂ ପାକିସ୍ତାନ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।

# ୩୮ତମ ଜାତୀୟ କ୍ରୀଡ଼ା: ମହିଳା କାନୋଇଂ ଦଳକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୪।୨:** ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଗୁରୁବାର ଜିମ୍ନାଷ୍ଟିକ୍ସ ଓ କାନୋଇଂରୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ କାଂସ୍ୟ ସହ ମୋଟ ୫ ପଦକ ଆସିଛି। ଫଳରେ ଓଡ଼ିଶାର ପଦକ ସଂଖ୍ୟା ୪୬ (୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ, ୧୭ କାଂସ୍ୟ)

### ରାକେଶଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ, ୪୬ରେ ପହଞ୍ଚିଲା ଓଡ଼ିଶାର ପଦକ

ରେ ପହଞ୍ଚିଛି। ସ୍ୱର୍ଣ୍ଣ ଦୁଇଟି ଜିମ୍ନାଷ୍ଟିକ୍ସ ରାକେଶ ପାତ୍ର ଓ କାନୋଇଂ ମହିଳା ସ୍ପ୍ରିଣ୍ଟ୍ କେ-୪ ୫୦୦ ମିଟର ଦଳ ଜିତିଛନ୍ତି। ଗତ କାଲି ଷ୍ଟିଲ୍ ରିଙ୍ଗ୍‌ରେ ସ୍ୱର୍ଣ୍ଣ ଜିତିଥିବା ରାକେଶ ଆଜି ପାରାଲେଲ୍ ବାର୍‌ସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ରାକେଶ। ସେ ୧୨.୬୦୦ ପଏଣ୍ଟ ସହ ଏହି ପଦକ ଜିତିଥିଲେ। ଉତ୍ତରପ୍ରଦେଶର ଆଦିତ୍ୟ ସିଂହ ରାଣା (୧୨.୪୩୩) ଓ ସର୍ଭିସେସ୍‌ର ଯତୀନ କୁମାର କାନୋଜିୟା (୧୧.୯୬୭) କାଂସ୍ୟ ପାଇଛନ୍ତି।





ଫଳରେ ଏହି ପ୍ରତିଯୋଗିତାରେ ରାକେଶ ୨ ସ୍ୱର୍ଣ୍ଣ ସହ ଅଭିଯାନ ଶେଷ କରିଛନ୍ତି। ପୁରୁଷ ଟେବୁଲ ଭଲ୍ଟରେ ତପେଶ୍ୱରନାଥ ଦାସ (୧୨.୮୩୩) ଓଡ଼ିଶା ପାଇଁ ରୌପ୍ୟ ଜିତିଥିଲା ବେଳେ ମହିଳା ବାଲାନ୍ସିଂ ବିମ୍‌ରେ ପ୍ରଣତି ନାୟକ (୧୦.୭୩୩) କାଂସ୍ୟ ପାଇଥିଲେ। ଆଜିର ଏହି ୩ ପଦକ ସହ ଜିମ୍ନାଷ୍ଟିକ୍ସରେ ଓଡ଼ିଶା ୭ (୩ସ୍ୱର୍ଣ୍ଣ, ୨ ରୌପ୍ୟ, ୨ କାଂସ୍ୟ) ପଦକ ସହ ଅଭିଯାନ ଶେଷ କରିଛି। ରାକେଶ ୨ ସ୍ୱର୍ଣ୍ଣ ଜିତିଥିଲା ବେଳେ ପ୍ରଣତି ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ, ତପେଶ୍ୱରନାଥ ରୌପ୍ୟ ଏବଂ ମହିଳା ଜିମ୍ନାଷ୍ଟିକ୍ସ ଦଳ କାଂସ୍ୟ ପାଇଥିଲେ। ଖ୍ୱାଇରାକପାମ ଦେବୀ, ଓଇନାମ ଦେବୀ, ଓଇନାମ ଚାନୁ ଓ ଶ୍ରୁତି ଚୌଗୁଲେଙ୍କୁ ନେଇ ଗଠିତ କାନୋଇଂ ମହିଳା ସ୍ପ୍ରିଣ୍ଟ୍ କେ୪ ୫୦୦ ମିଟର ଦଳ ୧ ମିନିଟ୍ ୪୬.୯୫୭ ସେକେଣ୍ଡରେ ରେସ୍ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମଧ୍ୟପ୍ରଦେଶ (୧:୪୮.୬୫୩) ଓ କେରଳ (୧:୪୯.୧୯୭) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ। ମହିଳା ସ୍ପ୍ରିଣ୍ଟ୍ କେ-୧ ୫୦୦ ମିଟରରେ ଓଡ଼ିଶାର ଖ୍ୱାଇରାକପାମ ଦେବୀ (୨:୦୮.୪୬୬) କାଂସ୍ୟ ଜିତିଛନ୍ତି।





## ଏସୀୟ ବ୍ୟାଡ୍‌ମିଣ୍ଟନ୍

# କୋରିଆଠୁ ହାରିଲା ଭାରତ

**କ୍ୱିଙ୍ଗଡାଓ (ଚୀନ୍), ୧୪।୨:** ଚଳିତ ଏସୀୟ ବ୍ୟାଡ୍‌ମିଣ୍ଟନ ଦଳଗତ ପ୍ରତିଯୋଗିତାର ଗୁରୁବାର ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨-୩ରେ କୋରିଆଠୁ ହାରିଯାଇଛି। ତେବେ ପୂର୍ବରୁ ନିଜର ପ୍ରଥମ ମ୍ୟାଚ୍‌ରେ ୫-୦ରେ ମକାଉକୁ ହରାଇଥିବା ଭାରତ ଗ୍ରୁପ୍-ଡି'ରେ ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛି। ଗୁରୁବାର ମିଶ୍ରିତ ଯୁଗଳରେ ଧ୍ରୁବ କପିଳ ଓ ତନିଷା କ୍ରଷ୍ଟୋ ୨୧-୧୧, ୧୨-୨୧, ୧୫-୨ରେ କୋରିଆର ଜୁ କି ଉନ୍‌ଙ୍କଠୁ ଏବଂ ମହିଳା ଏକକରେ ମାଳବିକା ବଂଶୁଦ ୯-୨୧, ୧୦-୨୧ରେ ୟୁ ଜିନ୍ ସିମ୍‌ଙ୍କଠୁ ହାରିଯିବାରୁ ଭାରତ ୦-୨ରେ ପଛରେ ରହିଥିଲା। ପୁରୁଷ ଏକକରେ ସତୀଶ କୁମାର କରୁଣାକରନ ୧୭-୨୧, ୨୧-୧୮, ୨୧-୧୯ରେ ଚୋ ଜିଓନିଓପ୍‌ଙ୍କୁ ଏବଂ ମହିଳା ଯୁଗଳରେ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ୧୯-୨୧, ୨୧-୧୬, ୨୧-୧୧ରେ କିମ୍ ମିନ୍ ଜି ଓ କିମ୍ ୟୁ ଜୁଙ୍ଗ୍‌ଙ୍କୁ ହରାଇ ସ୍ଥିତି ୨-୨ କରିବା ସହ ଭାରତ ପାଇଁ ଆଶା ସଞ୍ଚାର କରିଥିଲେ। ହେଲେ ନିର୍ଣ୍ଣାୟକ ତଥା ପଞ୍ଚମ ମୁକାବିଲାରେ ପୁରୁଷ ଯୁଗଳ ଯୋଡ଼ି ଏମ୍‌ଆର୍ ଅର୍ଜୁନ ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ୧୪-୨୧, ୧୫-୨୩ରେ ସୁଙ୍ଗ ସିଉଙ୍ଗ ଓ ଜିନ୍ ୟଙ୍ଗଠୁ ହାରିଯିବାରୁ ଭାରତ ବିଜୟ ହାତଛଡ଼ା କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନସଭାରେ...

ଅପରପକ୍ଷେ ଏହାକୁ କାଉଣ୍ଟର କରି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ସେ ସମୟର ସରକାର 'ଅସ୍ମିତା' ଶବ୍ଦର ଅର୍ଥ ଯାହା ବୁଝିଥିଲେ ଆମେ ତାକୁ କେବଳ କୋଟ୍ କରିଛୁ। ନିର୍ବାଚନ ପୂର୍ବରୁ ବିଜେଡିକୁ ଅସ୍ତବ୍ୟସ୍ତ କରିଥିଲା 'ଅସ୍ମିତା' ଶବ୍ଦ । ତେବେ ବିଧାନସଭାରେ ପୁଣି ଅରୁଣ ପଚାରିଥିବା 'ଅସ୍ମିତା' ସମ୍ପର୍କିତ ପ୍ରଶ୍ନ କେଉଁ ଦିଗକୁ ଗତି କରୁଛି, ତାହା ଦେଖିବାକୁ ବାକି ରହିଲା।

### ଶିକ୍ଷାର...

ତେବେ ଏବେବି ୩୦.୫ପ୍ରତିଶତ ପିଲା ଅଷ୍ଟମ ଶ୍ରେଣୀରେ ପଢ଼ି ମଧ୍ୟ ଫେଡ଼ାଣ ସମାଧାନ କରିବା ଶିଖିନାହାନ୍ତି । ଜାତୀୟସ୍ତରରେ ବି ସ୍ଥିତି ସମାନ। ଜାତୀୟ ସ୍ତରରେ ଅଷ୍ଟମରେ ପଢୁଥିବା ୬୮.୫ ପ୍ରତିଶତ ପିଲା ଫେଡ଼ାଣ ସମାଧାନ କରିପାରୁଛନ୍ତି ।

ସେହିପରି ରାଜ୍ୟର ଅଷ୍ଟମ ଶ୍ରେଣୀର ମାତ୍ର ୪୮.୫ ପ୍ରତିଶତ ଛାତ୍ରଛାତ୍ରୀ 'ହରଣ' ସମାଧାନ କରିପାରୁଛନ୍ତି । ୨୦୧୪ରେ ଏହି ପରିମାଣ ୩୭.୯ ପ୍ରତିଶତ ଥିବାବେଳେ ୨୦୨୪ରେ ଏହା ୪୮.୫ ପ୍ରତିଶତ ହୋଇଛି । ଅର୍ଥାତ୍ ଏବେବି ରାଜ୍ୟର ୫୧.୫ ପ୍ରତିଶତ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ 'ହରଣ' ଶିଖିନାହାନ୍ତି । ମାତ୍ର ଗଣଶିକ୍ଷା ମନ୍ତ୍ରୀ ଏହି ହାରକୁ ଜାତୀୟସ୍ତରର ହାର ସହ ତୁଳନା କରି ଓଡ଼ିଶା ଭଲ ସ୍ଥିତିରେ ଅଛି ବୋଲି କହିଛନ୍ତି । ଜାତୀୟସ୍ତରରେ ଅଷ୍ଟମ ଶ୍ରେଣୀର ୪୫.୮ ପ୍ରତିଶତ ପିଲା 'ହରଣ' ଶିଖିଥିବାବେଳେ ଓଡ଼ିଶାର ୪୮.୫ ପ୍ରତିଶତ ପିଲା ଏହି 'ହରଣ' ଶିଖିଛନ୍ତି ।

### ପୁଣି ଆମ...

ହୋଇଯାଇଥିଲେ। ମୋ ବସ ଧକା ଦେଇ ଘଟଣା ସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ଲୋକେ ବସକୁ ଅଟକାଇଥିଲେ । ଫଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଘଟଣା ସ୍ଥଳରେ ତମଣ୍ଡୋ ପୋଲିସ ପହଁଚି ସ୍ଥିତିକୁ ନିୟନ୍ତ୍ରଣ କରିଛି । ବସ ଧକ୍କାରେ ଆହତଙ୍କୁ ପୋଲିସ ଉଦ୍ଧାର କରି ଅଧିକ ଚିକିତ୍ସା ପାଇଁ ମେଡ଼ିକାଲକୁ ପଠାଇଛି ।

ସେହିଭଳି ଶ୍ରୀୟା ଛକ ନିକଟରେ ବେପରୁଆ ଗାଡ଼ିଚାଳନା ପାଇଁ ବସକୁ ଢେଲା ପଥର ମାଡ଼ ହୋଇଥିଲା । କିଛି ସମୟ ପାଇଁ ରଣ କ୍ଷେତ୍ର ପାଲଟିଲା ଶ୍ରୀୟା ଛକ । ପ୍ରାୟ ଅଧଘଣ୍ଟା ଧରି ବସ ଅଟକାଇଥିଲେ ସ୍ଥାନୀୟ ଲୋକେ। ରାତି ପ୍ରାୟ ୧୦ରେ ଏଭଳି ଘଟଣା ଘଟିଥିଲା । ଖବର ପାଇ ଖାରବେଳନଗର ଥାନା ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା । ବସ ଡ୍ରାଇଭର ସହ ବସକୁ ଅଟକ ରଖିଛି ପୋଲିସ।

### ପାଣ୍ଡିଆନଙ୍କ...

ଅତନୁ ସବ୍ୟସାଚୀଙ୍କ ଉପସ୍ଥିତି ଓ ନିରବତା ଏହି ଆଲୋଚନାକୁ ଖୋରାକ ଯୋଗାଇଛି। ଏ ଦୁଇଜଣ ଚୁପ୍ ରହିଥିଲେ ବି ଆଗକୁହା ଅରୁଣ ସାହୁ ଓ କଥା କଥାକେ ଆଗକୁ ଆସି ବାଇଟ୍ ଦେଉଥିବା ପ୍ରତାପ ଜେନା ଓ ପ୍ରତାପ ଦେବ ମଧ୍ୟ ନିରବ। ତେଣୁ ପାଣ୍ଡିଆନଙ୍କୁ ପାନେ ଦେବା ପାଇଁ ଏହି ନେତାମାନେ ବିଜେଡିକୁ କେଉଁ ସ୍ଥିତିକୁ ନେଇଯିବେ, ତା' ଉପରେ ଏବେ କର୍ମୀମାନେ ଆଲୋଚନା ଆରମ୍ଭ କରିଛନ୍ତି। ବେଳ ଥାଉଁ ଥାଉଁ ଏମାନଙ୍କ ପ୍ରତି ସତର୍କ ନ ରହିଲେ ଦଳ ବୁଡ଼ିଯିବ ବୋଲି କିଛି କର୍ମୀ ମଧ୍ୟ କହିବାକୁ ପଛାଉନାହାନ୍ତି।

### ଆରମ୍ଭ ହେଲା...

୧୦୦ ପ୍ରତିଶତ, ଚତୁର୍ଥ ବର୍ଷରେ ୭୫ ପ୍ରତିଶତ ଓ ପଞ୍ଚମ ବର୍ଷରେ ୫୦ ପ୍ରତିଶତ ହିସାବରେ ପାଣ୍ଠି ପ୍ରଦାନ ବ୍ୟବସ୍ଥା ଥିଲା। ସେହିପରି ସେମାନଙ୍କ ପାରିଶ୍ରମିକ ବାବଦକୁ ଚତୁର୍ଥ ବର୍ଷରେ ୨୫ ପ୍ରତିଶତ, ପଞ୍ଚମ ବର୍ଷରେ ୫୦ ଓ ପଞ୍ଚମ ବର୍ଷ ପରେ ସମୁଦାୟ ୧୦୦ ପ୍ରତିଶତ ପାଣ୍ଠି ପଞ୍ଚାୟତସ୍ତରୀୟ ସଂଘମାନେ ନିର୍ଦ୍ଦେଶାବଳୀ ଅନୁଯାୟୀ ବହନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ବିଜେପି ସରକାର ମା'ମାନଙ୍କର ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇ ଏସ୍‌ଏଚ୍‌ଜି ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟନେଇ 'ଲକ୍ଷପତି ଦିଦି ଯୋଜନା' କାର୍ଯ୍ୟକାରୀ ହେଉଛି। ଏଥିରେ ମହିଳାଙ୍କୁ ବାର୍ଷିକ ଏକ ଲକ୍ଷ ଟଙ୍କାର ରୋଜଗାରକ୍ଷମ କରାଇବାକୁ ପ୍ରୟାସ ହେଉଛି। ଆସନ୍ତା ୨୦୨୭ ସୁଦ୍ଧା ୨୫ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବିବୃତିରେ କହିଛନ୍ତି।

### ଚାଷୀ ଓ ଆଇନ...

ପୋଡିୟମକୁ ବାଡେଇବା ସହ ଚଢ଼ିବାକୁ ଉଦ୍ୟମ। କଂଗ୍ରେସର ବିରୋଧ ଭିତରେ ପଛରେ ପଡ଼ିଯିବ ଭାବି ବିଜେଡି ସଦସ୍ୟ ମଧ୍ୟ ଗୃହରେ ନାରାବାଜି ଆରମ୍ଭ କରିଥିଲେ। ଆଇନଶୃଙ୍ଖଳା ଓ ଚାଷୀ ପ୍ରସଙ୍ଗକୁ ଅସ୍ତ୍ର କରି ସରକାରଙ୍କୁ ଘେରିଥିଲେ ଉଭୟ କଂଗ୍ରେସ ଓ ବିଜେଡି। ବାଚସ୍ପତି ବାରମ୍ବାର ବୁଝାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ଗୃହକୁ ମୁଲତବୀ କରିଥିଲେ। ଏଥିସହ ଚାଲିପାରିନଥିଲା ପ୍ରଥମାର୍ଦ୍ଧ ଓ ଧୋଇଯାଇଥିଲା ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ।

ବିରୋଧୀଙ୍କ ହୋହଲ୍ଲା, ନାରାବାଜି ଓ ହଟ୍ଟଗୋଳ ଭିତରେ ବାରମ୍ବାର ମୁଲତବୀ ହୋଇଥିଲା ଗୃହ। ଏଥିପାଇଁ ବିରୋଧୀ ଦଳକୁ ଦାୟୀ କରିଛି ଶାସକ ବିଜେପି। ଅପ୍ରସଙ୍ଗକୁ ପ୍ରସଙ୍ଗ କରି ବିରୋଧୀ ପଳାତକ ସାଜୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ। ପ୍ରଥମାର୍ଦ୍ଧରେ ୨ ଥର ଗୃହ ମୁଲତବୀ ପରେ ଦ୍ୱିତୀୟାର୍ଦ୍ଧରେ କିଛି ସମୟ ପାଇଁ ସ୍ୱାଭାବିକ ହୋଇଥିଲା ବିଧାନସଭା। ବିଧାନସଭା ପାଇଁ ଦୈନିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି, କିନ୍ତୁ ଲୋକଙ୍କ ପ୍ରସଙ୍ଗରେ ଆଲୋଚନା ହୋଇପାରୁନି। ବିରୋଧୀଙ୍କ ପ୍ରସ୍ତାବ ଗ୍ରହଣ କରିବାକୁ ସରକାରୀ ଦଳ ରାଜି ନଥିବା ବେଳେ ବିରୋଧୀ ମଧ୍ୟ କେବଳ ରାଜନୈତିକ ଫାଇଦା ନେବାକୁ ହଟ୍ଟଗୋଳ କରି ବାରମ୍ବାର ଗୃହ ମୁଲତବୀ କରୁଛି। ପ୍ରଶ୍ନକାଳରେ ଦଳ ମତ ନିର୍ବିଶେଷରେ ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଉଠାବାକୁ ସଜବାଜ ହେଉଥିବା ବେଳେ ଏମିତି ଗୋଟିଏ ଗୋଟିଏ ଦିନ ଧୋଇ ହୋଇଯାଉଛି।

### ୨୮ ପୂର୍ବରୁ...

ସବୁ ଦୃଷ୍ଟିକୋଣରୁ ବିଚାର କରି ନିଷ୍ପତ୍ତି ନିଆଯାଉଛି। ପୂର୍ବରୁ ନବୀନ ପଟ୍ଟନାୟକଙ୍କ ଅମଳରେ ହୋଇଥିବା ନିଗମ ଓ ବୋର୍ଡ ଅଧ୍ୟକ୍ଷଗୁଡ଼ିକରେ ଦିଆଯାଇଥିବା ନିଯୁକ୍ତିକୁ ଗତ ଜୁନରେ ମୁଖ୍ୟମନ୍ତ୍ରୀ ଭାଙ୍ଗିଦେଇଥିଲେ। ପରିଚାଳନାଗତ ଅକ୍ଷମତା ଦୃଷ୍ଟିରୁ ସବୁ ନିଗମକୁ ଭାଙ୍ଗି ଦିଆଯାଇଥିଲା।

### ବିଶ୍ୱକୁ...

ନେଇ ଆଲୋଚନା ହୋଇଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସବୁବେଳେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ଏହାଛଡ଼ା ତେବେ ମିଳିତ ବିକାଶ, ମିଳିତ ଉତ୍ପାଦନ ଓ ପ୍ରଯୁକ୍ତି ବିଦ୍ୟା ବିନିମୟ କ୍ଷେତ୍ରରେ ଦୁଇ ଦେଶ ଭିତରେ ସବୁବେଳେ ସହଭାଗିତା ରହିଆସିଛି। ଆଗାମୀ ଦିନରେ ନୂଆ ପ୍ରଯୁକ୍ତି ବିଦ୍ୟା ଓ ଯନ୍ତ୍ରପାତି ଯୋଗୁଁ ଉଭୟ ଦେଶର ଦକ୍ଷତା ବୃଦ୍ଧି ପାଇବ ବୋଲି ମୋଦୀ ଆଶା ପ୍ରକଟ କରିଥିଲେ। ଖୁବଶୀଘ୍ର ଅଟୋନୋମସ ସିଷ୍ଟମସ ଇଣ୍ଡଷ୍ଟ୍ରୀ ଆଲାଏନ୍ସ ପ୍ରସ୍ତୁତ କରିବା ପାଇଁ ଭାରତ ଚେଷ୍ଟା କରିବ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ପରବର୍ତ୍ତୀ ଦଶନ୍ଧି ପାଇଁ ପ୍ରତିରକ୍ଷା ସହଯୋଗ ନେଇ ଖସଡ଼ା ପ୍ରସ୍ତୁତ ହେବ ବୋଲି କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ହେଉଛି ପ୍ରଯୁକ୍ତି ବିଦ୍ୟାର ଯୁଗ। ଏହି କ୍ଷେତ୍ରରେ ଦୁଇ ଦେଶ ଭିତରେ ଦ୍ୱିପାକ୍ଷିକ ସହଯୋଗ ସମଗ୍ର ମାନବଜାତିକୁ ନୂଆ ଦିଗ ଓ ଦିଗଦର୍ଶନ ଦେବ। କୃତ୍ରିମ ବୁଦ୍ଧିମତା, ସେମି କଣ୍ଡକ୍ଟର, କ୍ୱାଣ୍ଟମ, ବାୟୋ ଟେକ୍ନୋଲଜି ଓ ଅନ୍ୟାନ୍ୟ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉଭୟ ଦେଶ କାମ କରିବେ। ଟ୍ରଷ୍ଟ ବା ଟ୍ରାନ୍ସଫର୍ମିଙ୍ଗ ରିଲେସନସିପ ୟୁଟିଲାଇଜିଂ ଷ୍ଟ୍ରାଟେଜିକ ଟେକ୍ନୋଲଜି ଉପରେ ଉଭୟ ଦେଶର ସହମତି ରହିଥିବା କୁହାଯାଉଛି।

ଖଣିଜ ଓ ଫାର୍ମାସ୍ୟୁଟିକାଲ ଦ୍ରବ୍ୟର ଏକ ମଜଭୁତ ସପ୍ଲାଏ ଚେନ ପ୍ରତିଷ୍ଠା କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ଲିଥିୟମ ଓ ଅନ୍ୟାନ୍ୟ ଖଣିଜ ସମ୍ପଦର ଉତ୍ତୋଳନ ଓ ପ୍ରକ୍ରିୟାକରଣ ଉପରେ କାମ କରିବାକୁ ଚେଷ୍ଟା ଚାଲିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆତଙ୍କବାଦକୁ ଦମନ କରିବା କ୍ଷେତ୍ରରେ ଉଭୟ ଭାରତ ଓ ଆମେରିକା ମିଳିତ ଭାବେ କାମ କରିଆସୁଥିବା ବେଳେ ସୀମାପାର ଆତଙ୍କବାଦ ମୂଳୋତ୍ପାଟନ କରିବାକୁ ଉଭୟ ଦେଶ ପ୍ରତିବଦ୍ଧ ବୋଲି ମୋଦି କହିଛନ୍ତି। ସେହିପରି ଆମେରିକାରେ ବସବାସ କରୁଥିବା ଭାରତୀୟ ସମୁଦାୟ ଦୁଇ ଦେଶ ଭିତରେ ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବା ଦିଗରେ ବିଶେଷ ସହାୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଭାରତରେ ବିଦେଶୀ କ୍ୟାମ୍ପସ ଖୋଲିବାକୁ ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ବିଭିନ୍ନ ଆମେରିକୀୟ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନକୁ ନିମନ୍ତ୍ରଣ କରିଛନ୍ତି। ଭାରତ ସହ ବନ୍ଧୁତାକୁ ବଜାୟ ରଖି ଉଲ୍ଲେଖନୀୟ ପ୍ରତିବଦ୍ଧତା ପାଇଁ ଏହି ଅବସରରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଭାରତର ୧.୪ ବିଲିୟନ ଅଧିବାସୀଙ୍କ ପକ୍ଷରୁ ଟ୍ରମ୍ପ ପୁଣିଥରେ ଭାରତ ଆସିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି।

● ଆତିଥ୍ୟ ଶିକ୍ଷା ନେଇ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ

# ପର୍ଯ୍ୟଟନ ଉଦ୍ୟୋଗକୁ ନୂଆ ରୂପ ଦେଉଛି ଆଇଏଚ୍‌ଏମ୍

**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ):** ରାଜ୍ୟର ଯୁବବର୍ଗ ମଧ୍ୟରେ ଆତିଥ୍ୟ ଶିକ୍ଷା ବିଷୟରେ ସଚେତନତା ସୃଷ୍ଟି ପାଇଁ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚଏମ) ସହଭାଗିତାରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଶିକ୍ଷାନୁଷ୍ଠାନ ପରିସରରେ ଆଜି ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ଏଥିରେ ଆଇଏଚ୍‌ଏମ୍ ପର୍ଯ୍ୟଟନ ଓ ଆତିଥେୟତାକୁ ନୂଆ ରୂପ ଦେବା ସକାଶେ ଉଦ୍ୟମ କରୁଛି ବୋଲି ମତ ପ୍ରକାଶ ପାଇଛି। ସାମ୍ବାଦିକ ସମ୍ମିଳନୀରେ ଆଇଏଚଏମ ଭୁବନେଶ୍ୱରର ଅଧ୍ୟକ୍ଷା ଶାରଦା ଘୋଷ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ସମ୍ବିତ ସୁମନ ଓ ପ୍ରମଥଦୀପ କର ଉପସ୍ଥିତ ଥିଲେ। ଆତିଥ୍ୟ କ୍ଷେତ୍ରରେ ରହିଥିବା ବ୍ୟାପକ କ୍ୟାରିଅର ସମ୍ଭାବନା ଓ ଭବିଷ୍ୟତର ପେସାଦାରମାନଙ୍କୁ ଗଢ଼ିବାରେ ଗୁଣାତ୍ମକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଶ୍ରୀମତୀ ଘୋଷ ଆତିଥ୍ୟ ଶିଳ୍ପରେ ଥିବା ଅପାର ସମ୍ଭାବନାକୁ ପ୍ରଦର୍ଶିତ କରିବା ଲାଗି ରାଜ୍ୟର ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବାକୁ ଆଇଏଚଏମର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ତାଙ୍କ କହିବାନୁସାରେ, ଓଡ଼ିଶା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ଉଭା ହେବା ସହିତ ବିଳାସପୂର୍ଣ୍ଣ ହୋଟେଲ ଓ ରିସର୍ଟ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ଏହି କାରଣରୁ ଏଠାରେ ଏବେ କୁଶଳୀ ପେସାଦାରଙ୍କ ଚାହିଦା ସର୍ବକାଳୀନ ଉଚ୍ଚସ୍ତରରେ ରହିଛି ବୋଲି ଶ୍ରୀମତୀ ଘୋଷ କହିବା ସହ ଦିଲ୍ଲୀର ଜେଏନୟୁ ପକ୍ଷରୁ ପ୍ରଦାନ କରାଯାଇଥିବା ଆତିଥ୍ୟ ଓ ହୋଟେଲ ପ୍ରଶାସନରେ ବିଏସସି ଓ ଆତିଥ୍ୟ ପ୍ରଶାସନରେ ଏମଏସସି ସମେତ ଏହି ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରମୁଖ ପାଠ୍ୟକ୍ରମ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଶିଳ୍ପ ଉପଯୋଗୀ ଦକ୍ଷତା ପ୍ରଦାନ ପାଇଁ ପରିକଳ୍ପିତ ଏହି ପାଠ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଲାଭଜନକ ଓ ଗତିଶୀଳ କ୍ୟାରିଅର ସୁଯୋଗ ଦେଉଛି। ଯେକୌଣସି ଶିକ୍ଷାଗତ ପୃଷ୍ଠଭୂମିର ଛାତ୍ରଛାତ୍ରୀ ଆତିଥ୍ୟ ଓ ହୋଟେଲ ପ୍ରଶାସନରେ ବିଏସସି ପଢ଼ିବା ପାଇଁ ଆବେଦନ କରିପାରିବେ। କିନ୍ତୁ ସେମାନେ ଇଂରାଜୀକୁ ଗୋଟିଏ ବିଷୟ ଭାବେ ଅଧ୍ୟୟନ କରିବା ଜରୁରୀ। ହୋଟେଲ ମ୍ୟାନେଜମେଣ୍ଟ ଏକ ଲାଭଦାୟକ ଓ ବିକଶିତ ବୃତ୍ତି ଭାବେ ବ୍ୟାପକ ସୁଯୋଗ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ସେହିପରି ଶ୍ରୀ କର ପର୍ଯ୍ୟଟନ ମନ୍ତ୍ରଣାଳୟର ନେତୃତ୍ୱରେ ଦକ୍ଷତା ବିକାଶ ପଦକ୍ଷେପ ଓ ଦକ୍ଷତା ବିକାଶ କେନ୍ଦ୍ର ଭାବେ ଆଇଏଚଏମର ଭୂମିକା ବିଷୟରେ କହିଥିଲେ। ମାଗଣା ଦକ୍ଷତା ତାଲିମ ପ୍ରଦାନ କରୁଥିବା ସେବା ପ୍ରଦାନକାରୀଙ୍କ ପାଇଁ କ୍ଷମତା ନିର୍ମାଣ ପଦକ୍ଷେପ ସମେତ ସରକାର ସମର୍ଥିତ ତାଲିମ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଂଶଗ୍ରହଣ ଉପରେ ସେ ଆଲୋକପାତ କରିବା ସହ ମିଶନ ଶକ୍ତି ଦ୍ୱାରା ପ୍ରାୟୋଜିତ ଏସ୍‌ଏଚ୍‌ଜି ମହିଳାଙ୍କ ପାଇଁ କାଫେ ପରିଚାଳନା ତାଲିମ ଓ ଏସଏସଇପିଡି ଦ୍ୱାରା ପ୍ରାୟୋଜିତ ଶ୍ରବଣ ଶକ୍ତିହୀନ ଭିନ୍ନକ୍ଷମଙ୍କ ପାଇଁ ଆତିଥ୍ୟ ପରିଚାଳନା ତାଲିମ ଭଳି ଏକାଧିକ ପ୍ରକଳ୍ପରେ ଆଇଏଚଏମ ସହ ରାଜ୍ୟ ସରକାରଙ୍କ ସହଯୋଗକୁ ପ୍ରଂଶସା କରିଛନ୍ତି। ଏହି ଅବସରରେ ଆଇଏଚଏମକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଡିପ୍ଲୋମା ପାଠ୍ୟକ୍ରମରେ କର୍ମଚାରୀଙ୍କ ପାଇଁ ପ୍ରଶିକ୍ଷଣ କେନ୍ଦ୍ର ଭାବେ ମନୋନୀତ କରାଯାଇଥିବା ସେ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ଅଗ୍ରଣୀ ଗଣମାଧ୍ୟମର ୩୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

### ଆଦିବାସୀ ଗାଁରେ ନୟାଗଡ଼ ଜିଲ୍ଲାପାଳ

# ଲୋକଙ୍କ ସହ କଥା ହୋଇ ସମସ୍ୟା ବୁଝିଲେ



**ନୟାଗଡ଼, ୧୪।୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ସହରର ଚାକଚକ୍ୟ ଛାଡ଼ି ଗାଁ ମୁହାଁ ହୋଇ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ଆଦିବାସୀ ଅଧ୍ୟୁଷିତ ଗାଁରେ ଯାଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ବିଭିନ୍ନ ସମସ୍ୟା ସଂପର୍କରେ ବୁଝିବା ସହ ସରକାରୀ ଯୋଜନା ଲୋକଙ୍କ ପାଖରେ କେମିତି ପହଞ୍ଚିବ ସେ ନେଇ ମଧ୍ୟ ଆଲୋଚନା କରିଛନ୍ତି।

ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ ଜାକେଡା ପଂଚାୟତର ତୁକୁଡା ଓ ବଡଜିର ଗ୍ରାମ। ତୁକୁଡା ଗ୍ରାମରେ ୨୭ ପରିବାର ଏବଂ ବଡଜିର ଗ୍ରାମରେ ୧୮ ପରିବାର ବସବାସ କରୁଛନ୍ତି। ଆଜି ପର୍ଯ୍ୟନ୍ତ ଏହି ଦୁଇଗ୍ରାମକୁ ବିକାଶ ଛୁଇଁ ପାରିନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ନେଟୱର୍କ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଏଠାରେ ମୁଣ୍ଡ ଟେକିଛି। ଗ୍ରାମବାସୀଙ୍କ ମୁହଁରୁ ଅନେକ ଅଭିଯୋଗ ଶୁଣିବାକୁ ମିଳୁଛି। ସବୁ ଅଭିଯୋଗ ଗୁଡିକ ମଧ୍ୟରୁ ରାସ୍ତା ସମସ୍ୟା ହେଉଛି ମୁଖ୍ୟ ସମସ୍ୟା। ରାସ୍ତା ସମସ୍ୟା ଲାଗି ଜରୁରୀକାଳୀନ ସେବାରୁ ବଂଚିତ ହେଉଛନ୍ତି ଲୋକମାନେ।

ନୂଆଗାଁ ବ୍ଲକ ବିଡିଓ ଡ. ଅମୃତ କୁମାର ରାଉଳ ଗତ ଡିସେମ୍ବର ମାସରେ ଏହି ଦୁଇ ଗ୍ରାମରେ ବିଭାଗୀୟ କର୍ମଚାରୀ ମାନଙ୍କୁ ନେଇ ପହଂଚିଥିବା ବେଳେ ଆଜି ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପହଂଚିଥିଲେ। ଦୁର୍ଗମ ଅଂଚଳରେ ଜିଲ୍ଲାପାଳଙ୍କୁ ଦେଖି ସ୍ଥାନୀୟ ଗ୍ରାମବାସୀ ମାନେ ଯେତିକି ଆନନ୍ଦିତ, ସେମାନଙ୍କର ଅଭିଯୋଗ ଜଣାଇବା ପାଇଁ ସେତିକି ମାତ୍ରାରେ ବ୍ୟାକୁଳ ରହିଥିଲେ। ରାସ୍ତା, ବିଦ୍ୟୁତ, ଭତା, ପାନୀୟ ଜଳ, ପୋଖରୀ ଭଳି ଆହୁରି ଅନେକ ମୌଳିକ ସମସ୍ୟାର ସମାଧାନ ପାଇଁ ଲୋକମାନେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଲୋକମାନଙ୍କ ଠାରୁ ଅଭିଯୋଗ ଶୁଣିବା ପରେ ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲାପାଳଙ୍କ ସମେତ ନୂଆଗାଁ ବ୍ଲକ ବିଡିଓ ଡ଼ ଅମୃତ କୁମାର ରାଉଳ, କନିଷ୍ଠ ଯନ୍ତ୍ରୀ ନେତ୍ରରଞ୍ଜନ ମିଶ୍ର, ପଂଚାନନ ବିଶୋଇ, ଦୀପକ ରଞ୍ଜନ ରାଉତ, ଜିପିଡିଓ ଲାଲ ବାହାଦୂର ରଞ୍ଜିତ, ଡବ୍ଲୁଇଓ ଯଜ୍ଞେଶ୍ୱର ନାୟକ, ସିଡିପିଓ ଶୁଭ୍ରକେଶୀ ମଲ୍ଲିକ, ଏପିଓ ଅମରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପାଦଚଲା ପାଟ୍ରୋଲିଂ ଭୁଲିଗଲାଣି ପୁଲିସ

## ଦିନକୁ ଦିନ ବୃଦ୍ଧି ପାଉଛି ଅପରାଧୀଙ୍କ ପ୍ରାଦୁର୍ଭାବ

**କାକଟପୁର/ଅସ୍ତରଙ୍ଗ, ୧୪।୨ (ସଂଚାର ବ୍ୟୁରୋ):** ଗତ କିଛି ମାସ ହେଲା ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଅପରାଧୀମାନେ ପୁଣି ଥରେ ସକ୍ରିୟ ହେବାକୁ ଲାଗିଛନ୍ତି। ବଜାର କିମ୍ବା ଗ୍ରାମାଞ୍ଚଳର ପ୍ରମୁଖ ଅଞ୍ଚଳ ଗୁଡିକରେ ମଧ୍ୟ ଚୋରି ଏବଂ ଛୀନତାଇ ଘଟଣା ଘଟୁଛି। କେଉଁଠି ବନ୍ଧୁକ ଫୁଟିଲାଣି ତ ଆଉ କେଉଁଠି ଦିନଦ୍ୱିପ୍ରହରରେ ସୁନା ଚେନ ଲୁଟିଲେଣି ଆଉ କେଉଁଠି ମାରଣାସ୍ତ୍ର ଆକ୍ରମଣ କଲେଣି। ଗୋଟିଏ ଅପରାଧ ଘଟିବା ପରେ ଅପରାଧୀଙ୍କ ପଛରେ ଗୋଡ଼ାଉଛି ପୁଲିସ। କିନ୍ତୁ ଅପରାଧ ରୋକିବା ପାଇଁ ଯେଉଁ ପଦକ୍ଷେପ ଗୁଡିକ ଗ୍ରହଣ କରିବା ଆବଶ୍ୟକ, ସେ ନେଇ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ଏପରିକି ନିୟମିତ ବ୍ୟବଧାନରେ ଫୁଟ ପାଟ୍ରୋଲିଂ (ପାଦଚଲା ପାଟ୍ରୋଲିଂ) କରିବାକୁ ବିଭାଗ ତରଫରୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗରେ ପୁଲିସ ଏହାକୁ ଭୁଲିଗଲାଣି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ଗୋଟିଏ ସମୟ ଥିଲା, ସନ୍ଧ୍ୟା ହେଲେ କାକଟପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ ଅବା ଗ୍ରାମାଞ୍ଚଳର ପ୍ରମୁଖ ଛକ ଗୁଡିକରେ ପୁଲିସର ପହରା ଲାଗୁଥିଲା। ଗାଡି ମୋଟର ଯାଞ୍ଚ ହେଉଥିଲା। ସନ୍ଦେହ ଜନକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖୁଥିଲେ ପୁଲିସ। କିନ୍ତୁ ଗତ କିଛି ମାସ ହେଲା ଏହାର ଅଭାବ କାକଟପୁର ଓ ଅସ୍ତରଙ୍ଗରେ ଦେଖିବାକୁ ମିଳୁଛି।

ଅନ୍ୟ ପଟେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ପୁଲିସର ଏଭଳି ଅପାରଗତାର ସୁଯୋଗ ନେଉଛନ୍ତି ଅପରାଧୀ। କିଛି ଦିନ ପୂର୍ବେ କାକଟପୁର କୁଣ୍ଡେଇ ଛକ ନିକଟରେ ସୁନା ଦୋକାନୀ ଉପରକୁ ଗୁଳି ମାଡ଼, କାକଟପୁର ଥାନା ଠାରୁ କିଛି ଦୂରରେ ଦିନଦ୍ୱିପ୍ରହରରେ ସୁନା ଚେନ ନେବା, ବିଭିନ୍ନ ମନ୍ଦିରରୁ ଚୋରି କିଛି ମାସ ହେଲା ବୃଦ୍ଧି ପାଇଚାଲିଛି। କେବଳ ଏହି ଗୋଟିଏ ଘଟଣା ନୁହଁ, ନିୟମିତ ବ୍ୟବଧାନରେ ପ୍ରମୁଖ ଅଂଚଳ ଗୁଡିକରେ ଚୋରି ଏବଂ ଅନ୍ୟାନ୍ୟ ଅପରାଧ ଘଟୁଛି। ଏହା ସହ କାକଟପୁର ଓ ଅସ୍ତରଙ୍ଗ ଥାନା ସାମ୍ନାରେ ପୁଲିସକୁ ଚ୍ୟାଲେଞ୍ଜ ଦେବା ଭଳି ନିଶା ଦ୍ରବ୍ୟ କାରବାର ସହ ଖୁଲମ ଖୁଲ୍ଲା ସ୍କୁଟିରେ ଦେଶୀ ଓ ବିଦେଶୀ ମଦ ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ଧୃତରାଷ୍ଟ୍ର ସାଜିଛି। ଫୁଟ ପାଟ୍ରୋଲିଂ ବନ୍ଦ ହେବା ପରେ ଅପରାଧ ବଢୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଖୁବ ଶୀଘ୍ର ଉଚ୍ଚ ପଦସ୍ତ ଅଧିକାରୀ ଗୁରୁତ୍ୱ ସହ ନେଇ ସନ୍ଧ୍ୟା, ମଧ୍ୟାହ୍ନ ଓ ରାତ୍ର ସମୟରେ ଫୁଟ ପାଟ୍ରୋଲିଂ ବିଭିନ୍ନ ସ୍ଥାନରେ କରିବାକୁ ଦାବୀ ହୋଇଛି।

# କିଟ୍‌କୁ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର-୨୦୨୫




**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ):** କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ କିଟ୍ ବିଶ୍ୱବିଦ୍ୟାଳୟକୁ ସମ୍ମାନଜନକ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇଆସୁଥିବା ଦେଶର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶୁକ୍ରବାର ମୁମ୍ବାଇଠାରେ 'ସ୍ପୋର୍ଟଷ୍ଟାର' ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟକୁ ସ୍ପୋର୍ଟଷ୍ଟାର ପକ୍ଷରୁ ୨୦୨୨ ପରେ ଦ୍ୱିତୀୟ ଥର ଏହି ପୁରସ୍କାର ପ୍ରଦାନ କରାଯାଇଥିବାରୁ ଶ୍ରୀ ସାମନ୍ତ ସ୍ପୋର୍ଟଷ୍ଟାରକୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବା ରାଜ୍ୟ ଭାବରେ ମଧ୍ୟପ୍ରଦେଶ, କର୍ପୋରେଟ ଭାବରେ ରିଲିଆନ୍ସ ଓ ପବ୍ଲିକ ସେକ୍ଟର ୟୁନିଟ ଭାବରେ ରେଳବାଇ (ଆରଏସପିବି)କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱନାଥନ୍ ଆନନ୍ଦଙ୍କ ସମେତ ବହୁ କ୍ରୀଡ଼ାବିତ୍, କୋଚ୍ ଓ ପ୍ରାକ୍ତନ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୨୦୦୪ ମସିହାରୁ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ନେତୃତ୍ୱରେ କିଟ୍ ଓ କିସ୍ କ୍ରୀଡ଼ାର ବିକାଶ, କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହ ଓ ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଛି। କିଟ୍ ଓ କିସ୍‌ରେ ଉନ୍ନତ ଓ ଅନ୍ତର୍ଜାତୀୟମାନର କ୍ରୀଡ଼ା ଭିତ୍ତିଭୂମି ଜରିଆରେ ଉଭୟ ଅନୁଷ୍ଠାନରୁ ଏପର୍ଯ୍ୟନ୍ତ ୨୩ ଜଣ ଅଲିମ୍ପିଆନ୍, ୩ଜଣ ପାରାଅଲିମ୍ପିଆନ୍, ୧୧ ଅର୍ଜୁନ ପୁରସ୍କାର ବିଜେତା ଓ ଜଣେ ଖେଳରତ୍ନ ପୁରସ୍କାର ବିଜେତା ସୃଷ୍ଟି ହୋଇପାରିଛନ୍ତି। ଏହା ସହ ଉଭୟ ଅନୁଷ୍ଠାନରୁ ୫ ହଜାରରୁ ଊର୍ଦ୍ଧ୍ୱ ଆଞ୍ଚଳିକ, ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସୃଷ୍ଟି ହୋଇ ପାରିଛନ୍ତି। କିଟ୍ ଓ କିସ୍‌ର ଏହି ସଫଳତା ସ୍ପୋର୍ଟଷ୍ଟାର ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

## ଶର୍ଟସର୍କିଟରୁ ଜଳିଗଲା କାର

**ହିଞ୍ଜିଳିକାଟୁ, ୧୪।୨ (ସଂଚାର ବ୍ୟୁରୋ) :** ଶୁକ୍ରବାର ଦିନ ୨ଟା ସମୟରେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ ରାସ୍ତାରେ ସର୍ଟ ସର୍କିଟ ଫଳରେ ଏକ କାରରେ ନିଆଁ ଲାଗିଯାଇଥିଲା। କାର ନଂ (ଓଡି୦୨ଜେ ୬୧୫୫) ଓ ପୋଡିଙ୍ଗି ଗ୍ରାମର କାର ଚାଳକ ବଳରାମ ଗୌଡ଼ (୨୫) ବୋଲି ଜଣାପଡିଛି। ବଳରାମ ଟିପିଏସଓଡ଼ିଏଲ କାର୍ଯ୍ୟାଳୟକୁ ଯାଇ ନିଜ ଗ୍ରାମ ପୋଡିଙ୍ଗି ଗ୍ରାମକୁ ଫେରୁଥିବା ବେଳେ ହଠାତ ନିଆଁ ଲାଗିଯିବା ଫଳରେ ଚାଳକ ତୁରନ୍ତ କାରରୁ ଓହ୍ଲାଇ ପଡ଼ିଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହଯୋଗ ଏବଂ ଦମକଳ କର୍ମଚାରୀ ପହଞ୍ଚି କାରର ନିଆଁକୁ ଆୟତ୍ତ ସକ୍ଷମ ହୋଇଥିଲେ । ଗାଡ଼ିରେ ନିଆଁ ଲାଗିବା ଫଳରେ କିଛି ସମୟ ଧରି ଯାତାୟାତ ଠପ୍ ହେଇଯାଇଥିଲା।



# ବିଜିନେସ୍ ସ୍କୁଲ୍ ଛାତ୍ରଛାତ୍ରୀ ଉଦ୍ୟୋଗୀ ହେବା ଉଚିତ୍: ୟୁସିସିଆଇ ଉପସଭାପତି

**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ):** ବିଜିନେସ୍ ମ୍ୟାନେଜମେଣ୍ଟ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଚାକିରୀ ପଛରେ ନ ଧାଇଁ ଉଦ୍ୟୋଗୀ ହେବାର ଲକ୍ଷ୍ୟ ରଖନ୍ତୁ। ଯଦିଓ ବ୍ୟବସାୟରେ କ୍ଷତିର ଆଶଙ୍କା ରହିଛି ତଥାପି ବିଜିନେସ୍ ସ୍କୁଲର ଛାତ୍ରଛାତ୍ରୀମାନେ ବ୍ୟବସାୟ ପ୍ରତି ଅଧିକା ଆଗ୍ରହୀ ହେବା



ଉଚିତ୍। ଭବିଷ୍ୟତ ଗଢ଼ିବା ପାଇଁ ଅନେକ ସୁଯୋଗ ଅପେକ୍ଷା କରିଛି ବୋଲି କହିଛନ୍ତି ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇ)ର ଉପସଭାପତି ମୁରଲୀ ଜାମୁଲା। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ଦୁଇ ଦିନିଆ ବାର୍ଷିକ ଉତ୍ସବ 'କନ୍‌ଭର୍ଜେନ୍ସ-୨୦୨୫'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଶ୍ରୀ ଜାମୁଲା। ଛାତ୍ରଛାତ୍ରୀମାନେ କେବଳ ପରୀକ୍ଷାରେ ଉତ୍ତମ ମାର୍କ ପାଇବାକୁ ଲକ୍ଷ୍ୟ ନ ରଖି ଜ୍ଞାନ ଆହରଣ କରିବା ପାଇଁ ଶିକ୍ଷା ଗ୍ରହଣ କରିବା ଉଚିତ୍। ଶିକ୍ଷା ଆମ ଭାଗ୍ୟ ନିର୍ଦ୍ଧାରଣ କରି ନଥାଏ। ବରଂ ଛାତ୍ରଛାତ୍ରୀମାନେ ଏହାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରି ନିଜ ନିଜର ଭବିଷ୍ୟତ ନିର୍ଦ୍ଧାରଣ କରିବା ଦରକାର ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଏବଂ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ମଧ୍ୟ ବକ୍ତବ୍ୟ ରଖିଥିଲେ। ପ୍ରଫେସର ପ୍ରଧାନ କହିଥିଲେ ଆଇବିସିଏସ୍‌ରୁ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀମାନେ ବିଶ୍ୱର ବିଭିନ୍ନ ସ୍ଥାନରେ ଖ୍ୟାତି ଅର୍ଜନ କରିଛନ୍ତି। ବର୍ତ୍ତମାନର ଛାତ୍ରଛାତ୍ରୀ ସେମାନଙ୍କର ଅନୁକରଣ କରିବା ଉଚିତ୍ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମର ସଞ୍ଚାଳକ ଡକ୍ଟର ରାମକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଞ୍ଚାଳିକା ଡକ୍ଟର ପ୍ରୀତି ୱାଇ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋଆ ଏସ୍‌ଏଚ୍‌ଏମ୍‌ରେ ଏକଦିବସୀୟ ଜାତୀୟ ସମ୍ମିଳନୀ




**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ) :** ଭିଜନ୍ ବିକଶିତ ଭାରତ-୨୦୪୭ ପରିପ୍ରେକ୍ଷୀରେ ଗ୍ରାମୀଣ ପର୍ଯ୍ୟଟନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ନେଇ ଓଡ଼ିଶାର ହସ୍ତଶିଳ୍ପ କାରିଗରମାନଙ୍କୁ ଉଦ୍ୟୋଗୀ କରିବା ଉଦ୍ଦେଶ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍)ରେ ଶୁକ୍ରବାର ଦିନ ଏକ ଦିବସୀୟ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି।

ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ସୋସିଆଲ୍ ରିସର୍ଚ୍ଚ (ଆଇସିଏସ୍‌ଏସ୍‌ଆର) ଦ୍ୱାରା ପ୍ରାୟୋଜିତ ଏବଂ ସୋଆ ଏସ୍‌ଏଚ୍‌ଏମ୍ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡକ୍ଟର) ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମୀଣ ପର୍ଯ୍ୟଟନ ବିକାଶ ନିମନ୍ତେ ଓଡ଼ିଶାରେ ଥିବା ବିଭିନ୍ନ ପ୍ରକାର ହସ୍ତଶିଳ୍ପ ଓ କୁଶଳୀ କାରିଗରମାନଙ୍କର ଉନ୍ନତି ହେଲେ ଆମ ରାଜ୍ୟ ଓ ଦେଶର ଉନ୍ନତି ହୋଇପାରିବ ବୋଲି କହିଥିଲେ।

ଏହି ସେମିନାରର ଆଲୋଚ୍ୟ ପ୍ରସଙ୍ଗ ଥିଲା " ଫୋଷ୍ଟରିଂ ରୁରାଲ ଟୁରିଜିମ୍ ଆଣ୍ଡ ଏନ୍‌ଟରପ୍ରିନିଅରସିପ୍: ଟ୍ରାନ୍ସଫର୍ମିଂ ହ୍ୟାଣ୍ଡିକ୍ରାଫ୍ଟ ଆର୍ଟିସାନ୍‌ସ ଅଫ୍ ଓଡ଼ିଶା ଟୁଆର୍ଡସ ବିକଶିତ ଭାରତ ୨୦୪୭"। ଏହି ପ୍ରସଙ୍ଗ ଉପରେ ପ୍ରସ୍ତୁତ ଏକ ଆବ୍‌ଷ୍ଟ୍ରାକ୍ଟକୁ କାର୍ଯ୍ୟକ୍ରମରେ ଉନ୍ମୋଚନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ବିଭାବରୀ ଫ୍ୟାଶନ୍ସ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶା ଉଦ୍ୟୋଗୀ ତଥା ଡିଜାଇନର ଏବଂ ଫ୍ୟାଶନ୍ ପରାମର୍ଶଦାତା ଶ୍ରୀମତି ଚୌଧୁରୀ ଜ୍ୟୋତ୍ସ୍ନା ଦାସ ଯୋଗ ଦେଇ କହିଥିଲେ ଯେ ରାଜ୍ୟ, ଦେଶ ଓ ବିଦେଶରେ ହସ୍ତଶିଳ୍ପର ଚାହିଦା ବହୁତ ମାତ୍ରାରେ ଅଧିକ ରହିଛି। ହସ୍ତଶିଳ୍ପକୁ ଗ୍ରାମୀଣ ପର୍ଯ୍ୟଟନ ସହିତ ଯୋଡ଼ିବା ଓ ଏହି କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ହୋଇପାରିଲେ ଅଧିକ ମାତ୍ରାରେ ଏହାର ଉନ୍ନତି ହେବ ବୋଲି ଶ୍ରୀମତି ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଆନ୍ଧ୍ରପ୍ରଦେଶର କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ଡିନ୍ ଓ ଟୁରିଜିମ୍ ଆଣ୍ଡ ହସ୍ପିଟାଲିଟି ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ପ୍ରଫେସର (ଡକ୍ଟର) ଜିତେନ୍ଦ୍ର ମୋହନ ମିଶ୍ର ଯୋଗ ଦେଇ କହିଥିଲେ ବର୍ତ୍ତମାନର ସମୟ ହେଉଛି ଡିଜିଟାଲ୍ ଯୁଗ। ଗ୍ରାମୀଣ ହସ୍ତକଳା, ସଂସ୍କୃତି ଓ ପର୍ଯ୍ୟଟନକୁ କିପରି ଗ୍ରାମାଞ୍ଚଳରେ ଓ ସହରାଞ୍ଚଳରେ ଉଦ୍ୟୋଗ କ୍ଷେତ୍ରରେ ବିକଶିତ କରିବା ସେଥିପାଇଁ ଅଧିକ ଧ୍ୟାନ ଦେବା ଜରୁରୀ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଏମ୍‌ର ଆସୋସିଏଟ୍ ପ୍ରଫେସର (ଡକ୍ଟର) ପତିତପାବନ ମହାନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟର ସିନିୟର୍ ଆସିଷ୍ଟାଂଟ ପ୍ରଫେସର (ଡକ୍ଟର) ସୌମେନ୍ଦ୍ର କୁମାର ପାତ୍ର ଓ ବିଶ୍ୱବିଦ୍ୟାଳୟର ଆସିଷ୍ଟାଂଟ ପ୍ରଫେସର (ଡକ୍ଟର) ଲିନା ପି. ସିଂଙ୍କୁ ସମ୍ମାନିତ କରାଯାଇଥିଲା। ସୋଆ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍)ର ଡିନ୍ ପ୍ରଫେସର ଚଇନି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଫେସର (ଡକ୍ଟର) ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସୋଆ ଏସ୍‌ଏଚ୍‌ଏମ୍ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### କୋଣାର୍କ ଲୋକ କଳା ମହୋତ୍ସବ ଉଦ୍‌ଘାଟିତ

## ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ଆତ୍ମବିଭୋର




**କୋଣାର୍କ, ୧୪।୨ (ସଂଚାର ବ୍ୟୁରୋ) :** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ରାଜାରାମ ମଠ ପ୍ରାଙ୍ଗଣରେ କୋଣାର୍କର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟ ଦୀପ ଆନୁକୁଲ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ସହଯୋଗରେ ଷଷ୍ଠ କୋଣାର୍କ ଲୋକ କଳା ମହୋତ୍ସବ ଉଦଘାଟିତ ହୋଇଯାଇଛି। କୋଣାର୍କ ନାଟ୍ୟ ଦୀପର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ସମାରୋହରେ ଅତିଥି ଭାବରେ ପୁରୀ ଜିଲ୍ଲା ବିଜେପି ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରାଇ, ବରିଷ୍ଠ ସମାଜସେବୀ ପ୍ରଫୁଲ୍ଲ କୁମାର ପାତ୍ର, ଗବେଷକ ସଂଜୟ କୁମାର ବରାଳ, ନାଟ୍ୟ ଚେତନାର ନିର୍ଦ୍ଦେଶକ ଡଃ ସୁବୋଧ କୁମାର ପଟ୍ଟନାୟକ, ସମାଜସେବା ସୁରେନ ପାଲ, ସମାଜସେବା ମନୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ ପ୍ରୋତ୍ସାହନ ଅଭାବରୁ ବିଲୁପ୍ତ ଲୋକ କଳାକୁ ଉଜ୍ଜୀବିତ ରଖିବା ପାଇଁ ସାମୂହିକ ସହଯୋଗ ଅପରିହାର୍ଯ୍ୟ ଅପରିହାର୍ଯ୍ୟ। ପ୍ରାଚୀନ କାଳରୁ ଭାରତୀୟ ସଂସ୍କୃତି ଓ ଅସ୍ମିତାର ପ୍ରତୀକ ଏହି ଲୋକ କଳା ଜନମାନସର ଚିତ୍ରପଟରେ ସର୍ବଦା ବଞ୍ଚାଇ ରଖିବା ପାଇଁ ସାମଗ୍ରିକ ପ୍ରୟାସ ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ଲୋକ କଳା ମହୋତ୍ସବର ଉଦଘାଟନୀ ସନ୍ଧ୍ୟାରେ ଓଡିଶୀ, ସମ୍ବଲପୁରୀ ନୃତ୍ୟ ସମେତ ଚେତନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନାଟ୍ୟ ଦୀପର ସହ ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣାଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ପାଇଁ ପ୍ରସ୍ତୁତି



**କୋଣାର୍କ, ୧୪।୨ (ସଂଚାର ବ୍ୟୁରୋ) :** କୋଣାର୍କ ଅର୍କବିହାର ସ୍ଥିତ ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ୩୯ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ପୂର୍ବାହ୍ନରେ ନାଟ୍ୟ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି। କୋଣାର୍କ ନାଟ୍ୟ ମଣ୍ଡପର ଉପଦେଷ୍ଟା ସଂଗଠକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ଗୁରୁ ଜୟକୃଷ୍ଣ ନାୟକ, ରମଣୀ ରଂଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୧୯ତାରିଖ ସଂଧ୍ୟାରେ ଉତ୍ସବ ପ୍ରାରମ୍ଭରେ ଘଣ୍ଟ ମର୍ଦ୍ଦଳ ଓ ଶଙ୍ଖ ଧ୍ୱନି ତାଳେତାଳେ ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ଆଜ୍ଞାମାଳ ମଞ୍ଚରେ ବିଜେ ହେବା ପରେ ନାଟ୍ୟ ମଣ୍ଡପ ଓ ନୃତ୍ୟାଳୟା ଡାନ୍ସ ଏକାଡେମୀର ୫୦ଜଣ କଳାକାରମାନେ ଅପୂର୍ବ ନୃତ୍ୟ ଶୈଳୀରେ ପରିବେଷଣ କରିବେ ପଞ୍ଚଦେବସ୍ତୁତି। ପରେ ଓଡିଶୀ, ଗୋଟିପୁଅ ଆଦି ନୃତ୍ୟ ପରିବେଷଣ ହେବ। ଏହି ଅବସରରେ ୨୫ତମ କୋଣାର୍କ ସାହିତ୍ୟ ଉତ୍ସବ ନିମନ୍ତେ ବିଭିନ୍ନ ସ୍ଥାନରୁ ସାହିତ୍ୟିକ, କବି ଓ କବୟିତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅନ୍ୟମାନଙ୍କ ମଧ୍ୟରେ ସଂଜୀବନୀ ପ୍ରଧାନ, ସୁଦେଷ୍ଣା ସାସମଲ ପ୍ରମୁଖ ନାଟ୍ୟମଣ୍ଡପର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ହିସାବ ରକ୍ଷକଙ୍କ ଆନ୍ଦୋଳନ ପଞ୍ଚଦଶ ଦିନରେ

## ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଚଳ




**କାକଟପୁର/ଅସ୍ତରଙ୍ଗ, ୧୪।୨ (ସଂଚାର ବ୍ୟୁରୋ):** ଶିକ୍ଷା ବିଭାଗର କାର୍ଯ୍ୟ କରୁଥିବା ହିସାବ ରକ୍ଷକ ଓ ଏମ୍‌ଆଇଏମ୍ ମିଳିତ ସଙ୍ଘ, ସମଗ୍ର ଶିକ୍ଷା, ଓସେପାର ଆହ୍ୱାନ କ୍ରମେ ଗତ ୨୯/୦୧/୨୫ତାରିଖ ଠାରୁ ସାରା ଓଡିଶାରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କେନ୍ଦ୍ର ଓ ରାଜ୍ୟର ମିଳିତ ସମଗ୍ର ଶିକ୍ଷା ଯୋଜନାରେ କାର୍ଯ୍ୟରତ ସମସ୍ତ ହିସାବ ରକ୍ଷକ ଓ ଏମଆଇଏସ ସଂଯୋଜକ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରୀ ରଖିଛନ୍ତି। ଓସେପା ରାଜ୍ୟ ପ୍ରକଳ୍ପ ଅଧିକାରୀଙ୍କ ପତ୍ର ସଂଖ୍ୟା ୧୦୩୩ତା ୩୧/୦୧/୨୫ରିଖ କାମ ନାହିଁ ତ ଦରମା ନାହିଁ ଚିଠିକୁ ଏହି ସ୍ୱଳ୍ପ ବେତନ ପାଉଥିବା କର୍ମଚାରୀମାନେ ଖାତିରି ନ କରି ନିଜର ନ୍ୟାର୍ଯ୍ୟ ଦାବୀ ପୂରଣ ନିମନ୍ତେ ଅଦ୍ୟାବଧି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲୁରଖିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ ହିସାବ ରକ୍ଷକ ଧରଣୀଧର ବରାଳ ଆନ୍ଦୋଳନରେ ଥିବାରୁ ଶିକ୍ଷା ବିଭାଗର କାମ ଏକ ପ୍ରକାର ଅଚଳ ହୋଇପଡିଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓୟୁଜେର ଦାବିପତ୍ର

**ନୟାଗଡ଼, ୧୪।୨ (ସଂଚାର ବ୍ୟୁରୋ):** ରାଜ୍ୟର ସର୍ବ ବୃହତ ସାମ୍ବାଦିକ ସଙ୍ଗଠନ ଓଡିଶା ୟୁନିଅନ ଅଫ ଜର୍ନାଲିଷ୍ଟ ସଦସର୍ବଦା ସାମ୍ବାଦିକ ମାନଙ୍କର ମୁଖ୍ୟ ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଉଛି। ଓୟୁଜେର ରାଜ୍ୟ ସଭାପତି ପ୍ରଶନ୍ନ ମହାନ୍ତିଙ୍କ ନିର୍ଦ୍ଦେଶରେ ସାମ୍ବାଦିକ ମାନଙ୍କର ମୁଖ୍ୟ ସମସ୍ୟା ସମାଧାନ ନିମନ୍ତେ ତିନି



ଦଫା ସମ୍ବଳିତ ଦାବି ପ୍ରତ୍ୟେକ ଜିଲ୍ଲାରୁ ପ୍ରଦାନ କରାଯାଉଛି । ଆଜି ନୟାଗଡ଼ ୟୁନିଅନ ଅଫ ଜର୍ନାଲିଷ୍ଟ ପକ୍ଷରୁ ନୟାଗଡ଼ ଜିଲ୍ଲା ସଭାପତି ଆଚାର୍ଯ୍ୟ ବିଶ୍ୱରଞ୍ଜନ, ଉପଦେଷ୍ଟା ସଞ୍ଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ପ୍ରଦାନ କରାଯାଇଛି । ସୁଚନାନୁସାରେ ନୂତନ ସରକାରଙ୍କୁ ଆଠ ମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସାମ୍ବାଦିକ ମାନଙ୍କର କୌଣସି ମୂଳ ସମସ୍ୟାର ସମାଧାନ ହୋଇପାରି ନାହିଁ। ଓଡିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ଦାବି କରାଯାଇଛି ।

# ଯଶୁଆପୁର ମହୋତ୍ସବ ଉଦ୍‌ଯାପିତ

**ବାଲିଅନ୍ତା, ୧୪।୨ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ପଞ୍ଚାୟତ ଯଶୁଆପୁର ଠାରେ ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଆୟୋଜିତ ହେଉଥିବା ଦୁଇ ଦିନିଆ ୮ମ ଯଶୁଆପୁର ମହୋତ୍ସବ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ସଂନ୍ଧ୍ୟାରେ ମୁଖ୍ୟଅତିଥି ରୂପେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢ଼ାଲି, ଢେଙ୍କାନାଳ ବାଣିଜ୍ୟିକ ଟିକସ ଏବଂ ଜିଏସ୍ଟି ବିଭାଗର ଡେପ୍ୟିଟି କମିସନର ହରପ୍ରିୟା ମହାପାତ୍ର, ଜଗନ୍ନାଥ ବେହେରା, ଶିବ ମଲ୍ଲିକ, ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଏପରି କାର୍ଯ୍ୟକ୍ରମ ମହୋତ୍ସବ ଆୟୋଜନ କରାଯାଇ ଜିଲ୍ଲା ତଥା ରଜ୍ୟର ଲୋକନୃତ୍ୟ ମହୋତ୍ସବରେ କଳାକାରଙ୍କୁ ପରିବେଷଣ କରିବାକୁ ସୁଯୋଗ ଦେଇଥିବାରୁ ସାଧୁବାଦ ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୫ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଆମ ଯଶୁଆପୁର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ମହୋତ୍ସବରେ ପ୍ରଳୟ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଯଶୁଆପୁର ବିକାଶ ପରିଷଦର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ମାନେ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ସହିଦ ପ୍ରସନ୍ନଙ୍କ ପାଇଁ ଗର୍ବିତ 'ପାରିଶିଖର'



**ନାଉଗାଁ, ୧୪।୨ (ସଂଚାର ବ୍ୟୁରୋ):** ଅମର ଶହିଦ ପ୍ରସନ୍ନଙ୍କ ପାଇଁ ଗର୍ବିତ ପୈତୃକ ଗାଁ ପାରିଶିଖର ଓ ଜଗତସିଂହପୁର ଜିଲ୍ଲା। ଆଜି ବି ମନେ ପଡେ ସେଦିନର ୪୦ ଯବାନଙ୍କ ବଳିଦାନର କଥା। ୨୦୧୯ ଫେବୃଆରୀ ୧୪ ଯେଉଁ ଦିନକୁ ଭୁଲିନି ସମଗ୍ର ଭାରତ। ଯେଉଁ କଥା ମନେ ପଡିଲେ ଦେହରେ ଖେଳି ଯାଏ ଶିହରଣ ଓ ଆଖି ରେ ଆସିଯାଏ ଲୁହ ଏବଂ ଥରୀ ଉଠେ ଛାତି। ଏହି ଦିନ ଜମ୍ମୁକାଶ୍ମୀରର ପୁଲୱାମା ସେନାବାହିନୀର ଗାଡି ଉପରକୁ ହୋଇଥିଲା ଭୟଙ୍କର ବିସ୍ଫୋରଣ। ଯେଉଁ ଆତଙ୍କବାଦୀଙ୍କ ବିସ୍ଫୋରଣରେ ସହିଦ ହୋଇଯାଇଥିଲେ ୪୦ ବୀର ଯବାନ। ଯାହାଙ୍କ ମଧ୍ୟରେ ଜଣେ ଥିଲେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ପାରିଶିଖର ଗ୍ରାମର ସହିଦ ପ୍ରସନ୍ନ ସାହୁ । ଯାହାଙ୍କ ବଳିଦାନରେ ଗର୍ବିତ ହୋଇଥିଲା ନାଉଗାଁ ମାଟି ଓ ଦେଶ। ତାଙ୍କର ଏହି ବଳିଦାନକୁ ଆଜି ବିତି ଯାଇଛି ୬ ବର୍ଷ ସତ କିନ୍ତୁ ତାଙ୍କର ଏହି ବଳିଦାନକୁ ଭୁଲିନି ନିଜ ଜନ୍ମମାଟି ଆଉ ସାରା ଦେଶ। ଯାହାକୁ ଝୁରୁଛି ଆଜିବି ଜନ୍ମ ମାଟି ପାରିଶିଖର। ଦେଶ ପାଇଁ ତାଙ୍କର ଏହି ବଳିଦାନକୁ ନେଇ ଗର୍ବ କରୁଛନ୍ତି ପରିବାର ଲୋକେ। ଆଜି ତାଙ୍କର ଏହି ସ୍ମୃତିକୁ ମନେ ରଖିବା ପାଇଁ ଗ୍ରାମବାସୀ ଓ ପରିବାରଙ୍କ ପକ୍ଷରୁ ମିଳିତ ଉଦ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ହେଲେ ଯାହାଙ୍କ ବଳିଦାନ ପାଇଁ ସାରା ଦେଶ ଗର୍ବିତ ହେଲେ ତାଙ୍କରି କାର୍ଯ୍ୟକୁ ଅଣା ଦେଖା କରୁଛନ୍ତି ରାଜ୍ୟ ସରକାର । କଥା ଦେଇ କଥା ରଖିପାରି ନାହାନ୍ତି ରାଜ୍ୟ ସରକାର ଓ ପ୍ରଶାସନ। ତାଙ୍କର ଏହି ବଳିଦାନକୁ ଚିର ସ୍ମରଣୀୟ କରି ରଖିବା ପାଇଁ ସେ ପାଠ ପଢୁଥିବା ନିଜ ଗାଁ ସ୍କୁଲକୁ ନିଜ ନାମରେ ନାମିତ କରିବା ସହ ଗାଁକୁ ଆଦର୍ଶ ଗ୍ରାମ କରିବା ସହିତ ଗ୍ରାମୀଣ ପାର୍କ ଓ ଶିଖରଘାଟ ସେତୁକୁ ସହିଦ୍‌ଙ୍କ ନାମରେ ନାମିତ କରାଯିବାର ଯେଉଁ ବ୍ୟବସ୍ଥା ରହିଥିଲା ତାହା କେବଳ କାଗଜ ପତ୍ରରେ ସୀମିତ ହୋଇ ରହିଯାଇଛି ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଏହାକୁ ଯଥା ଶୀଘ୍ର କରାଯିବା ପାଇଁ ସରକାର ଓ ପ୍ରଶାସନ ନିକଟରେ ଦାବୀ ରଖିଛନ୍ତି ଗ୍ରାମବାସୀ ।

# ରାଜ୍ୟ ଅର୍ଥନୀତିକୁ ଗତି ଦେବ ମତ୍ସ୍ୟ ଓ ପ୍ରାଣୀପାଳନଭିତ୍ତିକ କୃଷି

- ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ବିକାଶ ପାଇଁ ୩ ଦିନ ବ୍ୟାପୀ ମାନସ ମନ୍ଥନ
- ବିକଶିତ ଓଡ଼ିଶାର ସାରଥୀ ହେବେ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ: ମନ୍ତ୍ରୀ
- ଦର୍ଶକଙ୍କୁ ଟାଣୁଛି ରାଜସ୍ଥାନୀ ମଇଁଷି ଷଣ୍ଢ 'ଭୀମ'



**ଭୁବନେଶ୍ୱର,୧୪।୨ (ସଂଚାର ବ୍ୟୁରୋ):** ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ସମୃଦ୍ଧିର ମହାକୁମ୍ଭ ରାଜ୍ୟସ୍ତରୀୟ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫' ଆଜି ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆଠାରେ ଆୟୋଜିତ ଏହି ତିନିଦିନିଆ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରିବା ସହ ରାଜ୍ୟ ଅର୍ଥନୀତିକୁ ମତ୍ସ୍ୟ ଓ ପ୍ରାଣିପାଳନଭିତ୍ତିକ କୃଷି ଗତି ଦେବ ବୋଲି ମତ ବ୍ୟକ୍ତ କରିଛନ୍ତି।

ସେହିପରି ସମ୍ମାନିତ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଛନ୍ତି ଯେ ବିକଶିତ ଓଡ଼ିଶା ଗଠନରେ ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ସାରଥୀ ସାଜିବେ। ଜୀବନ୍ତ ପ୍ରଦର୍ଶନୀରୁ ପ୍ରତ୍ୟକ୍ଷ ଉପଲବ୍ଧି ଆହରଣ, ନୂତନ ଜ୍ଞାନ କୌଶଳ ସମ୍ପର୍କରେ ଜ୍ଞାନାର୍ଜନ, ବିଶେଷଜ୍ଞଙ୍କଠାରୁ ମାର୍ଗଦର୍ଶନ, ସଫଳ ଚାଷୀଙ୍କ ସହ ଭାବ ବିନିମୟରେ ପ୍ରେରିତ ହୋଇ ଚାଷୀମାନେ ଏହାକୁ କର୍ମକ୍ଷେତ୍ରରେ ପ୍ରୟୋଗ କଲେ ସେମାନଙ୍କ ସାମାଜିକ-ଆର୍ଥିକ ସ୍ଥିତି ସଶକ୍ତ ହୋଇପାରିବ। ଚାଷୀଙ୍କ ଆୟ ଦୁଇଗୁଣା କରିବା ସରକାରଙ୍କ ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି।

୨୦୨୫ ବର୍ଷ ପାଇଁ ଏହି ସମାବେଶର ଥିମ 'ମତ୍ସ୍ୟ ଓ ପ୍ରାଣିପାଳନ, ଜୀବନଜୀବିକା ଜୈବସନ୍ତୁଳନ' ରହିଥିବା ବେଳେ ଏଥିରେ ମୋଟ ୧୦ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନାଚକ୍ର ରହିଛି। 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ସିଧାସଳଖ ଉତ୍ତର ରଖିବେ। ୨ଟି ହ୍ୟାଙ୍ଗର୍‌ରେ ପ୍ରାୟ ୨୦୦ ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହେଉଛି। ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ କରାଯାଉଛି। ତେବେ ସମାବେଶର ପ୍ରମୁଖ ଆକର୍ଷଣ ସାଜିଛି ରାଜସ୍ଥାନୀ ମଇଁଷି ଷଣ୍ଢ 'ଭୀମ'। ଏହାକୁ ଦେଖିବା ସକାଶେ ଏଠାରେ ଦର୍ଶକଙ୍କ ପ୍ରବଳ ଭିଡ଼ ଜମୁଛି। ସେହିପରି ଆନ୍ଧ୍ରପ୍ରଦେଶର 'ପୁଙ୍ଗାନୁର' ଗାଈ ମଧ୍ୟ ସମାବେଶର ଅନ୍ୟତମ ଆକର୍ଷଣ ସାଜିଛି।

ଉଦ୍‌ଘାଟନୀ ସମାରୋହରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏମପେଡାର ଅଧ୍ୟକ୍ଷ ଡିଭି ସ୍ୱାମୀ, ୱାର୍ଲ୍ଡଫିସର ମହାନିର୍ଦ୍ଦେଶକ ଡକ୍ଟର ଏସାମ ୟାସିନ ମହମ୍ମଦ, ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଜିଲ୍ଲାର ମତ୍ସ୍ୟଚାଷୀ, ପ୍ରାଣିପାଳକ ପ୍ରମୁଖ ଉପସ୍ଥିତ ଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଦେଇଛନ୍ତି। ସମାବେଶରେ ଆସନ୍ତାକାଲି 'ଡଗ ଶୋ' ରହିଥିବା ବେଳେ ଏଥିରେ ବିଭିନ୍ନ ପ୍ରଜାତିର କୁକୁରଙ୍କୁ ପ୍ରଦର୍ଶନ କରାଯିବ। ସେହିପରି

## ଆକର୍ଷଣ ପାଲଟିଛି ପୁଙ୍ଗାନୁର ଗାଈ

- ବିଶ୍ୱର କ୍ଷୁଦ୍ରତମ କୁଜବିଶିଷ୍ଟ ଗୋ ପ୍ରଜାତି
- ୭୦ରୁ ୯୦ ସେମି ଉଚ୍ଚତା, ୧୧୫-୨୦୦ କିଲୋ ଓଜନ
- ଦିନକୁ ଦେଉଛି ପ୍ରାୟ ୩.୫ ଲିଟର ଦୁଗ୍ଧ

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ଆଜିଠାରୁ ସ୍ଥାନୀୟ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆଠାରେ ଆରମ୍ଭ ହୋଇଥିବା ତିନିଦିନିଆ ମତ୍ସ୍ୟ-ପ୍ରାଣୀ ସମାବେଶର ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିଛି ବିଶ୍ୱର ସବୁଠାରୁ କ୍ଷୁଦ୍ରତମ କୁଜବିଶିଷ୍ଟ ଗୋ ପ୍ରଜାତି 'ପୁଙ୍ଗାନୁର୍' ଗାଈ। ଏହା ଏକ ଛୋଟ ପ୍ରଜାତିର ଗୃହପାଳିତ ପଶୁ ହୋଇଥିବା ବେଳେ ଏହାର କ୍ଷୀରର ସ୍ୱାଦ କ୍ରିମ୍‌ଠାରୁ ବି ଅଧିକ ମିଠା। ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାରୁ ଆସିଥିବା ଏହି ଗାଈକୁ ଦେଖିବା ସକାଶେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଗତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମକର ସଂକ୍ରାନ୍ତି ଅବସରରେ ତାଙ୍କ ବାସଭବନରେ ଏହି ପ୍ରଜାତିର ଏକ ଗାଈଙ୍କୁ ଆଦର କରିବାର ଭିଡିଓ ସେତେବେଳେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହୋଇଥିଲା। ଏହାପରେ ଏହି ଗାଈ ଲୋକଲୋଚନକୁ ଆସିଥିଲା। ଏହି ଗାଈର ଉଚ୍ଚତା ୭୦-୯୦ ସେମି ହୋଇଥିବା ବେଳେ ଏହାର ଓଜନ ୧୧୫ରୁ ୨୦୦ କିଲୋଗ୍ରାମ ମଧ୍ୟରେ ରହିଥାଏ। ଏହା କମ୍ ଖାଦ୍ୟ ଖାଇବା ସହ ଉଭୟ ଶୁଷ୍କ ଓ ଉଷ୍ମ ଜଳବାୟୁରେ ବେଶ୍ ଆରାମରେ ଜୀବନଯାପନ ଅତିବାହିତ କରିବାର କ୍ଷମତା ରଖେ। ଏହି ପ୍ରଜାତି



ଭାରତୀୟ ଜଳବାୟୁ ସହ ଖାପ ଖୁଆଇ ରହିପାରୁଥିବା ବେଳେ ଏମାନେ ମୁଖ୍ୟତଃ ବେଶ୍ ଶାନ୍ତ ସ୍ୱଭାବର। ଏହି ପ୍ରଜାତି ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ ବୋଲି ମଧ୍ୟ କୁହାଯାଏ। ଏହି ଗୋ ପ୍ରଜାତି ଦୈନିକ ହାରାହାରି ୩.୫ ଲିଟର ଦୁଗ୍ଧ ଦେଇଥାଏ। ଏହାର ଦୁଗ୍ଧରେ ଘିଅ ଅଂଶ ୮ ପ୍ରତିଶତ ରହିଥିବାରୁ ବିଶ୍ୱ ପ୍ରସିଦ୍ଧ ତିରୁପତି ଲଡୁ ଏହି ଗାଈର ଘିଅରୁ ପ୍ରସ୍ତୁତ ହୋଇଆସୁଥିବା ଜଣାପଡ଼ିଛି। ତେବେ ସମାବେଶଟି ତିନି ଦିନ ଧରି ଚାଲିବାକୁ ଥିବା ବେଳେ ଏହା ଦର୍ଶକଙ୍କୁ ଆହୁରି ଅଧିକ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।



## ବିଧାନସଭା ଖବର

### ଭତ୍ତା ଅପେକ୍ଷାରେ ୫.୮୯ ଲକ୍ଷରୁ ଅଧିକ ଆବେଦନକାରୀ

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନାରେ ଭତ୍ତା ପାଇବା ସକାଶେ ରାଜ୍ୟରେ ୫ ଲକ୍ଷ ୮୯ ହଜାର ୪୫୬ ଜଣ ଆବେଦନକରି ଅପେକ୍ଷା କରିଛନ୍ତି। ଏମାନଙ୍କ ମଧ୍ୟରେ ୮୦ ବର୍ଷରୁ ଅଧିକ ବୟସର ୪ ହଜାରରୁ ଊର୍ଦ୍ଧ୍ୱ ରହିଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଆଜି ବିଧାନସଭାରେ ଉପରୋକ୍ତ ସୂଚନା ଦେଇଛନ୍ତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ମଧୁବାବୁ ପେନ୍‌ସନ ଯୋଜନାରେ ୨୪,୫୩,୬୩୯ ଜଣ ବ୍ୟକ୍ତି ସାମାଜିକ ସୁରକ୍ଷା ଭତ୍ତା ପାଉଥିବାବେଳେ ଜାତୀୟ ପେନସନ୍ ଯୋଜନାରେ ୧୫,୧୭,୫୧୪ ଜଣ ଏହି ଭତ୍ତା ପାଉଛନ୍ତି। ରାଜ୍ୟରେ ଥିବା ୬୦ରୁ ୭୯ ବର୍ଷ ବୟସର ବ୍ୟକ୍ତିମାନେ ସାମାଜିକ ସୁରକ୍ଷା ଯୋଜନାରେ ମାସକୁ ୧୦୦୦ ଟଙ୍କା କରି ଭତ୍ତା ପାଉଥିବାବେଳେ ୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ମାସିକ ୩୫୦୦ ଟଙ୍କା ଲେଖାଏଁ ଭତ୍ତା ପାଉଛନ୍ତି। ତେବେ ଅଦ୍ୟାବଧି ରାଜ୍ୟରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଇବା ପାଇଁ ମୋଟ ୫,୮୯,୪୫୬ ଜଣ ଆବେଦନକାରୀ ଅପେକ୍ଷାରେ ରହିଛନ୍ତି। ଏହି ତାଲିକାରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୬୭,୦୮୭ ଜଣ ରହିଥିବାବେଳେ ଝାରସୁଗୁଡା ଜିଲ୍ଲାରୁ ୫୧୬୬ ଜଣ ଅଛନ୍ତି। ତା'ଛଡ଼ା ୮୦ବର୍ଷରୁ ଅଧିକ ବୟସର ୪୧୭୩ ଜଣ ବ୍ୟକ୍ତି ଭତ୍ତା ପାଇଁ ପାଇଁ ଆବେଦନ କରି ଅପେକ୍ଷାରେ ଥିବା ବେଳେ ସେମାନଙ୍କ ମଧ୍ୟରୁ ସର୍ବାଧିକ ୬୧୭ ଜଣ ଗଞ୍ଜାମ ଜିଲ୍ଲାର। ସେହିପରି ଏହି ବର୍ଗର ସର୍ବନିମ୍ନ ଆବେଦନକାରୀ କନ୍ଧମାଳ ଜିଲ୍ଲାର ଓ ସେମାନଙ୍କ ସଂଖ୍ୟା ମାତ୍ର ୧୬। ଝାରସୁଗୁଡ଼ା ଜିଲ୍ଲାରେ ୮୦ ବର୍ଷ ବୟସରୁ ଅଧିକ ୬୮ଜଣ ବୃଦ୍ଧବୃଦ୍ଧା ଭତ୍ତା ପାଇବାକୁ ଅପେକ୍ଷା କରିଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ଜାତୀୟ କ୍ରୀଡ଼ାରେ ଓଡ଼ିଶାରୁ ୨୯୬ ପ୍ରତିଯୋଗୀ

ସମ୍ପ୍ରତି ଉତ୍ତରାଖଣ୍ଡରେ ୩୮ତମ ଜାତୀୟ କ୍ରୀଡ଼ା ଚାଲିଥିବା ବେଳେ ଏଥିରେ ଓଡ଼ିଶାରୁ ମୋଟ୍ ୨୯୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୨୫ଟି କ୍ରୀଡ଼ା ବିଭାଗରେ ଏହି ଖେଳାଳିମାନେ ଯୋଗ ଦେଇଥିବା କହିଛନ୍ତି ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ କ୍ରୀଡ଼ାମନ୍ତ୍ରୀ କହିଛନ୍ତି ଯେ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା କ୍ରୀଡାବିତ୍‌ଙ୍କ ମଧ୍ୟରୁ ସର୍ବାଧିକ ୩୬ ଜଣ ହକିରେ ପ୍ରତିନିଧିତ୍ୱ କରିଥିବାବେଳେ ଖୋ ଖୋରେ ୩୦ ଜଣ, ରୋଇଂ ଓ ରଗବୀରେ ୨୪ ଜଣ ଲେଖାଏଁ, ଆଥଲେଟିକ୍ସରେ ୨୩ ଜଣ, ଫୁଟବଲରେ ୨୨ ଜଣ ଭାଗ ନେଇଛନ୍ତି। ଏହାଛଡ଼ା ଟେନିସ, ଜୁଡୋ ପାଇଁ ଜଣେ ଲେଖାଏଁ ଖେଳାଳି ଉତ୍ତରରାଖଣ୍ଡ ଯାତ୍ରା କରିଥିବା ବେଳେ ଟ୍ରାଏଥଲନ ଓ ମଡର୍ଣ୍ଣ ପେଣ୍ଟାଥଲନ୍ ଇଭେଣ୍ଟ୍‌ରେ ୨ ଜଣ ଲେଖାଏଁ ଭାଗ ନେଇଛନ୍ତି। ସେହିଭଳି ଜାତୀୟ କ୍ରୀଡ଼ାରେ ଯୋଗ ଦେଇଥିବା ଖେଳାଳୀଙ୍କ ମଧ୍ୟରୁ ସୁନ୍ଦରଗଡ ଜିଲ୍ଲାରୁ ସର୍ବାଧିକ ୫୯ ଜଣ ଥିବାବେଳେ କଟକରୁ ୫୩, ଖୋର୍ଦ୍ଧାରୁ ୩୫ ଓ ପୁରୀରୁ ୨୪ ଜଣ ପ୍ରତିଯୋଗୀ ରହିଛନ୍ତି। ଏହାଛଡ଼ା କନ୍ଧମାଳ ଜିଲ୍ଲାରୁ ଜଣେ ଖେଳାଳି ଥିବାବେଳେ ଅନୁଗୁଳ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି ଓ ରାୟଗଡ଼ାରୁ ୨ ଜଣ ଲେଖାଏଁ ଖେଳାଳି ପ୍ରତିନିଧିତ୍ୱ କରିଥିବା କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

### ଆସନ୍ତା ଶିକ୍ଷାବର୍ଷରୁ ଲାଗୁହେବ ଏନ୍‌ଇପି

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଜ୍ଞପ୍ତି ଆଧାରରେ ଆସନ୍ତା ଶିକ୍ଷାବର୍ଷ ଠାରୁ ରାଜ୍ୟରେ ବିଦ୍ୟାଳୟଗୁଡିକରେ ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ ଲାଗି ନିଷ୍ପତ୍ତି ହୋଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ତାଙ୍କ ଉତ୍ତରରେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ଦ୍ୱାରା ଏହାର କାର୍ଯ୍ୟାକାରିତା ଓ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ଏକ ଟାସ୍କଫୋର୍ସ ସରକାରଙ୍କ ବିଜ୍ଞପ୍ତି ଆଧାରରେ ଗଠନ କରାଯାଇଛି। ଏହାଛଡା ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ନାମକ ଅତିରିକ୍ତ ପ୍ରାକ୍-ବିଦ୍ୟାଳୟ ଶ୍ରେଣୀ ଖୋଲାଯିବ, ଯେଉଁଠାରେ ୫ରୁ ୬ ବର୍ଷ ବୟସର ପିଲାମାନଙ୍କ ନାମ ଲେଖାଯିବ। କମିଟିରେ ଥିବା ବିଶେଷଜ୍ଞମାନଙ୍କର ସୁପାରିସ୍‌କୁ ଆଧାର କରି ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ବ୍ୟବସ୍ଥା ଓ କେଉଁ ଢାଞ୍ଚାରେ ପରୀକ୍ଷା କରାଯିବ, ସେନେଇ ସରକାର ଚିନ୍ତା କରୁଛନ୍ତି । କିନ୍ତୁ ଚଳିତ ବର୍ଷ ପରୀକ୍ଷାର ଢାଞ୍ଚା ବଦଳିବ ନାହିଁ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ସ୍ପଷ୍ଟ କରିଛନ୍ତି।

### ରାଜ୍ୟରେ ଅଛନ୍ତି ୫୨୮୪ ଭିକାରୀ

ରାଜ୍ୟରେ ଭିକାରୀଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। ବିଧାନସଭାରେ ଭିକାରୀ ତାଲିକା ଦେବା ଅବସରରେ ଏହା ସ୍ପଷ୍ଟ କରିଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ରାଜ୍ୟରେ ଏବେ ମୋଟ ୫୨୮୪ ଜଣ ଭିକାରୀ ଅଛନ୍ତି ବୋଲି ବିଧାୟକ ଲକ୍ଷ୍ମଣ ବାଗଙ୍କ ପ୍ରଶ୍ନର ଲିଖିତ ଉତ୍ତର ରଖି ଶ୍ରୀ ଗଣ୍ଡ ଉକ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ, ରାଜ୍ୟରେ ଏବେ ୫ ହଜାରରୁ ଅଧିକ ଭିକାରୀ ଥିବା ବେଳେ ସବୁଠାରୁ ଆଗରେ ରହିଛି କଟକ, ଯେଉଁଠି ଏହି ସଂଖ୍ୟା ୧୦୬୦ ରହିଛି। ସେହିପରି ବରଗଡ଼ରେ ୫୯୫, ଗଞ୍ଜାମରେ ୫୪୫, ବଲାଙ୍ଗୀରରେ ୪୮୨, ସୁନ୍ଦରଗଡ଼ରେ ୪୧୭ ଓ ପୁରୀରେ ୩୫୦ ଭିକାରୀ ଥିବା ମନ୍ତ୍ରୀ କହିଛନ୍ତି। ଏଥିସହ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟକୁ ଭିକାରୀମୁକ୍ତ କରିବାକୁ ସରକାର ଅଭିଯାନ ଚଳାଇଛନ୍ତି। ରାଜ୍ୟକୁ ଭିକାରୀମୁକ୍ତ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ପୁରୀଠାରେ ନୀଳାଦ୍ରି ନିଳୟ , ଭୁବନେଶ୍ୱରରେ ଏକାମ୍ର ନିଳୟ ଅଭିଯାନ ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

## ମହିଳାଙ୍କୁ ବୀଭତ୍ସ ହତ୍ୟା, ଅଭିଯୁକ୍ତ ଫେରାର୍



**କଟକ,୧୪।୨(ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜନୈକା ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଛି। ଏଭଳି ଏକ ଘଟଣା ଘଟିଛି କଟକ ପୋତାପୋଖରୀ ଗାନ୍ଧିପଲ୍ଲୀ ନିକଟରେ ଥିବା ବସ୍ତିରେ। ଅଭିଯୁକ୍ତ ଜଣଙ୍କ ସନ୍ତୋଷ ସିହ୍ନା ବୋଲି ଜଣାପଡ଼ିଥିବା ବେଳେ ସେ କୌଣସି ଧାରୁଆ ଅସ୍ତ୍ରରେ ପଡ଼ୋଶୀ ପ୍ରିୟତମା ଦଳାଇଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛି। ଏପରି ସୂଚନା ଦେଇଛନ୍ତି ନିଜେ ଅଭିଯୁକ୍ତର ବାପା। ଏପରିକି ଆକ୍ରମଣକାରୀ ସନ୍ତୋଷ ନିଜ ମା'ଙ୍କୁ ମଧ୍ୟ ହାଣିବାକୁ ପଛାଇନାହିଁ। ତେବେ ଏଭଳି ଲୋମଟାଙ୍କୁରା ଘଟଣା ପଛର କାରଣ କ'ଣ, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ ଏହା ପୂର୍ବ ଶତ୍ରୁତାରୁ ଘଟିଥାଇପାରେ ବୋଲି ପୁଲିସ କେବଳ ଅନୁମାନ କରିଛି। ଚାଳକୁ ଚାଳ ବାନ୍ଧି ରହିଥିବା ପଡ଼ୋଶୀଙ୍କ ଉପରେ ନିଶାସକ୍ତ ଯୁବକ ସନ୍ତୋଷ ଦାଉ ସାଧିଛି। ମିଳିଥିବା ସୂଚନାନୁସାରେ, ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ନିଜ ପଡ଼ୋଶୀ ପ୍ରିୟତମାଙ୍କୁ ଅତି ନିର୍ମମ ଭାବେ ସନ୍ତୋଷ ହତ୍ୟା କରିଛି। ତା' ପୂର୍ବରୁ ନିଜ ମା' ବିଜୁଳି ରାଣୀ ସିହ୍ନାଙ୍କୁ ମଧ୍ୟ ସନ୍ତୋଷ ଆକ୍ରମଣ କରି ଲହୁଲୁହାଣ କରିଛି। ଏପରି ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ସନ୍ତୋଷ ଫେରାର ହୋଇଯାଇଛି। ସନ୍ତୋଷ ଓ ମୃତା ପ୍ରିୟତମା ଗତ କେଇ ବର୍ଷ ହେବ ପଡ଼ୋଶୀ ଭାବେ ରହି ଆସୁଥିଲେ। କିନ୍ତୁ ଉଭୟଙ୍କ ମଧ୍ୟରେ ତିକ୍ତ ସମ୍ପର୍କ ଥିଲା, ଯାହାକୁ ନେଇ ଉଭୟ ପକ୍ଷ ଅତୀତରେ ଥାନାର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଅଭିଯୁକ୍ତ ସନ୍ତୋଷ ଅନେକ ସମୟରେ ନିଶାସକ୍ତ ରହୁଥିବାରୁ ଏହାକୁ ନେଇ ତା'ର ପରିବାରରେ ମଧ୍ୟ ଅସନ୍ତୋଷ ଲାଗି ରହିଥିଲା। ତେବେ ଆଜି କେଉଁ କାରଣରୁ ଏଭଳି କାଣ୍ଡ ଘଟିଲା, ସେନେଇ କିଛି ବି ଜଣାପଡ଼ିନାହିଁ। ଜୋନ ୨ ଏସିପି ଏବଂ ଉଭୟ ସିଆରଆରଆଇ ଥାନା ଓ ଚାଉଳିଆଗଞ୍ଜ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି କରିଛନ୍ତି।

## ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣୀ

**ଡୁପ୍ଲିକେଟ୍ ସାର୍ଟିଫିକେଟ୍ ପାଇଁ ନେଉଥିଲେ ଲାଞ୍ଚ**



**ଦେବଗଡ଼,୧୪।୨(ସଂଚାର ବ୍ୟୁରୋ):** ଦେବଗଡ଼ କଲେଜର କନିଷ୍ଠ କିରାଣୀ ମଞ୍ଜୁଳା ପ୍ରଧାନ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। କଲେଜର ଜନୈକ ଛାତ୍ରଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ପୂର୍ବରୁ ସେଠାରେ ଉପସ୍ଥିତ ଥିବା ଭିଜିଲାନ୍ସ ଅଧିକାରୀମାନେ ରାସାୟନିକ ବୋଳା ଟଙ୍କା ଜବତ କରିଛନ୍ତି। ଅଭିଯୋଗ କରିଥିବା କଲେଜର ଜଣେ ପୂର୍ବତନ ଛାତ୍ର ଓ ତାଙ୍କର ବନ୍ଧୁ ସେମାନଙ୍କ ଯୁକ୍ତ ୨ ସାର୍ଟିଫିକେଟ ନଷ୍ଟ ହୋଇଯାଇଥିବାରୁ ଡୁପ୍ଲିକେଟ ପାଇଁ ଆବେଦନ କରିଥିଲେ। ତେବେ ଏଥିସକାଶେ ଶ୍ରୀମତୀ ପ୍ରଧାନ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଛାତ୍ର ଜଣଙ୍କ ଭିଜିଲାନ୍ସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଅଧିକାରୀମାନେ ଶ୍ରୀମତୀ ପ୍ରଧାନଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହ କରି ୨ଟି ସ୍ଥାନରେ ଚଢ଼ାଉ କରିଛନ୍ତି। ଏନେଇ ଭିଜିଲାନ୍ସ ପକ୍ଷରୁ ୩/୨୫ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ଡବଲ ମର୍ଡର ମାମଲାର ପର୍ଦ୍ଦାଫାସ

**କଟକ,୧୪।୨(ସଂଚାର ବ୍ୟୁରୋ):** କଟକ ବେଲେଶ୍ୱର ଡବଲ ମର୍ଡର ଘଟଣାର କମିଶନରେଟ ପୁଲିସ୍ ଆଜି ପର୍ଦ୍ଦାଫାସ୍ କରିବା ସହ ଚାକରାଣୀ ବାସନ୍ତୀ ଓ ତାଙ୍କ ସ୍ୱାମୀ ସନ୍ତୋଷଙ୍କୁ ଗିରଫ କରିଛି। ଏମାନେ ଗତ ୨୦୧୯ ଡିସେମ୍ବର ୧୨ ତାରିଖରେ ବୃଦ୍ଧ ଦମ୍ପତି ଶ୍ରୀନାଥ ସାମଲ୍ ଓ ତାଙ୍କ ପତ୍ନୀ ବିଦ୍ୟୁଲତା ସାମଲଙ୍କୁ ପନିକିରେ ହାଣି ହତ୍ୟା କରିଥିଲେ।

**ବାଲି ଖାଦାନରେ ପ୍ରଶାସନର ଚଢ଼ାଉ**

## ୨୨ ହାଇୱା ଓ ୨ ଜେସିବି ଅଟକ

**କେନ୍ଦ୍ରାପଡ଼ା,୧୪।୨(ସଂଚାର ବ୍ୟୁରୋ):** ଆକ୍ସନ ମୋଡ୍‌କୁ ଆସିଛି ଜିଲ୍ଲା ପ୍ରଶାସନ। ବାଲି ମାଫିଆଙ୍କ ଉପରେ କଡ଼ା ନଜର ରଖି ଖାଦାନ ଉପରେ ଅଚାନକ ଚଢ଼ାଉ କରିଥିବା ସୂଚନା ମିଳିଛି। ଶୁକ୍ରବାର ବିଳମ୍ବିତ ରାତିରେ ବେଆଇନ ବାଲି ଖାଦାନରେ ବାଲି ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ପ୍ରଶାସନ ପକ୍ଷରୁ ବାଲି ଖାଦାନରେ ଚଢ଼ାଉ କରିଛନ୍ତି। ଏହି ଚଢ଼ାଉରେ ୨୨ ହାଇୱା ଓ ୨ ଜେସିବି ବ୍ୟବହାର ହେଉଥିବା ସମୟରେ ସେଗୁଡ଼ିକୁ ଜବତ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣ କରୁଥିବା ରାକେଟ ସକ୍ରିୟ ହୋଇ ଉଠିଛନ୍ତି। ଦିନକୁ ଦିନ ସେମାନଙ୍କ ଉପଦ୍ରବ ବଢୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ସମୟରେ ଚଢ଼ାଉ କରିବାକୁ ଯାଇ ସରକାରୀ ଅଧିକାରୀମାନେ ଚୋରା ବ୍ୟବସାୟୀଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଏନେଇ 'ସଂଚାର'ରେ ଖବର ପ୍ରକାଶ ପାଇଛି। ହେଲେ ସବୁଦିନ ଚୋର ଘର ଅନ୍ଧାର ନ ରହିବା ଭଳି ଆଜି ପ୍ରଶାସନକୁ ବଡ଼ ସଫଳତା ମିଳିଛି। ଗରଦପୁର ତହସିଲଦାର ତୃପ୍ତି ଦାସ, କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ, ଖଣି ଅଧିକାରୀ ରଞ୍ଜିତ ବେହେରାଙ୍କ ସହ ସ୍ୱତନ୍ତ୍ର ପୁଲିସ ବାହିନୀ ଓ ପାଟକୁରା ପୁଲିସ୍ ସହଯୋଗରେ ଚିତ୍ରୋତ୍ପଳା ନଦୀର ହରିଦାସପୁର-ବିଚଣା ବାଲି ଖାଦାନରେ ଚଢ଼ାଉ କରିଥିଲା ପ୍ରଶାସନ।

**● ଶକ୍ତି ବିଭାଗ ଓ ଇଇଏଲ୍‌ଏସ୍ ମଧ୍ୟରେ ବୁଝାମଣା**

## ଶକ୍ତି ଦକ୍ଷତା ବୃଦ୍ଧି ଓ ବୈଦ୍ୟୁତିକ ଗତିଶୀଳତା ଲକ୍ଷ୍ୟ

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ଭାରତର ଶକ୍ତି କ୍ଷେତ୍ରରେ ନୂତନ ପରିବର୍ତ୍ତନ ଓ ସ୍ଥାୟିତ୍ୱ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ଆଜି ଏନର୍ଜି ଏଫିସିଏନ୍ସି ସର୍ଭିସେସ ଲିମିଟେଡ୍ (ଇଇଏସ୍‌ଏଲ୍) ଓ ରାଜ୍ୟ ଶକ୍ତି ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିବା ଏହି ବୁଝାମଣା ଜଳବାୟୁ ପରିବର୍ତ୍ତନ ଓ ସବୁଜ ବିକାଶରେ ଓଡ଼ିଶାର ନେତୃତ୍ୱକୁ ସୁଦୃଢ଼ କରିବା ସହ ବିଭିନ୍ନ କ୍ଷେତ୍ରରେ ଶକ୍ତି ଦକ୍ଷତା ଏବଂ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରିବ। ଏହାଛଡ଼ା ବୈଦ୍ୟୁତିକ ଗତିଶୀଳତା ହାସଲ ଦିଗରେ ମଧ୍ୟ ଏହା ସହାୟକ ହେବ ବୋଲି ଆଶା କରାଯାଉଛି।

ଏହି ସହଯୋଗ ଶକ୍ତି ସଂରକ୍ଷଣରେ ନୂତନ ଓ ସ୍ଥାୟୀ ସମାଧାନ ସ୍ଥାପନ ପାଇଁ ଏକ ଢାଞ୍ଚା ଭାବେ କାର୍ଯ୍ୟ କରିବ, ଯେଉଁଥିରେ ସରକାରୀ କୋଠା ଓ ପୌରସେବାରେ ଶକ୍ତି ସଂରକ୍ଷଣ ପ୍ରକଳ୍ପ, ସ୍ୱଚ୍ଛ ରୋଷେଇ ସମାଧାନ ଏବଂ ବୈଦ୍ୟୁତିକ ଗତିଶୀଳତାକୁ ପ୍ରୋତ୍ସାହନ ଏବଂ କ୍ଷମତା ନିର୍ମାଣ, ଜ୍ଞାନ ବଣ୍ଟନ ଏବଂ ମିଳିତ ଗବେଷଣା ଓ ବିକାଶ ଆଦି ସାମିଲ୍। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଓଡ଼ିଶାକୁ ଶକ୍ତି ସଂରକ୍ଷଣ ଓ ସ୍ଥାୟିତ୍ୱରେ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଇଇଏସଏଲ ସହ ହୋଇଥିବା ବୁଝାମଣା ଆମକୁ ସାରା ରାଜ୍ୟରେ ଶକ୍ତି ସୁରକ୍ଷା ବୃଦ୍ଧି, ଖର୍ଚ୍ଚ ହ୍ରାସ ଓ ସାର୍ବଜନୀନ ଭିତ୍ତିଭୂମିକୁ ଉନ୍ନତ କରିବାରେ



ସହଯୋଗ କରିବ। ବୃହତ ପରିମାଣର ଶକ୍ତି ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ କରି ଆମେ ରାଜ୍ୟର ଜନସାଧାରଣଙ୍କ ପାଇଁ ଏକ ସବୁଜ ଓ ସୁଦୃଢ଼ ଭବିଷ୍ୟତ ସୁନିଶ୍ଚିତ କରିବୁ। ସ୍ଥାୟୀ ବିକାଶ ଓ ଆର୍ଥିକ ଅଭିବୃଦ୍ଧି ପାଇଁ ରାଜ୍ୟ ଦେଖୁଥିବା ସ୍ୱପ୍ନକୁ ସାକାର କରିବା ଦିଗରେ ଏହା ଏକ ପ୍ରମୁଖ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଶ୍ରୀ ସିଂହଦେଓ ଆଶା କରିଛନ୍ତି। ସେହିପରି ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ ସ୍ଥାୟୀ ଭବିଷ୍ୟତ ନିର୍ମାଣ ପାଇଁ ଚାଲିଥିବା ପ୍ରୟାସରେ ଶକ୍ତି ସଂରକ୍ଷଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଇଇଏସ୍‌ଏଲ୍‌ର ସିଇଓ ବିଶାଳ କପୁର କହିଛନ୍ତି ଯେ ଏହି ସହଭାଗୀତା ଶକ୍ତି ଦକ୍ଷତାରେ ଓଡ଼ିଶାର ନେତୃତ୍ୱକୁ ତ୍ୱରାନ୍ୱିତ କରିବା ସହ ଭାରତର ନେଟ୍ ଜିରୋ ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ନେଇ ଆମେ ନିଶ୍ଚିତ।

**● ମାଓବାଦୀଙ୍କୁ ଆଉ ଏକ ଝଟ୍‌କା**

## ଜଙ୍ଗଲରୁ ୪ ଡମ୍ପ୍ ଉଦ୍ଧାର କଲା ବିଏସ୍‌ଏଫ୍

**ମାଲକାନଗିରି,୧୪।୨(ସଂଚାର ବ୍ୟୁରୋ):** ବିଏସଏଫ ଯବାନଙ୍କୁ ଗତକାଲି ଏକ ବଡ଼ ଧରଣର ସଫଳତା ମିଳିଛି। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ମାଓବାଦୀମାନେ ଜାଲ ବିଛାଇଥିଲେ ହେଁ ସୁରକ୍ଷାକର୍ମୀମାନେ ସେମାନଙ୍କ ଏହି ଯୋଜନାକୁ ଭଣ୍ଡୁର କରିଇଛନ୍ତି। ଓଡ଼ିଶା-ଆନ୍ଧ୍ର ସୀମାନ୍ତବର୍ତ୍ତୀ ମାଲକାନଗିରି ଜିଲ୍ଲା ସିଲାକୋଟା ଜଙ୍ଗଲରୁ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍)ର ଯବାନମାନେ ମାଓ ଡମ୍ପ ଠାବ ସହ ସେଠାରୁ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରିଥିବା ଜଣାପଡ଼ିଛି। ଏଥିସହ ମାଓବାଦୀଙ୍କୁ ଏବେ ଆଉ ଏକ ଝଟ୍‌କା ଲାଗିଛି। ବିଏସଏଫ ପକ୍ଷରୁ ଜାରି ସୂଚନାନୁସାରେ, ମାଓ ଗତିବିଧି ନେଇ ବିଶେଷ ସୂତ୍ରରୁ ଖବର ପାଇ ବିଏସଏଫ ଦ୍ୱିତୀୟ ବାଟାଲିୟନ ତରଫରୁ ମାଲକାନଗିରି ଜିଲ୍ଲା ସିଲାକୋଟା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଜଙ୍ଗଲର ୪ଟି ସ୍ଥାନରେ ନକ୍ସଲମାନେ ଡମ୍ପ କରି ବିସ୍ଫୋରକ ସାମଗ୍ରୀ ଗଚ୍ଛିତ କରି ରଖିଥିଲେ। ପ୍ରାୟ ୫୦ ମିଟର ବ୍ୟବଧାନ ମଧ୍ୟରେ ଏହି ୪ଟି ଡମ୍ପ ବିଏସଏଫ ଯବାନମାନେ ଠାବ କରିଥିଲେ। ଏଥିସହ ବିଭିନ୍ନ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। କମ୍ବିଂ ଅପରେସନ୍ ସମୟରେ ସୁରକ୍ଷା କର୍ମୀମାନେ ଡମ୍ପରୁ ୫ ଲିଟର ପ୍ରେସର୍ କୁକର୍ ବୋମା, ଗୋଟିଏ ଲେଖାଏଁ ୫ଟି ଲିଟର, ୩ଟି ଲିଟର ଏବଂ ୨ଟି ଲିଟର ଟିଫିନ୍ ବୋମା, ୧୧ଟି ବୈଦ୍ୟୁତିକ ତାର, ୩ଟି ବୈଦ୍ୟୁତିକ ଡିଟୋନେଟର, ମୋବାଇଲ୍ ଫୋନ୍, ପାୱାର ବ୍ୟାଙ୍କ, ଏସବିଏମ ମେସିନ୍ ଗନ୍ ଆଦିକୁ ଜବତ କରିଥିବା ଜଣାପଡ଼ିଛି।

# ଚିଲିକା ଜଳରାଶିକୁ ବିଗାଡୁଛି ପଲିଥିନ୍

**ଭୁବନେଶ୍ୱର,୧୪।୨:** ଚିଲିକାର ଜଳରାଶି ପାଇଁ ଏବେ ପଲିଥିନ୍ ବିପଦ । ଗୋଟିଏ ପଟେ ଚିଲିକାରେ ଦୟା, ଗଙ୍ଗୁଆ ଆଦିର ଅପରିଷ୍କାର ଜଳ ପ୍ରବେଶ କରି ତାହାକୁ ଧିରେ ଧିରେ ଦୂଷିତ କରୁଥିବାବେଳେ ଅନ୍ୟପଟେ ଚିଲିକାରେ ପଡୁଥିବା ପଲିଥିନ୍ ଏବେ ନୂଆ ବିପଦ ହୋଇ ଉଭା ହେଲାଣି ।

ପର୍ଯ୍ୟଟନ ଋତୁରେ ଚିଲିକା ହେଉଛି ପର୍ଯ୍ୟଟକମାନଙ୍କର ମୁଖ୍ୟ ଆକର୍ଷଣ । ସେଥିପାଇଁ ଉଭୟ ବରକୁଳ ଓ ସାତପଡା ପଟୁ ପର୍ଯ୍ୟଟକମାନଙ୍କର ଭିଡ ଜମିଥାଏ । ତେବେ ବରକୁଳ ପଟେ ଚିଲିକାକୂଳରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ପଲିଥିନ୍ ସମେତ ଅନ୍ୟାନ୍ୟ ଆବର୍ଜନାକୁ ଚିଲିକାରେ ଫୋପାଡିବାରେ ଲାଗିଛନ୍ତି । ସେହିଭଳି ସାତପଡା ପଟୁ ପ୍ରବେଶ କରୁଥିବା ପର୍ଯ୍ୟଟକମାନେ ମଧ୍ୟ ନିଜ ସାଙ୍ଗରେ ଆଣୁଥିବା ପଲିଥିନ୍‌କୁ ଚିଲିକା କୂଳରେ ନଚେତ୍ ପାଣି ଭିତରେ ଫୋପାଡି ଦେଉଛନ୍ତି । ପଲିଥିନ୍‌କୁ ସଫା କରିବାପାଇଁ ସେଭଳି କୌଣସି ଯୋଜନା ହେଉନଥିବାବେଳେ ପ୍ରତିଦିନ ଯେଉଁ



ସଂଖ୍ୟାରେ ପଲିଥିନ୍ ସମେତ ଅନ୍ୟାନ୍ୟ ବର୍ଜ୍ୟ ଚିଲିକାରେ ପଶୁଛି ତାହାକୁ କିଭଳି ସଫା କରାଯିବ ତାହା ବଡ ଚିନ୍ତାର କାରଣ ପାଲଟିଲାଣି ।

ରାଜଧାନୀର ବର୍ଜ୍ୟଜଳ ମିଶୁଥିବା ଗଙ୍ଗୁଆ ଓ ଦୟାଜଳ ଚିଲିକାରେ ପଡୁଥିବାରୁ ଚିଲିକା ଜଳ ଧିରେ ଧିରେ ବିଷାକ୍ତ ହେବାରେ ଲାଗିଛି । ଏଥିଯୋଗୁଁ ଚିଲିକାରେ ମାଛ, କଙ୍କଡା, ଚିଙ୍ଗୁଡି ଆଦି ଆଉ ପୂର୍ବଭଳି ନଥିବା ମତ୍ସ୍ୟଜୀବୀମାନେ ସ୍ୱୀକାର କରୁଛନ୍ତି। ଏହା ସାଙ୍ଗକୁ ଏବେ ପଲିଥିନ୍ ଓ ଅନ୍ୟାନ୍ୟ ପ୍ଲାଷ୍ଟିକ ବର୍ଜ୍ୟ ପ୍ରବେଶ ସ୍ଥିତିକୁ ବିଗାଡିବାରେ ଲାଗିଛି ।

ଏକକ ବ୍ୟବହୃତ ପଲିଥିନ୍ ସମେତ ପ୍ଲାଷ୍ଟିକ ବୋତଲ, ବିସ୍କୁଟ, ମିକଶ୍ଚର, ଗୁଟ୍‌ଖା ଆଦିର ଜରି ଚିଲିକା ଭିତରକୁ ଯାଉଛି । ଏଥି ସହିତ ବରକୁଳ ଚିଲିକା କୂଳରେ ଥିବା ବ୍ୟବସାୟୀମାନେ ଦୈନିକ ପଲିଥିନ୍ ସତେମ ଅନ୍ୟାନ୍ୟ ବର୍ଜ୍ୟକୁ ଚିଲିକାରେ ଫୋପାଡିବାରେ ଲାଗିଛନ୍ତି ।

ଚିଲିକାକୁ ସଫା କରିବାପାଇଁ ନିକଟରେ ଗୋଟିଏ ବେସରକାରୀ ସଂସ୍ଥା ପ୍ରସ୍ତାବ ଦେଇଥିଲା । ହେଲେ ସଂସ୍ଥାଟି ଯେତିକି ଅର୍ଥ ଖର୍ଚ୍ଚ କରିବ ବୋଲି ଦର୍ଶାଇଥିଲା ସେତିକି ଅର୍ଥରେ ଚିଲିକା ସଫା ହୋଇପାରିବ ନାହିଁ ବୋଲି ଦର୍ଶାଇ ତାହାର ପ୍ରସ୍ତାବକୁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ନାକଚ କରିଦେଇଛନ୍ତି । ଚିଲିକାକୁ ସଫା କରିବାପାଇଁ ବିପୁଳ ଅର୍ଥ ଆବଶ୍ୟକ ବୋଲି ଦର୍ଶାଇଛନ୍ତି । ତେବେ ଏହି ବିପୁଳ କେଉଁ ସୂତ୍ରରୁ ଆସିବ ଓ ଚିଲିକା କେବେ ପରିଷ୍କାର ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି । (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ବଢ଼ିଲା ସୁନା ରେଟ୍

ଗତ କିଛି ଦିନ ହେଲା ହୁ ହୁ ହୋଇ ବଢି ଚାଲିଛି ସୁନା ଦର। ଏହାକୁ ନେଇ ଚିନ୍ତାରେ ଗ୍ରାହକ। କିନ୍ତୁ ଆଜି ସୁନା ଦରରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୧୬୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯ ହଜାର ୯୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୭୯ ହଜାର ୯୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୧୬୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୯୦୦ ଟଙ୍କା ଓ ୮୭,୧୬୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୦୫୦ ଟଙ୍କା ଓ ୮୭, ୩୧୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୯୦୦ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୧୬୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୯୦୦ ଟଙ୍କା ଓ ୮୭,୧୬୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦, ୫୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ . ୧୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ହୋଣ୍ଡା ଲଞ୍ଚ କଲା ଏନଏକ୍ସ ୨୦୦ ବାଇକ



**ନୂଆଦିଲ୍ଲୀ, ୧୪।୨:** ହୋଣ୍ଡା ମୋଟରସାଇକେଲ୍ ଏବଂ ସ୍କୁଟର ଇଣ୍ଡିଆ ଏହାର ନୂତନ ବାଇକ୍ ହୋଣ୍ଡା ଏନଏକ୍ସ ୨୦୦ ଲଞ୍ଚ କରିଛି। ଏହି ବାଇକ୍‌ରେ ଅନେକ ନୂତନ ବୈଶିଷ୍ଟ୍ୟ ସହିତ, ଏହାର ଇଞ୍ଜିନ୍‌କୁ ମଧ ଅପଡେଟ୍ କରାଯାଇଛି। କେବଳ ଏତିକି ନୁହେଁ, ବାଇକ୍‌ର ଡିଜାଇନ୍ ସ୍ପୋର୍ଟି ଏବଂ ଷ୍ଟାଇଲିସ୍ ମଧ ରହିଛି । ଏହି ବାଇକ୍ କେବଳ କମ୍ପାନୀର ପ୍ରିମିୟମ୍ ଡିଲରସିପ୍‌ଗୁଡ଼ିକରେ ଉପଲବ୍ଧ ହେବ। ନୂତନ ଏନଏକ୍ସ ୨୦୦ ର ମୂଲ୍ୟ ୧.୬୮ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍)।

ନୂତନ ହୋଣ୍ଡା ଏନଏକ୍ସ ୨୦୦ରେ ନୂତନ ଟିଏଫଟି ଡିସପ୍ଲେ ଏବଂ ଡୁଆଲ୍-ଚ୍ୟାନେଲ୍ ଏବିଏସ ଭଳି ଅନେକ ଚମତ୍କାର ବୈଶିଷ୍ଟ୍ୟ ସହିତ ଆସିଥାଏ। ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ହୋଣ୍ଡା ଏହାର ଲୋକପ୍ରିୟ ସିବି୨୦୦ଏକ୍ସ କୁ ଏନଏକ୍ସ ୨୦୦ ନାମରେ ପୁନଃବ୍ରାଣ୍ଡ କରିଛି। ଫିଚର ବିଷୟରେ କହିବାକୁ ଗଲେ, ହୋଣ୍ଡା ଏନଏକ୍ସ ୨୦୦ ରେ ଏକ ଟିଏଫଟି କ୍ଲଷ୍ଟର ଅଛି, ଯେଉଁଥିରେ ବ୍ଲୁଟୁଥ୍ ସଂଯୋଗର ସୁବିଧା ମଧ ରହିବ। ଏଥିରେ, ଆରୋହୀମାନେ କଲ୍/ମେସେଜ୍ ଆଲର୍ଟ ଭଳି ସ୍ମାର୍ଟ ଫିଚର୍ସ ପାଆନ୍ତି। ଏହି ବାଇକ୍ ତିନୋଟି ରଙ୍ଗ ବିକଳ୍ପରେ କିଣାଯାଇପାରିବ। ଏହି ବାଇକ୍‌ରେ ଏଲଇଡ଼ି ହେଡଲ୍ୟାମ୍ପ ଏବଂ ଏକ୍ସ-ଆକୃତିର ଏଲଇଡ଼ି ଟେଲଲ୍ୟାମ୍ପ ଅଛି। ହୋଣ୍ଡା ଏନଏକ୍ସ ୨୦୦ରେ ୧୮୪ ସିସିର ଇଞ୍ଜିନ ରହିଛି, ଯାହାକି ୧୨.୫ କିଲୋୱାଟ ପାୱାର ଏବଂ ୧୫.୭ ଏନଏମ ଟର୍କ ଜେନେରେଟ୍ କରେ। ସୁରକ୍ଷା ପାଇଁ, ଏହି ବାଇକ୍‌ରେ ଉନ୍ନତ ଏବଂ ପ୍ରଭାବଶାଳୀ ବ୍ରେକିଂ ପ୍ରଦାନ କରିବା ପାଇଁ ଡିସ୍କ ବ୍ରେକ୍ ସହିତ ଡୁଆଲ୍-ଚ୍ୟାନେଲ୍ ଏବିଏସ ଦିଆଯାଇଛି। ହୋଣ୍ଡାର ପ୍ରିମିୟମ୍ ଡିଲରସିପ୍‌ଗୁଡ଼ିକରେ ଏହାର ବୁକିଂ ଆରମ୍ଭ ହୋଇଯାଇଛି।

# ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କ ଉପରେ ୬ ମାସ ନିଷେଧାଜ୍ଞା ଲଗାଇଲା ରିଜର୍ଭ ବ୍ୟାଙ୍କ




**ନୂଆଦିଲ୍ଲୀ, ୧୪।୨:** ଭାରତୀୟ ରିଜର୍ଭ ବ୍ୟାଙ୍କ ମହାରାଷ୍ଟ୍ରରେ ସକ୍ରିୟ ଥିବା ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କକୁ ୬ ମାସ ପାଇଁ ନିଷିଦ୍ଧ କରିଛି। ରିଜର୍ଭ ବ୍ୟାଙ୍କର ଏହି ପଦକ୍ଷେପ ପରେ ବ୍ୟାଙ୍କରୁ ଟଙ୍କା ଉଠାଣ ଏବଂ ନୂଆ ବ୍ୟବସାୟିକ କାରବାର ମଧ ବନ୍ଦ ହୋଇଯାଇଛି। କେତେକ ଅନିୟମିତତା ଧରା ପଡ଼ିଥିବାରୁ ରିଜର୍ଭ ବ୍ୟାଙ୍କ ନ୍ୟୁ ଇଣ୍ଡିଆ କୋଅପରେଟିଭ୍ ବ୍ୟାଙ୍କ ଉପରେ ଏହି କଟକଣା ଲଗାଯାଇଛି। ଫଳରେ ବ୍ୟାଙ୍କ ନିଜ ଗ୍ରାହକଙ୍କୁ ଋଣ ପ୍ରଦାନ କରିପାରିବ ନାହିଁ କି ଜମାକାରୀମାନେ ବ୍ୟାଙ୍କରୁ ଟଙ୍କା ଉଠାଇ ପାରିବେ ନାହିଁ। ରିଜର୍ଭ ବ୍ୟାଙ୍କର ଏହି ନିଷ୍ପତ୍ତି ଜଣାପଡ଼ିବା ପରେ ପୁଣେରୁ ପାଲଘର ପର୍ଯ୍ୟନ୍ତ ଏହି ବ୍ୟାଙ୍କର ଶାଖା ଆଗରେ ଗ୍ରାହକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା । ଲୋକମାନେ ନିଜ ନିଜର ଜମା ଉଠାଇବାକୁ ଲାଇନରେ ଅପେକ୍ଷା କରିଥିଲେ ।

ସାରା ଦେଶରେ ଏହି ବ୍ୟାଙ୍କର ୨୬ଟି ଶାଖା ରହିଛି ଯେଉଁଠାରେ ଲକ୍ଷ ଲକ୍ଷ ଆକାଉଣ୍ଟଧାରୀ ସେମାନଙ୍କ ଟଙ୍କା ଜମା କରିଛନ୍ତି । ଫଳରେ ସେମାନେ ଏବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଲକ୍ଷ ଲକ୍ଷ ଲୋକ ଏହି ବ୍ୟାଙ୍କରୁ ଋଣ ମଧ ନେଇଛନ୍ତି । ଯଦି ବ୍ୟାଙ୍କ ଅନ୍ୟ କୌଣସି ସଂସ୍ଥା ହାତକୁ ଯାଏ ତେବେ ଏସବୁ ଋଣ ନୂଆ ସଂସ୍ଥା ଆଦାୟ କରିପାରିବ ।

# ଋଣ କମାଇବାରେ ଓଡ଼ିଶା ଦ୍ୱିତୀୟ ଶ୍ରେଷ୍ଠ

## ପ୍ରଥମ ସ୍ଥାନରେ ଗୁଜରାଟ



**ଭୁବନେଶ୍ୱର, ୧୪।୨:** ଗତ ଦଶ ବର୍ଷ ମଧ୍ୟରେ ଋଣ କମ୍ କରିବାରେ ଚମତ୍କାର ପ୍ରଦର୍ଶନ କରିଥିବା ରାଜ୍ୟଗୁଡ଼ିକ ଭିତରେ ଓଡ଼ିଶାର ନାମ ରହିଛି। ନ୍ୟାସନାଲ୍ କାଉନ୍‌ସିଲ୍ ଫର୍ ଆପ୍ଲାଏଡ୍ ଇକୋନମିକ୍ ରିସର୍ଚ୍ଚ (ଏନ୍‌ସିଏଇଆର୍) ପ୍ରସ୍ତୁତ କରିଥିବା ଏକ ରିପୋର୍ଟ ଅନୁସାରେ ୨୦୧୨-୧୩ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶା ଏହାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)କୁ ଋଣ ଅନୁପାତରେ ୧.୫ ପ୍ରତିଶତ ହ୍ରାସ ଆଣିପାରିଛି। ଏହା ଗୁଜରାଟ ପଛକୁ ଦ୍ୱିତୀୟ ଶ୍ରେଷ୍ଠ ରାଜ୍ୟ ଭାବେ ଉଭା ହୋଇଛି। ଗୁଜରାଟ ଏହି ଅନୁପାତରେ ୪.୫ ପ୍ରତିଶତ ହ୍ରାସ ଆଣିଛି। ୨୦୧୨-୧୩ରେ ଓଡ଼ିଶାର ଜିଏସ୍‌ଡିପିକୁ ଋଣ ଅନୁପାତ ୧୮.୮ ପ୍ରତିଶତ ଥିଲା ଯାହା ୨୦୨୨-୨୩ରେ ୧୭.୨ ପ୍ରତିଶତକୁ ଖସିଛି। ଚାରିଟି ରାଜ୍ୟ ଋଣ କମ୍ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେଗୁଡ଼ିକ ହେଉଛି ଗୁଜରାଟ, ଓଡ଼ିଶା, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର। ଖରାପ ପ୍ରଦର୍ଶନ କରିଥିବା ରାଜ୍ୟଗୁଡ଼ିକ ମଧ୍ୟରେ ପଞ୍ଜାବ, ତାମିଲନାଡୁ, ତେଲେଙ୍ଗାନା, ରାଜସ୍ଥାନ ଓ ବିହାର ନାମ ରହିଛି। ଯେଉଁ ଆଧାରରେ ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ଟିକସର ଭାଗ ହସ୍ତାନ୍ତର କରାଯାଉଛି, ସେଥିରେ ଅର୍ଥ ଆୟୋଗ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ସୁପାରିସ କରାଯାଇଛି। ବିଶେଷ କରି ଆର୍ଥିକ ଶୃଙ୍ଖଳା ବଜାୟ ରଖୁଥିବା ରାଜ୍ୟଗୁଡ଼ିକୁ ପ୍ରୋତ୍ସାହନ ଦେବାକୁ କୁହାଯାଇଛି। କିନ୍ତୁ, ପରିତାପର ବିଷୟ ହେଉଛି ଅଧିକ ରାଜସ୍ୱ ନିଅଣ୍ଟ ଥିବା ରାଜ୍ୟଗୁଡ଼ିକୁ ଅଧିକ ସମ୍ବଳ ଆବଣ୍ଟନ କରାଯାଉଛି। ଭୋଟରଙ୍କ ମନ ଜିଣିବା ଲାଗି ମାଗଣା ଯୋଜନା ଓ ସବ୍‌ସିଡି ଆବଣ୍ଟନ କରିବାରେ ରାଜ୍ୟଗୁଡ଼ିକ ଭିତରେ ଯେଭଳି ପ୍ରତିଯୋଗିତା ଚାଲିଛି। ରାଜ୍ୟଗୁଡ଼ିକ ଆୟର ଏକ ନିର୍ଦ୍ଦିଷ୍ଟ ଭାଗ ବେତନ, ପେନସନ୍ ଓ ସୁଧ ଦେବାରେ ଚାଲିଯାଉଛି। ଏହାବାଦ ମାଗଣା ଯୋଜନାରେ ଅଧିକ ଖର୍ଚ୍ଚ କରାଗଲେ, ବିକାଶମୂଳକ କାର୍ଯ୍ୟ ଲାଗି ପାଣ୍ଠିର ଅଭାବ ପଡ଼ୁଛି।

ଯେଉଁ ରାଜ୍ୟଗୁଡ଼ିକର ଋଣ ଭାର ଅସମ୍ଭାଳ ସ୍ତରରେ ରହିଛି ସେମାନଙ୍କ ଉପରେ କେନ୍ଦ୍ର ସରକାର ଅତିରିକ୍ତ ନଜର ରଖିବା ସହ ସେମାନଙ୍କ ଆର୍ଥିକ ସ୍ୱାଧୀନତାକୁ ସାମୟିକ ସମୟ ଲାଗି ପ୍ରତ୍ୟାହାର କରିବାକୁ ରିପୋର୍ଟରେ ସୁପାରିସ କରାଯାଇଛି। ଦେଶର ମୋଟ ଋଣରେ ଏକ ତୃତୀୟାଂଶ ଭାଗ ରାଜ୍ୟଗୁଡ଼ିକର ରହିଛି। ବ୍ୟୟ ଓ ରାଜସ୍ୱର ବାସ୍ତବ ଆକଳନ ଲାଗି ରାଜ୍ୟ ସ୍ତରରେ 'ବିତ୍ତୀୟ ପରିଷଦ' ଗଠନ କରିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଯେଉଁ ରାଜ୍ୟଗୁଡ଼ିକର ଋଣ ଉଚ୍ଚ ସ୍ତରରେ ରହିଛି, ସେମାନଙ୍କ ଫୋରେନ୍ସିକ୍ ଅନୁଶୀଳନ କରି କେଉଁଠାରେ ସମସ୍ୟା ରହିଛି ତାହା ଖୋଜିବାକୁ ମଧ କୁହାଯାଇଛି।



# ଦ୍ୱନ୍ଦ୍ୱରେ ଧାମରା ଏଲ୍‌ଏନ୍‌ଜି ଟର୍ମିନାଲ୍ ସମ୍ପ୍ରସାରଣ

**ନୂଆଦିଲ୍ଲୀ, ୧୪।୨:** ଧାମରା ଏଲ୍‌ଏନ୍‌ଜି ଟର୍ମିନାଲ୍‌ର କ୍ଷମତାକୁ ବଢ଼ାଇବା ଲାଗି ଯେଉଁ ଯୋଜନା ଥିଲା, ତାହା ନିକଟ ଭବିଷ୍ୟତରେ କାର୍ଯ୍ୟକାରୀ ହେବାର କମ୍ ସମ୍ଭାବନା ରହିଛି। ସମ୍ପ୍ରସାରଣ ବିଷୟରେ ବର୍ଷକ ତଳୁ ଘୋଷଣା କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା ଆର୍ଥିକ ଦୃଷ୍ଟିରୁ ଲାଭଜନକ ରହିବ ନା ନାହିଁ, ସେହି ସର୍ବେକ୍ଷଣ କରାଯାଇନାହିଁ। ଆଦାନୀ ଟୋଟାଲ୍‌ର ସିଇଓ ସୁରଜିତ୍ ସିଂହ ଲାମ୍ବା ଏ ସମ୍ପର୍କରେ ସୂଚନା ଦେବା ପରେ ପ୍ରକଳ୍ପର ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆଦାନୀ ଟୋଟାଲ୍ ପକ୍ଷରୁ ଧାମରା ବନ୍ଦରରେ ଏକ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏଲ୍‌ଏନ୍‌ଜି ଟର୍ମିନାଲ୍ ସ୍ଥାପନ କରାଯାଇଛି। ସେଥିରେ ଆଦାନୀର ୫୦ ପ୍ରତିଶତ ଓ ଫ୍ରାନ୍ସର କମ୍ପାନି ଟୋଟାଲ୍‌ଏନର୍ଜିସ୍‌ର ୫୦ ପ୍ରତିଶତ ଅଂଶଧନ ରହିଛି। ୨୦୨୪ରେ ଏହି ପ୍ରକଳ୍ପର ହାରାହାରି ଉପଯୋଗିତା ହାର ଥିଲା ମାତ୍ର ୨୫ ପ୍ରତିଶତ। ତା'ପରଠାରୁ ତାହା ୫୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଛି। ନୂଆ ଗ୍ରାହକ ହାସଲ କରିବାରେ ଟର୍ମିନାଲ୍ ବିଫଳ ହୋଇଥିବାରୁ ଏହାର କ୍ଷମତା ଉପଯୋଗ ହାର ବଢ଼ିପାରୁନାହିଁ। ୨୦୨୩ରେ କେବଳ ଇଣ୍ଡିଆନ୍ ଅଏଲ୍ ଓ ଗେଲ୍ (ଇଣ୍ଡିଆ) ଲିମିଟେଡ୍ ସହ ଏହା ୨୦ ବର୍ଷିଆ ଚୁକ୍ତି ସ୍ୱାକ୍ଷର କରିଥିଲା। ଚାହିଦା ବଢ଼ିଲେ କମ୍ପାନି ଟର୍ମିନାଲ୍‌ର କ୍ଷମତା ବଢ଼ାଇବ। ଚାହିଦା ଉପରେ ସମ୍ପ୍ରସାରଣ ନିର୍ଭର କରୁଛି ବୋଲି କମ୍ପାନିର ସିଇଓ ଶ୍ରୀ ଲାମ୍ବା କହିଛନ୍ତି।

## ପାଲଟା ଟାରିଫ୍ ଏଡ଼ାଇବାକୁ ରଣନୀତି

# ୩୦ ଉତ୍ପାଦରେ ଶୁଳ୍କ କମାଇବ ଭାରତ

**ନୂଆଦିଲ୍ଲୀ,୧୪।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯେସାକୁ ତେସା ଆମଦାନୀ ଶୁଳ୍କ (ଟାରିଫ୍) ନୀତି ଘୋଷଣା କରିଛନ୍ତି। ଅର୍ଥାତ୍ ଆମେରିକା ଉତ୍ପାଦ ଉପରେ ଯେଉଁ ଦେଶ ଯେତିକି ହାରରେ ଆମଦାନୀ ଶୁଳ୍କ ଲାଗୁ କରିଛନ୍ତି, ସେହି ଦେଶ ସାମଗ୍ରୀ ଉପରେ ଆମେରିକା ବି ଅନୁରୂପ ହାରରେ ଆମଦାନୀ ଶୁଳ୍କ ଲାଗୁ କରିବ। ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ବି ଅନୁରୂପ ଆମଦାନୀ ଶୁଳ୍କ ଲାଗୁ ହେବ। ଟ୍ରମ୍ପ୍ କହିଛନ୍ତି ଆମର ଅନେକ ସହଯୋଗୀ ଶତ୍ରୁଠାରୁ ମଧ ଭୟଙ୍କର। ଅନ୍ୟ ସମସ୍ତ ଦେଶ ତୁଳନାରେ ଭାରତର ଆମଦାନୀ ଶୁଳ୍କ ଅଧିକ। ଏଣୁ ଟାରିଫ୍ ନୀତିରେ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ। ଆମେରିକାର ଅଟୋମୋବାଇଲ ହାର୍ଲେ ଡ୍ୟାଭିଡ୍‌ସନ୍ ମୋଟର ସାଇକେଲ କିମ୍ବା କାର୍ ଉପରେ ଭାରତ ୧୦୦% ଅଧିକ ଆମଦାନୀ ଶୁଳ୍କ ଆଦାୟ କରୁଛି। ଭାରତର ଅଟୋମୋବାଇଲ୍ ରପ୍ତାନି ଉପରେ ବି ସେହି ହାରରେ ଆମଦାନୀ ଶୁଳ୍କ କଷିବ ଆମେରିକା। ଆମେରିକାର ଯେସାକୁ ତେସା ଶୁଳ୍କ ନୀତିରୁ ବଞ୍ଚିବା ପାଇଁ ଭାରତ ୩୦ ଆମେରିକୀୟ ଉତ୍ପାଦରେ ଟାରିଫ୍ କମାଇବାକୁ ବିଚାର କରୁଛି। ସେଠାରୁ ଆସୁଥିବା ଇଭି, ପ୍ରିମିୟମ୍ କାର୍, ମୋଟରସାଇକେଲ, ୱାଇନ୍, ହ୍ୱିସ୍କି ଆଦି ଉପରୁ ଶୁଳ୍କ କମିପାରେ ବୋଲି ଅନୁମାନ କରାଯାଉଛି। ଏସବୁ ସାମଗ୍ରୀ ଉପରେ ଭାରତ ୧୦୦ରୁ ୧୫୦% ପର୍ଯ୍ୟନ୍ତ ଶୁଳ୍କ ଲଗାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଯେଉଁ ରାଷ୍ଟ୍ର ଯେତିକି ଟାରିଫ୍ ଲଦିବେ ଆମେରିକା ବି ସମାନ ମାତ୍ରାରେ ଶୁଳ୍କ କଷିବ। ତେଣୁ ଟ୍ରମ୍ପଙ୍କ ପାଲଟା ଟାରିଫ୍ ବାଣରୁ ମୁକୁଳିବା ପାଇଁ ଭାରତ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ସେତିକି ନୁହେଁ, ଆମେରିକାରୁ ପ୍ରତିରକ୍ଷା ଏବଂ ଶକ୍ତି ଉତ୍ପାଦ ଆମଦାନୀକୁ ବଢ଼ାଇବା ପାଇଁ ବି ବିଚାର କରାଯାଉଛି। ଆମେରିକା ସହ ବାଣିଜ୍ୟିକ ସମ୍ପର୍କକୁ ଭାରତ ଖରାପ କରିବାକୁ ଚାହେଁନାହିଁ। ବଜେଟରେ ସରକାର ଇଲେକ୍ଟ୍ରୋନିକ୍ସ, ବୟନ ସାମଗ୍ରୀ ଏବଂ ପ୍ରିମିୟମ ମୋଟର୍‌ସାଇକେଲ ଭଳି କେତେକ ସାମଗ୍ରୀ ଉପରୁ ଆମଦାନୀ ଶୁଳ୍କ କମାଇଛନ୍ତି। ଏହା ମଧ ଆମେରିକାକୁ ଖୁସି କରିବା ପାଇଁ ଏକ ଉଦ୍ୟମ ବୋଲି କୁହାଯାଇପାରିବ। ବର୍ତ୍ତମାନ ଭାରତ ସରକାର ବିଳାସପୂର୍ଣ୍ଣ କାର, ସୋଲାର ସେଲ୍ ଏବଂ କେମିକାଲ ଆଦି ଉପରେ ଅତିରିକ୍ତ ଟାରିଫ୍ କମାଇବା ପାଇଁ ବିଚାର କରୁଛନ୍ତି। ଆଶଙ୍କା କରାଯାଉଛି ଯେ, ଯଦି ଭାରତ ଆମେରିକୀୟ ସାମଗ୍ରୀ ଉପରେ ଟାରିଫ୍ ନ କମାଏ ତେବେ ଆମେରିକା ଭାରତୀୟ ରପ୍ତାନି ଉପରେ ସମାନ ମାତ୍ରାରେ ଶୁଳ୍କ ଲଦିବ। ପୂର୍ବରୁ ହିଁ ଟ୍ରମ୍ପ ଭାରତର ବାଣିଜ୍ୟ ନୀତିର ସମାଲୋଚନା କରିଆସିଛନ୍ତି। ଆମେରିକୀୟ ରପ୍ତାନିକୁ ଯେପରି ସକାରାତ୍ମକ ପ୍ରତିକ୍ରିୟା ମିଳିବ ସେଥିପାଇଁ 'ରେସିପ୍ରୋକାଲ ଟାରିଫ୍'କୁ ସେ ଜୋର ଦେଇ ଆସିଛନ୍ତି।



ରିପୋର୍ଟ ଅନୁସାରେ, ଆମେରିକାରୁ ଭାରତ ଆସୁଥିବା ୮୦%ରୁ ଊର୍ଦ୍ଧ୍ୱ ସାମଗ୍ରୀରେ ୨୦%ରୁ କମ୍ ଟାରିଫ୍ ଲାଗୁଥିବା ବେଳେ ୨୦ଟି ସାମଗ୍ରୀରେ ୧୦୦%ରୁ ଅଧିକ ଟାରିଫ୍ ଲାଗୁଛି। ଏଲନ୍ ମସ୍କଙ୍କ ଟେସ୍‌ଲା ମଧ ଏହି ଉଚ୍ଚ ଟାରିଫ୍ ଯୋଗୁ ଭାରତକୁ ଆସିପାରିନାହିଁ। ଆମେରିକାରୁ ଆସୁଥିବା ପ୍ରିମିୟମ କାର ଏବଂ ମୋଟର୍‌ସାଇକେଲ ଉପରେ ତଗ୍‌ଡା ଶୁଳ୍କ ଲଗାଉଛି ଭାରତ। ପୂର୍ବ କାର୍ଯ୍ୟକାଳରେ ହାର୍ଲେ-ଡେଭିଡ୍‌ସନ୍ ମୋଟରସାଇକେଲ ଉପରେ ଲାଗୁଥିବା ମୋଟା ଟାରିଫକୁ ସମାଲୋଚନା କରିଥିଲେ ଟ୍ରମ୍ପ। ଆମେରିକାରୁ ଆସୁଥିବା ଇଭିଗୁଡ଼ିକ ଉପରେ ଭାରତ ୧୨୫% ଶୁଳ୍କ ଲଗାଉଛି। ସେଠାରୁ ଆସୁଥିବା ୱାଇନ୍, ହ୍ୱିସ୍କି, ରମ୍ ଏବଂ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଉପରେ ୧୫୦%ର ସର୍ବୋଚ୍ଚ ଟାରିଫ୍ ଲାଗୁଛି। ଆଉ ୪୨ଟି ସାମଗ୍ରୀ ଉପରେ ୬୦ରୁ ୧୦୦% ଟାରିଫ୍ ଲାଗୁଥିବାବେଳେ ୧.୯% ଉତ୍ପାଦରେ ୩୦ରୁ୬୦% ଶୁଳ୍କ ଲାଗୁ ହେଉଛି।

ମୂଲ୍ୟ ହିସାବରେ ଏସବୁ ବର୍ଗରେ ୨୦୨୩-୨୪ରେ ଭାରତକୁ ଆସିଥିବା ମୋଟ ସାମଗ୍ରୀ ମୂଲ୍ୟର ମାତ୍ର ୦.୪%। ତେବେ ଅନୁମାନ କରାଯାଉଛି ଭାରତ ଏହି ବର୍ଗଗୁଡ଼ିକରେ ଟାରିଫ୍ କମାଇପାରେ। ଭାରତକୁ ଆସିଥିବା ୪,୦୦୦ କୋଟି ଡଲାର ମୂଲ୍ୟର ଆମଦାନୀରେ ୮୧.୮% ଏଭଳି ବର୍ଗରେ ଅଛି, ଯେଉଁଗୁଡ଼ିକ ଉପରେ ୧୦% କିମ୍ବା ଏହାଠାରୁ କମ୍ ଟାରିଫ୍ ଲାଗୁଛି। ୧୫% ଏଭଳି ବର୍ଗରେ ରହିଛି, ଯେଉଁଥିରେ ୧୦ରୁ୨୦% ଟାରିଫ୍ ବସୁଛି। ଭାରତର ପ୍ରମୁଖ ରପ୍ତାନି ବଜାର ହେଉଛି ଆମେରିକା। ଦେଶର ମୋଟ ରପ୍ତାନିରେ ଏହାର ଭାଗ ୧୮%, ଯାହାକି ୨୦୨୩-୨୪ରେ ଭାରତର ଜିଡିପିର ୨.୨% ଥିଲା। ଆମେରିକା ସହ ଭାରତର ବାଣିଜ୍ୟ ବଳକା ବଢୁଛି। ଏହା ୨୦୨୪ରେ ପ୍ରାୟ ୩,୮୦୦ କୋଟି ଡଲାରରେ ପହଞ୍ଚିଛି। ଆମେରିକାର ପାଲଟା ଟାରିଫ୍‌କୁ ଏଡାଇବା ପାଇଁ ଭାରତ ଏହା ସହ ସମ୍ଭାବ୍ୟ ବାଣିଜ୍ୟ ଚୁକ୍ତି କରିପାରେ ବୋଲି ଅନୁମାନ କରାଯାଉଛି। ଏହାସହିତ ଅର୍ଥନୈତିକ ସମ୍ପର୍କକୁ ମଜଭୁତ କରିବା ସହ ଭାରତରେ ଆମେରିକୀୟ ଯୋଗାଣ ଶୃଙ୍ଖଳଗୁଡ଼ିକୁ ନିଜ ନିଜ ଅପରେଶନ୍ ଆରମ୍ଭ କରିବା ପାଇଁ ଭାରତ ପ୍ରୋତ୍ସାହିତ କରୁଛି। ଆମେରିକାକୁ ଭାରତ ଇଲେକ୍ଟ୍ରିକାଲ, ଶିଳ୍ପ ଯନ୍ତ୍ରାଂଶ, ଗହଣା ଏବଂ ରତ୍ନପଥର, ଫାର୍ମା, ଇନ୍ଧନ, ଲୁହା ଏବଂ ଇସ୍ପାତ, ବୟନ ସାମଗ୍ରୀ, ଯାନ ଏବଂ କେମିକାଲ ଆଦି ରପ୍ତାନି କରିଥାଏ।



# ଏର୍ଟିଗା କାରର ଦାମ ବଢ଼ାଇଲା ମାରୁତି

**ନୂଆଦିଲ୍ଲୀ, ୧୪।୨:** ଦେଶର ସର୍ବବୃହତ କାର୍ ନିର୍ମାତା ମାରୁତି ସୁଜୁକି ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ଏହାର କାର୍‌ର ମୂଲ୍ୟ ବୃଦ୍ଧି କରୁଛି। ଏବେ କମ୍ପାନୀ ଏହାର ସବୁଠାରୁ ଲୋକପ୍ରିୟ ୭ ସିଟର ଏର୍ଟିଗାର ମୂଲ୍ୟ ବୃଦ୍ଧି କରିଛି। ମାରୁତି ଏର୍ଟିଗାର ମୂଲ୍ୟ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏର୍ଟିଗାକୁ ପେଟ୍ରୋଲ ଏବଂ ସିଏନଜିରେ କିଣାଯାଇପାରିବ। ଏହା ସିଏନଜି ମୋଡ୍‌ରେ ୨୬ କିଲୋମିଟର ପର୍ଯ୍ୟନ୍ତ ମାଇଲେଜ୍ ପ୍ରଦାନ କରେ। ବର୍ତ୍ତମାନ, ଏକ ବଡ଼ ପରିବାର ପାଇଁ ଏର୍ଟିଗା ଏକ ଭଲ ବିକଳ୍ପ। ଆସନ୍ତୁ ଜାଣିବା ଏହି କାରର ମୂଲ୍ୟ ଏବଂ ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ କିଛି ତଥ୍ୟ

ମାରୁତି ସୁଜୁକି ଏର୍ଟିଗାରେ ୧.୫ ଲିଟର ପେଟ୍ରୋଲ ଇଞ୍ଜିନ ଅଛି ଯାହା ୧୦୨ ବିଏଚପି ଏବଂ ୧୩୬.୮ଏନଏମ ଟର୍କ ଉତ୍ପାଦନ କରେ। ଏଥିରେ ୫ ସ୍ପିଡ୍ ମାନୁଆଲ୍ ଏବଂ ଏଏମଟି ଗିଅରବକ୍ସ ଥିବାବେଳେ ସିଏନଜି ବିକଳ୍ପ ମଧ ଉପଲବ୍ଧ। ଏହା ପେଟ୍ରୋଲ ମୋଡ୍‌ରେ ଲିଟର ପିଛା ୨୦.୫୧ କିଲୋମିଟର ମାଇଲେଜ୍ ଦେଇଥାଏ ଯେତେବେଳେ ସିଏନଜିରେ ୨୬ କିଲୋମିଟର ମାଇଲେଜ୍ ଦେଇଥାଏ। ଏହା ସହର ଗାଡି ଚାଳନା ଏବଂ ଦୂର ଯାତ୍ରା ପାଇଁ ଏକ ଉତ୍ତମ କାର।ଏର୍ଟିଗାର ଏକ୍ସ-ସୋରୁମ୍ ମୂଲ୍ୟ ୮.୬୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ବୈଶିଷ୍ଟ୍ୟ ବିଷୟରେ କହିବାକୁ ଗଲେ, ଏଥିରେ ଏକ ୯-ଇଞ୍ଚ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ ଅଛି। ଏଥିରେ ସ୍ମାର୍ଟପ୍ଲେ ପ୍ରୋ ପ୍ରଯୁକ୍ତିବିଦ୍ୟା ଅନ୍ତର୍ଭୁକ୍ତ ଯାହା ଭଏସ୍ କମାଣ୍ଡକୁ ସମର୍ଥନ କରେ। ଏଥିରେ ଏକ ୩୬୦-ଡିଗ୍ରୀ ସରାଉଣ୍ଡ ଭ୍ୟୁ କ୍ୟାମେରା ଅଛି। ସୁରକ୍ଷା ପାଇଁ, ଏଥିରେ ଇବିଡ଼ି ସହିତ ଆଣ୍ଟି ଲକ୍ ବ୍ରେକିଂ ସିଷ୍ଟମ, ଡୁଆଲ୍ ଏୟାରବ୍ୟାଗ୍, ସିଟ୍ ବେଲ୍ଟ ରିମାଇଣ୍ଡର, ସିଟ୍ ବେଲ୍ଟ ପ୍ରି-ଟେନସନର୍, ଲୋଡ୍ ଲିମିଟର ଏବଂ ପଛ ପାର୍କିଂ କ୍ୟାମେରା ଭଳି ବୈଶିଷ୍ଟ୍ୟ ରହିଛି।

